- Vol.- 44, Issue No. 307
- Saturday, 8 February 2025
- ଶନିବାର, ୮ ଫେବୃୟାରୀ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI




ବାରବାଟୀରେ କିଙ୍ଗ୍ କୋହଲିଙ୍କ ଖେଳିବାକୁ ନେଇ ଆଶଙ୍କାରେ କ୍ରିକେଟ୍ ପ୍ରେମୀ


Web: www.dinalipi.com, E-mail: dinalipinews@gmail.com




ରବିବାର ଖେଳାଯିବାକୁ ଥିବା ବାରବାଟୀରେ ଦିନିକିଆ ପାଇଁ ଭାରତ-ଇଂଲଣ୍ଡ ଖେଳାଳି ଭୁବନେଶ୍ୱରରେ । (ଫଟୋ-ଦିନଲିପି)

# ଆଜି ଦିଲ୍ଲୀ ନିର୍ବାଚନ ଫଳାଫଳ



ନୂଆଦିଲ୍ଲୀ,୭।୨: ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ଶନିବାର ଆସିବ । ଏଥର ତ୍ରିକୋଣୀୟ ଲଢ଼େଇ ଆପ୍, ବିଜେପି ଓ କଂଗ୍ରେସ ମଧ୍ୟରେ ହୋଇଛି। ୭୦ ଆସନ ପାଇଁ ୬୯୯ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ। ବହୁ ଏକଜିଟ୍ ପୋଲରେ ବିଜେପି ଏଥର ଜିତିବ ବୋଲି ଆକଳନ କରାଯାଇଛି। ଫଳାଫଳ ପୂର୍ବରୁ ଆମ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ବାସଭବନରେ ସମସ୍ତ ୭୦ ବିଧାୟକ ପ୍ରାର୍ଥୀଙ୍କୁ ନେଇ ଶୁକ୍ରବାର ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଅପରେସନ୍ ଲୋଟସ୍ ଅଭିଯୋଗ ଭିତରେ କେଜ୍ରିଓ୍ୱାଲ ବୈଠକ ଡାକିଥିଲେ । ନିକଟରେ ଆପ୍ ସାଂସଦ ସଂଜୟ ସିଂ ବିଜେପି ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ । ଫଳାଫଳ ପୂର୍ବରୁ ଅପରେସନ୍ ଲୋଟସ୍ ଆରମ୍ଭ ହୋଇଯାଇଥିବା କହିଥିଲେ ସାଂସଦ ସଂଜୟ ସିଂ । ଆପ୍ ବିଧାୟକ ପ୍ରାର୍ଥୀଙ୍କୁ ୧୫ କୋଟିରେ କିଣିବାକୁ ଫୋନ୍ ଆସିବା ଆରମ୍ଭ ହୋଇ ଯାଇଥିବା କହିଥିଲେ ଆପ୍ ସାଂସଦ । ସବୁ ସ୍ତରରେ ଉତ୍ସୁକତା ପ୍ରକାଶ ପାଇଛି ଏଥର ଦିଲ୍ଲୀରେ ବାଜି ମାରିବ କିଏ ?

## ୧୮ ଲକ୍ଷରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ଆଜି 'ସୁଭଦ୍ରା' ଟଙ୍କା

ସୁଭଦ୍ରା

ଭୁବନେଶ୍ୱର,୭।୨: ଶନିବାର ସୁଭଦ୍ରା ଯୋଜନାର ପ୍ରଥମ ପର୍ଯ୍ୟାୟ ଚତୁର୍ଥ କିସ୍ତି ଟଙ୍କା ଯାଜପୁରରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରିବେ । ଏହି ପର୍ଯ୍ୟାୟରେ ୧୮ ଲକ୍ଷରୁ ଅଧିକ ଯୋଗ୍ୟ ମହିଳାଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ । ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ ଯେ, ମହିଳାମାନଙ୍କୁ ଆସନ୍ତା ମାର୍ଚ୍ଚ ୮ରେ 'ସୁଭଦ୍ରା'ର ଦ୍ୱିତୀୟ କିସ୍ତି ଟଙ୍କା ମିଳିବ। ମହିଳାଙ୍କ ବିକାଶ ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ସୁଦ୍ଧା ୮୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇସାରିଲାଣି। ଏଥିରୁ କେହି ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିବେ ନାହିଁ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୭, ଅକ୍ଟୋବର ୯ ଓ ନଭେମ୍ବର ୨୪ ତାରିଖରେ ୩ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ଦିଆ ସରିଛି।

## ୬୩୯୦ ଜଣଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

# ସେବା ମନୋବୃତ୍ତି ନେଇ କାମ କରନ୍ତୁ

ଭୁବନେଶ୍ୱର,୭।୨: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ୬ ହଜାର ୩୯୦ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଧାରଣ ଲୋକ ସରକାରୀ କାର୍ଯ୍ୟାଳୟକୁ ଯେଉଁ କର୍ମଚାରୀଙ୍କ ପାଖରେ କାମ ଥାଏ, ସେଥିପାଇଁ ବହୁତ ଆଶା ବାନ୍ଧି ଆସିଥାନ୍ତି। ତାହା ଏହା ଏବେ ଆପଣଙ୍କ ହାତରେ। ତାଙ୍କ କାମ କେମିତି ହେବ ସେଥି ନେଇ ସେ ଅନୁରୋଧ କରିବେ। ସେତେବେଳେ ଲୋକଙ୍କ ପାଇଁ କାମ କରିବା ଆପଣଙ୍କ ଶ୍ରେୟ ହେବ। ତୃଣମୂଳସ୍ତରର ସବୁ ଭାର ଏବେ ଆପଣଙ୍କ କାନ୍ଧରେ । ସେବା ମନୋବୃତ୍ତି ନେଇ କାମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଦେଶର ଉନ୍ନତି ପାଇଁ ୧୮ ଘଣ୍ଟାରୁ ଅଧିକ ସମୟ କାମ କରୁଛନ୍ତି। ସେ ଦେଶବାସୀଙ୍କ ସେବା କରୁଛନ୍ତି। ତାଙ୍କ ନେତୃତ୍ୱରେ ଓଡ଼ିଶା ସରକାର ନିରନ୍ତର କାମ କରୁଛନ୍ତି। ମୁଁ ନୂଆବର୍ଷରେ ନେଇଥିବା ସମୀକ୍ଷା ବୈଠକରେ ଖାଲି ଥିବା ପଦବି ପୂରଣ ନେଇ କହିଥିଲି। ନିର୍ବାଚନ ସମୟରେ ଆମେ ଘୋଷଣା ପତ୍ରରେ ସରକାରୀ କ୍ଷେତ୍ରରେ ୧ ଲକ୍ଷ ୫୦ ହଜାର ନିଯୁକ୍ତି କରାଯିବ ବୋଲି କହିଥିଲୁ। ଗତ ୭ ମାସ ଭିତରେ ୭ ଥର ନିଯୁକ୍ତି ମେଳାର ଆୟୋଜନ କରି ୨୬ ହଜାରରୁ ଅଧିକ ନିଯୁକ୍ତି ଦିଆଯାଇଛି। ଆଜି ୯ ବିଭାଗରେ ୬୩୦୦ରୁ ଅଧିକ ନିଯୁକ୍ତି ଦିଆଯାଇଛି। ଭଲ ଅଫିସର ହେବାକୁ ନବନିଯୁକ୍ତିଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଭଲ ଲୋକଙ୍କୁ ପୁରସ୍କାର ଓ ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ଛାଡ଼ିବେ ନାହିଁ। ଏବେ ଆପଣ ଦେଖୁଥିବେ ଜଣେ ଅଧିକାରୀଙ୍କ ଘରୁ ୨ କୋଟି ବାହାରିଲାଣି। ଦୁର୍ନୀତି ନିବାରଣ ବିଭାଗ କେବେ କେଉଁଠି ପହଞ୍ଚିବେ କେହି ଜାଣି ପାରିବେ ନାହିଁ। କ୍ୟାପିଟାଲ ହାଇସ୍କୁଲ ପଡିଆରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୂତନ ଭାବେ ମନୋନୀତ ହୋଇଥିବା ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ନୂତନ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ମିଳିଛି।



- ➔ ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ଛାଡ଼ିବେ ନାହିଁ ଆମ ସରକାର
- ➔ ୭ ମାସରେ ୨୬ ହଜାରରୁ ଅଧିକ ନିଯୁକ୍ତି ଦିଆଯାଇଛି


DSPL-380



# ସୁଭଦ୍ରା

କଥା ଦେଇ କଥା ରଖିଲେ ଆମ ସରକାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀ ଙ୍କ
କରକମଳରେ
ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ
୧୮ ଲକ୍ଷରୁ ଊର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ



୯୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

୦୮ ଫେବୃଆରୀ ୨୦୨୫ | ଯାଜପୁର

OIPR-33001/13/0072/2425

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର ୧୪୬୭୮

# ପିତୃଦୋଷ

ଯଦି କୌଣସି ବ୍ୟକ୍ତି ପିତୃ ଦୋଷରେ ପୀଡିତ ହୋଇଥାନ୍ତି, ତାଙ୍କୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ରୋଗ ବ୍ୟାଧି ଲାଗି ରହିବା ସହ ତାଙ୍କୁ କଠିନ ପରିଶ୍ରମ ସତ୍ତ୍ୱେ କ୍ୟାରିୟରରେ ସଫଳତା ମିଳେ ନାହିଁ । ପୌରାଣିକ ବିଶ୍ୱାସ ଅନୁଯାୟୀ, ଯେପରି ଈଶ୍ୱରଙ୍କ କୃପା ବିନା କେହି ଜୀବନରେ ଅଗ୍ରଗତି କରିପାରିବେ ନାହିଁ, ସେହିଭଳି ଯଦି କୌଣସି ବ୍ୟକ୍ତିଙ୍କ ଉପରେ ପୂର୍ବପୁରୁଷମାନେ କ୍ରୋଧିତ ଥାଆନ୍ତି, ତେବେ ତାଙ୍କର ସମସ୍ତ କାର୍ଯ୍ୟରେ ବାଧା ଉପୁଜେ। ପିତୃ ଦୋଷ ଥିଲେ, ଏଥିରୁ ମୁକ୍ତି ପାଇବା ଅତ୍ୟନ୍ତ ଜରୁରୀ। ପ୍ରାୟତଃ ଲୋକମାନେ ପିତୃ ଦୋଷରୁ ମୁକ୍ତି ପାଇବା ପାଇଁ ସେମାନଙ୍କ ପୂର୍ବପୁରୁଷମାନଙ୍କ ପାଇଁ ପିଣ୍ଡ ଦାନ ଶ୍ରାଦ୍ଧ କାମ ଆଦି କରନ୍ତି। କିନ୍ତୁ ଏହା ପଛର କାରଣ ଜାଣି ପାରନ୍ତି ନାହିଁ ଯେ ପିତୃ ଦୋଷ କାହିଁକି ଲାଗେ ? ଧାର୍ମିକ



ବିଶ୍ୱାସ ଅନୁଯାୟୀ ପିତୃ ଦୋଷ ଛୋଟ ଛୋଟ ଭୁଲ ଯୋଗୁଁ ମଧ୍ୟ ଲାଗିପାରେ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଯଦି ଘରର ସଦସ୍ୟଙ୍କ ଅକାଳରେ ମୃତ୍ୟୁ ହୁଏ ଏବଂ ତାଙ୍କର ଶେଷ ରୀତିନୀତି କିମ୍ବା ତର୍ପଣ ସଠିକ୍ ଭାବରେ କରାଯାଇନଥାଏ, ତେବେ ତାଙ୍କର ଆତ୍ମା ଘୂରି ବୁଲେ ଏବଂ ପରଲୋକରେ ଆତ୍ମାକୁ ଯନ୍ତ୍ରଣା ଭୋଗିବାକୁ ପଡେ। ତାଙ୍କ ମନର ଦୁଃଖ ଓ ଅସନ୍ତୋଷ ହେତୁ ଘରର ମୁଖ୍ୟଙ୍କୁ ପିତୃଦୋଷର ସାମ୍ନା କରିବାକୁ ପଡେ। ପିତୃ ଦୋଷର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ଯେତେବେଳେ କୌଣସି ବ୍ୟକ୍ତିଙ୍କ ଜନ୍ମ କୁଣ୍ଡଳୀରେ ଦ୍ୱିତୀୟ ଘରେ, ଅଷ୍ଟମ ଘର ଏବଂ ଦଶମ ଘରେ ସୂର୍ଯ୍ୟଙ୍କ ସହିତ କେତୁ ରହିଥାନ୍ତି। ଏହି ସ୍ଥିତିରେ ପିତୃ ଦୋଷ ଲାଗିଥାଏ। ଯଦି ପିତୃ ଦୋଷରୁ ମୁକ୍ତି ପାଇବା ପାଇଁ ଉପାୟ କରାନଯାଏ, ତେବେ ଏହା ପିଢିପିଢ଼ି ଧରି ଚାଲିଥାଏ।

# ମା'ଙ୍କ ନାଁରେ କରାଯାଏ ସନ୍ତାନଙ୍କ ନାମକରଣ

ଆମ ପୃଥିବୀରେ ଏମିତି ଅନେକ ଆଶ୍ଚର୍ଯ୍ୟ କଥା ରହିଛି ଯାହାକି ଅନେକଙ୍କୁ ଆଶ୍ଚର୍ଯ୍ୟ କରେ । ଅନେକ ବିଶ୍ୱାସ ମଧ୍ୟରେ ରହିଛି ସନ୍ତାନ ପ୍ରାପ୍ତି । ଏମିତି କଥା ଶୁଣିବାକୁ ମିଳେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ତୁରୁବୁଡି ପଂଚାୟତର ନୂଆଗଡ଼ ଗାଁ ରେ ଥିବା କୁରେଇଶୁଣୀ ଶକ୍ତିପୀଠରେ । ଯେଉଁମାନେ ସନ୍ତାନ ଆଶା ନେଇ ମାଁ ଙ୍କ ନିକଟକୁ ଯାଆନ୍ତି ମା'ଙ୍କ ହୁକୁମ ପରେ ଫଳ ଦିଅନ୍ତି ଜାନି, ସନ୍ତାନ ହେବା ପରେ କୁରା, କୁରି ଏପରି ନାମକରଣ କରିଥାନ୍ତି ସନ୍ତାନ ପ୍ରାପ୍ତି ହୋଇଥିବା ପରିବାର। ଚାଳିଶ ବର୍ଷ ହେଲା ମା'ଙ୍କ ନିକଟକୁ ଆସୁଛି । ଆମର ସବୁ କିଛି ଏଇ କୁରେଇଶୁଣୀ ମା। ଗାଡ଼ି ଦୋକାନ ସବୁ କିଛି ତାଙ୍କରି ନା'ରେ । ସନ୍ତାନ ପାଇଛି ତାଙ୍କରି ଦୟାରେ ତେଣୁ ପୁଅର ନା' ବି ରଖିଛି କୁରେସୁ । ପୁଅ ବାହାଘର କରିବି ତେଣୁ ମାଙ୍କୁ ନିମନ୍ତ୍ରଣ ଦେଲି ବୋଲି କୋହଭରା କଣ୍ଠରେ କହୁଛନ୍ତି ବ୍ରହ୍ମପୁରର ପର୍ଶୁରାମ ସାହୁ । ସେହିପରି ବ୍ରହ୍ମପୁରର କିରଣ କୁମାର ସାହୁ କହନ୍ତି, ମା'ଙ୍କ ସନ୍ତାନ ହେଉଛି ମୁଁ । ବାପା ଏଠାକୁ ୪୫ ବର୍ଷ ତଳେ ଆସି ଫଳ ପ୍ରାପ୍ତି ହେବା ପରେ ମୋର ଜନ୍ମ ବୋଲି କହନ୍ତି କିରଣ । ମା ହେଉଛନ୍ତି ଅଭୟ ଦାୟିନୀ ଯିଏ ଡାକିଛି ତାର ସବୁ ଦୁଃଖ ହରଣ କରିଛନ୍ତି । ଯେବେ ରାସ୍ତା ନ ଥିଲା ଚାଲି ଚାଲି ଲୋକ ଆସୁଥିଲେ । କେବଳ ଗଞ୍ଜାମ ନୁହେଁ ସାରା ରାଜ୍ୟର ଅନେକ ଭକ୍ତଙ୍କ ଡାକ ଶୁଣିଛନ୍ତି ମାଁ ବୋଲି କହନ୍ତି ଗ୍ରାମବାସୀ । ଲୋକକଥାରୁ ଶୁଣିବାକୁ ମିଳେ ସୂରିଙ୍ଗି ରାଜାଙ୍କ ଇଷ୍ଟ ଦେବୀ । ଗଜପତି ଜିଲ୍ଲା ରାମଗିରିରୁ ଜଣେ ଗୌଡ଼ ପୁରୀ ଯାଇ ଫେରୁଥିବା ବେଳେ ମା' ଙ୍କୁ ଗଞ୍ଜାମ ଋଷିକୂଲ୍ୟା ନଦୀ କୂଳରେ ପାଇଥିଲେ । ତାଙ୍କୁ ଆଣି ଗାଁ ନିକଟରେ ରଖିଥିଲେ । ରହସ୍ୟ କ୍ରମରେ ନୂଆଗଡ଼ ଗାଁ ର ପୂର୍ବ ଜାନି ବଂଶଧରର ଜଣେ ବୁଢା ପିତଳ କନ୍ଦା ଖୋଳୁଥିବା ବେଳେ ମା'ଙ୍କ ସହ ଭେଟ ହୁଏ ଏବଂ ଆସିବାକୁ ଇଚ୍ଛା ପ୍ରକାଶ





କରନ୍ତି କିନ୍ତୁ ରାଜାଙ୍କ ବିନା ଏହା କିପରି ସମ୍ଭବ । ତେଣୁ ରାଜାଙ୍କୁ ସ୍ୱପ୍ନରେ କହିବା ପରେ ରାଜା ଗଲେ ଆଣିବାକୁ କିନ୍ତୁ ପଛକୁ ଫେରି ଚାହିଁବ ନାହିଁ ବୋଲି ଥିଲା ସର୍ତ୍ତ । ଯାଉଯାଉ ଆଉ କୌଣସି ଶବ୍ଦ ଶୁଭିଲା ନାହିଁ ପଛକୁ ଚାହିଁ ଦେଲେ ଆଉ ମା ରହିଗଲେ ଏହି ସ୍ଥାନରେ ବୋଲି କହନ୍ତି ଜାନି । ମା' ଙ୍କ ଆଶ୍ୱିନ ମାସରେ ଯାତ୍ରା ହୁଏ । କଣ୍ଟା ଦୋଳି, ନିଆଁରେ ଚାଲିବା, ମୁଗ ଭାଜିବା ଏପରି ଅନେକ ଆଶ୍ଚର୍ଯ୍ୟ କାମ ହୁଏ । ସନ୍ତାନ ଆଶା ନେଇ ଯେଉଁ ମାନେ ଆସନ୍ତି ମା'ଙ୍କ ହୁକୁମ ହେଲେ ଜାନିଙ୍କୁ ପ୍ରସନ୍ନ ହୋଇ କହନ୍ତି ଜାନି । ଶନିବାର ଏବଂ ମଙ୍ଗଳବାରରେ ଭକ୍ତଙ୍କ ଭିଡ଼ ହୋଇଥାଏ । ସନ୍ତାନ ପ୍ରାପ୍ତି ହେବା ପରେ ପିଲାଙ୍କୁ ଆଣି ମୁଣ୍ଡନ କରିଥାନ୍ତି ପରିବାର । ଏମିତି ଅନେକ ମା'ଙ୍କ ସନ୍ତାନ ରାଜ୍ୟରେ ଅନେକ ସ୍ଥାନରେ ଅଛନ୍ତି ବୋଲି କହିଛନ୍ତି ଜାନି । ମା'ଙ୍କ ପିଞ୍ଚ ମୁଠା ରେ ଅନେକ ଶକ୍ତି ରହିଥିବା ବିଶ୍ୱାସ ଥିବା ଯୋଗୁଁ ଝାଡ଼ି ଦେଲେ ଆନନ୍ଦ ମିଳେ ବୋଲି ବିଶ୍ୱାସ ରହିଛି ।

# କୃଷ୍ଣଜନ୍ମ ପରର କଥା

ଭଗବାନଙ୍କ ନିର୍ଦ୍ଦେଶରେ ବସୁଦେବ ନବଜାତ କୃଷ୍ଣଙ୍କୁ ନେଇ ନନ୍ଦ ଓ ଯଶୋଦାଙ୍କ ଘରେ ଦେଇ ସେଠାରୁ ନବଜାତ କନ୍ୟା ଯୋଗମାୟାଙ୍କୁ ପାଲଟାଇ ଆଣିଥିଲେ। କଂସ ସେହି କନ୍ୟାଙ୍କୁ ପଥରରେ ପିଟି ହତ୍ୟା କରିବାକୁ ଉଦ୍ୟମ କରିବା ବେଳେ, ସେ କଂସ ହାତରୁ ଖସିଯାଇ ତାକୁ ଚେତାବନୀ ଦେଇଥିଲେ ଯେ ଚକ୍ରଧର ତାକୁ ମାରିବେ, ଏହା ନିର୍ଧାର୍ଯ୍ୟ। ଏହା ଅନ୍ୟଥା ହେବ ନାହିଁ। ତାହା ଶୁଣି କଂସର ମନରେ ଭାବାନ୍ତର ଜାତ ହୋଇଥିଲା। ଛଅ ଭଣଜାଙ୍କୁ ହତ୍ୟା କରିଥିବାରୁ ସେ ପଶ୍ଚାତ୍ତାପ ବି କରିଥିଲା। ସେଥିପାଇଁ ଭଉଣୀ-ଭିଣୋଇ ଦେବକୀ-ବସୁଦେବଙ୍କୁ ସେ କ୍ଷମା ମଧ୍ୟ ମାଗିଥିଲା। ମାତ୍ର ପରଦିନ ସକାଳେ ଅନୁଚର ଅସୁରଗଣଙ୍କ ସହ ଆଲୋଚନା କରିବା ପରେ କଂସର ମନୋଭାବ ପୁଣି ବଦଳି ଗଲା। ଅନୁଚରମାନେ ତାକୁ କହିଲେ- ଆମକୁ ଆଜ୍ଞା ଦିଅ। ଆମେ ଚାରିଆଡ଼େ ବୁଲି ଦିନକ ଠାରୁ ଆରମ୍ଭ କରି ସବୁ ଶିଶୁଙ୍କୁ ହତ୍ୟା କରିଦେବୁ। ଯେ ଶତ୍ରୁ ତାକୁ ବାଳକ କାଳରୁ ମାରିପକାଇବା ଉଚିତ। ତା' ନହେଲେ ଶରୀରର ବ୍ୟାଧି ପରି ତାହା ଦିନକୁ ଦିନ ବଢ଼ି ଚାଲିବ। ସେମାନଙ୍କ କଥା ଶୁଣି କଂସର ମନୋଭାବ ପୁଣି ବଦଳି ଗଲା।



# ଦୂର ହେବ ଆର୍ଥିକ ସମସ୍ୟା



ସନାତନ ଧର୍ମରେ, ଗଛ-ଲତାକୁ ଦିବ୍ୟ ଶକ୍ତିର ଉତ୍ସ ଭାବରେ ବିବେଚନା କରାଯାଏ । ଏଥିସହ ଅନେକ ଗଛକୁ ବାସ୍ତୁଶାସ୍ତ୍ରରେ ପବିତ୍ର ବୋଲି ବିବେଚନା କରାଯାଏ । ସେହି ଗଛ ଗୁଡ଼ିକୁ ଘରେ ଲଗାଇବା ଓ ପୂଜା କରିବା ଦ୍ୱାରା ସୁଖ ଏବଂ ସମୃଦ୍ଧ ମିଳିଥାଏ । ତେବେ ସେଥିମଧ୍ୟରୁ ଶାମି ଗଛ ଅନ୍ୟତମ । ଶାମି ଗଛ କେବଳ ଧାର୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଏହା ଔଷଧୀୟ ଗୁଣରେ ମଧ୍ୟ ପରିପୂର୍ଣ୍ଣ । ଏହି ଗଛଟି ଭଗବାନ ଶିବ ଏବଂ ଶନି ଦେବଙ୍କ ସହ ଜଡିତ, ତେଣୁ ଏହାକୁ ଘରେ ସୁଖ, ସମୃଦ୍ଧି ଏବଂ ଶାନ୍ତି ପାଇଁ ଲଗାଯାଏ । ଶିବ ପୁରାଣରେ ଶାମି ଗଛର ଅନେକ ଉପଚାର ବିଷୟରେ ବର୍ଣ୍ଣିତ ହୋଇଛି। ତେବେ ଜାଣିବା ଶାମି ଗଛ ସହିତ ଜଡିତ କିଛି ଉପଚାର ବିଷୟରେ। ରୋଗରୁ ମୁକ୍ତି:ଯଦି ଆପଣ ବହୁଦିନ ଧରି କୌଣସି ରୋଗରେ ପୀଡିତ ଅଛନ୍ତି, ତେବେ ପାଣିରେ କ୍ଷୀର ମିଶାଇ ଶାମି ଗଛକୁ ଅର୍ପଣ କରନ୍ତୁ । ଏହି ସମୟରେ 'ଅବଧୂତେଶ୍ୱର ମହାଦେବ'ଙ୍କ ନାମ ଜପ କରନ୍ତୁ । ଆର୍ଥିକ ଲାଭ ପାଇଁ:ଶନିବାର ଦିନ, ସକାଳେ ସ୍ନାନ କରିବା ପରେ, ଶାମି ଗଛକୁ ପୂଜା କରନ୍ତୁ । ଏହାର ଗୋଟିଏ ପତ୍ର ଆଣି ଆପଣଙ୍କ ପର୍ସରେ ରଖନ୍ତୁ । ଏହା ଆପଣଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ ଏବଂ ଆର୍ଥିକ ଲାଭର ସମ୍ଭାବନା ସୃଷ୍ଟି କରିଥାଏ । ଋଣରୁ ମିଳିବ ମୁକ୍ତି: ଯଦି ଆପଣ ବହୁତ ଦିନ ଧରି ଋଣ ସମସ୍ୟାରେ ବୁଡ଼ି ରହିଛନ୍ତି, ତେବେ ଶନିବାର ଶାମି ଗଛକୁ ବିଧିପୂର୍ବକ ପୂଜା କରନ୍ତୁ। ଏହି ସମୟରେ, ଶାମି ଗଛ ପାଖରେ କଳା ବିରି ଏବଂ ରାଶି ଅର୍ପଣ କରନ୍ତୁ । ଶନି ଦେବଙ୍କ ଆଶୀର୍ବାଦ:ସୋମବାର କିମ୍ବା ଶନିବାର ଦିନ ଶାମି ଗଛର ଡାଳରେ ଲାଲ ଓ ହଳଦିଆ ରଙ୍ଗମିଶା ସୂତା ବାନ୍ଧନ୍ତୁ । ଏହି ଉପାୟ କରିବା ଦ୍ୱାରା ଶନିଦେବ ପ୍ରସନ୍ନ ହୁଅନ୍ତି ଏବଂ ତାଙ୍କର ଆଶୀର୍ବାଦ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ ।

# କର୍ଣ୍ଣଭେଦ ସଂସ୍କାର

**ଶିଶୁକୁ ୩ ବର୍ଷରୁ ୫ ବର୍ଷ ମଧ୍ୟରେ କର୍ଣ୍ଣଭେଦ ସଂସ୍କାର ବା କାନ ଫୋଡ଼ା ଯାଇଥାଏ । ମୃଗଶିରା, ରେବତୀ, ଚିତ୍ରା, ଅନୁରାଧା, ହସ୍ତା, ଧନିଷ୍ଠା ଆଦି ନକ୍ଷତ୍ର ମଧ୍ୟରୁ ଗୋଟିଏ ନକ୍ଷତ୍ର ଦିନ କର୍ଣ୍ଣଭେଦ କରିବା ଉଚିତ। ଆଭୂଷଣ ପରିଧାନ ସକାଶେ କାନରେ ପଥ ପରିଷ୍କାର ହୋଇଥାଏ । ବିଶେଷ କରି କନ୍ୟାମାନଙ୍କୁ ଏ କର୍ମ କରାଯାଇଥାଏ । ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ରାହୁକେତୁ ଦଶାକୁ ମଧ୍ୟ ଶାନ୍ତ କରିଥାଏ ।**

# ମାନବ ସେବା ହିଁ ମାଧବ ସେବା




ଥରେ ଜଣେ ସାଧୁ ସ୍ୱପ୍ନ ଦେଖିଲେ । ତାଙ୍କ ସ୍ୱପ୍ନରେ ଜଣେ ଦେବଦୂତ ଆସିଛନ୍ତି । ଦେବଦୂତଙ୍କୁ ହାତରେ ଏକ ସୂଚୀ ରହିଛି । ସେଥିରେ କିଛି ଲୋକଙ୍କ ନାମ ଲେଖାଯାଇଛି । ସନ୍ଥ ପଚାରିଲେ, "ମହାଭାଗ ! ଆପଣଙ୍କ ହାତରେ କି ସୂଚୀ ରହିଛି, ସେଥିରେ କାହା ନାମ ଲେଖାଯାଇଛି । ଦେବଦୂତ କହିଲେ, "ଏଥିରେ ସେହି ଲୋକମାନଙ୍କ ନାମ ଅଛି, ଯେଉଁମାନେ ଈଶ୍ୱରଙ୍କୁ ଭଲ ପାଆନ୍ତି ।" ସନ୍ଥ କହିଲେ, "ତା'ହେଲେ ଏହି ସୂଚୀରେ ନିଶ୍ଚୟ ମୋ ନାମ ରହିଥିବ ।" ଦେବଦୂତ ମନା କଲେ । ସନ୍ଥଙ୍କ ମନ ଉଦାସ ହୋଇଗଲା । ସେ ଦେବଦୂତଙ୍କୁ କହିଲେ, "ମୁଁ ତ' ଭଗବାନଙ୍କୁ ଭଲ ପାଏ । ତାଙ୍କୁ ପୂଜା କରେ । ଦିନ ସାରା ଦୁଃଖୀ ଦରିଦ୍ରଙ୍କ ସେବା କରିବା ପରେ ଯେଉଁ ସମୟ ମିଳେ, ସେଥିରେ ମୁଁ ଭଗବାନଙ୍କ ଉପାସନା କରେ" । ସନ୍ଥଙ୍କ ନିଦ୍ରା ଭଙ୍ଗ ହେଲା । ପରଦିନ ସକାଳେ ଜଣେ ବନ୍ଧୁଙ୍କୁ ଭେଟିବା ବେଳେ ସନ୍ଥ କହିଲେ, "ହୁଏତ ଜନସେବା ଓ ଭଗବାନଙ୍କ ଉପାସନାରେ କେଉଁଠି ତ୍ରୁଟି ରହିଯାଇଛି ।" ବନ୍ଧୁଜଣକ ଏହାର କାରଣ ପଚାରିବା ପରେ ସନ୍ଥ ପୂର୍ବ ରାତିର ସ୍ୱପ୍ନ କଥା କହିଲେ । ପରଦିନ ସନ୍ଥଙ୍କ ସ୍ୱପ୍ନରେ ପୁଣି ସେଇ ଦେବଦୂତ ଆସିଥିଲେ । ଏଥର ତାଙ୍କ ହାତରେ ଆଉ କିଛି ଲୋକଙ୍କ ନାମ ତାଲିକା ରହିଥିଲା । ସନ୍ଥ ପଚାରିଲେ "ଏଥିରେ କେଉଁମାନଙ୍କ ନାମ ଅଛି" ? ଦେବଦୂତ କହିଲେ, "ଈଶ୍ୱର ଯେଉଁମାନଙ୍କୁ ଭଲ ପାଆନ୍ତି" । ସନ୍ଥ କହିଲେ, "ତା'ହେଲେ ନାମସୂଚୀକୁ ନେଇ ସେହି ଲୋକମାନଙ୍କ ପାଖକୁ ଯାଆନ୍ତୁ, ମୋ ପାଖକୁ କାହିଁକି ଆସିଛନ୍ତି ।" ଦେବଦୂତ କହିଲେ, "ଏହି ତାଲିକାରେ ଆପଣଙ୍କ ନାମ ସବା ଉପରେ ଅଛି ।" ଏଥର ଦେବଦୂତ କହିଲେ, "ଭଗବାନଙ୍କୁ ଭଲ ପାଇବା ଲୋକ ତ' ଅନେକ ଅଛନ୍ତି, ହେଲେ ଭଗବାନ ସେହିମାନଙ୍କୁ ଭଲ ପାଆନ୍ତି, ଯେଉଁମାନେ ପୂଜାପାଠରେ ଅଧିକ ସମୟ ଅପଚୟ ନ କରି ମାନବ ସେବାକୁ ମାଧବ ସେବା ଭାବେ ଗ୍ରହଣ କରିଥାନ୍ତି ।



# ସମଗ୍ର ବିଶ୍ୱରେ ହ୍ରାସ ପାଉଛି ବିବାହ ହାର

***ବର୍ତ୍ତମାନର ଯୁବଗୋଷ୍ଠୀ ତଥାକଥିତ ବିବାହ ପରମ୍ପରାରୁ ବାହାରି କିଛି ନୂଆ କରିବା ଆଶାରେ ବିବାହ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ସମଗ୍ର ବିଶ୍ୱରେ ଶିଶୁ ଜନ୍ମ ହାରରେ ଅନେକ ଅନିୟମିତତା ପରିଲକ୍ଷିତ ହେଉଛି।***

ବିବାହ ସାତ ଜନ୍ମକୁ ସାଥି ହେବାର ଏକ ପ୍ରଥାଗତ ପ୍ରମାଣ ପତ୍ର। ଏଥିରେ ମନ ମିଶେ ଆଉ ହୃଦୟର ମିଳନ ହୁଏ ଦୁଇ ଜଣଙ୍କ ଭିତରେ। ବେଦୀ ଉପରେ ସେ ବରକନ୍ୟା ସମାଜ ଆଗରେ ଦମ୍ପତି। ଏ ସମଗ୍ର ଧାରା କାହା ପାଇଁ ରୀତିନୀତି, କାହାପାଇଁ ନିକହ ତ ଆଉ କିଏ କହେ ଟ୍ରାଡିସନ। କିନ୍ତୁ ଯୁଗ ବଦଳୁଛି। ବାଉଁଶ ଉପରେ ଜାମୁକୋଳି ଡାଳ ବାନ୍ଧି ମାଟି ଅଗଣାରେ ବେଦିବନ୍ଧାର ସେ ଚିତ୍ରକୁ ଲିଭେଇଦେଇଛି ଆଜିକାଲିର ଲାଇଟ ସାଉଣ୍ଡ ଆଉ ଡିଜେ। ଖାଲି ସେତିକି ନୁହେଁ ବିବାହକୁ ନେଇ ଲୋକଙ୍କ ମାନସିକତାରେ ଆସିଛି ପରିବର୍ତ୍ତନ। କାହା ପାଇଁ ଏହା ଏକ ଫାର୍ସ ତ ଆଉ କାହା ପାଇଁ ୱେଷ୍ଟ ଅଫ ଟାଇମ। ବର୍ତ୍ତମାନ ସମୟରେ ଯୁବଗୋଷ୍ଠୀ ବିବାହକୁ ନେଇ ମୁହଁ ମୋଡୁଥିବା ଦେଖାଯାଇଛି।

### ୧. ବିବାହ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ଯୁବ ଗୋଷ୍ଠୀ:-

ଚଳିତ ଦିନ ମାନଙ୍କରେ ବିଶ୍ୱର ପ୍ରାୟ ଯୁବଗୋଷ୍ଠୀ ମାନଙ୍କ ମଧ୍ୟରେ ବିବାହ କରିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ବର୍ତ୍ତମାନର ଆଧୁନିକ ଜୀବନଶୈଳି ଏହାର ପ୍ରମୁଖ କାରଣ ଭାବେ ଉଭା ହୋଇଛି। ସମୟ ସହ ତାଳ ଦେଇ ଚାଲିବା ପାଇଁ ଯୁବଗୋଷ୍ଠୀ ମାନେ ପ୍ରଥମେ ବ୍ୟକ୍ତିଗତ ବିକାଶ, କ୍ୟାରିୟରରେ ସଫଳତା ଓ ଅଭିଜ୍ଞତା ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ଏହି ସବୁ ଭିତରେ ବିବାହ ପାଇଁ କେହି ଇଚ୍ଛା ପ୍ରକାଶ କରୁନଥିବା ଏକ ସର୍ଭେରୁ ଜଣା ପଡିଛି।



### ୨. ବିବାହ ଭାଙ୍ଗିଯିବାର ଭୟ:-

ସମ୍ପ୍ରତି ପରିସ୍ଥିତିରେ ସମଗ୍ର ବିଶ୍ୱରେ ସର୍ବାଧିକ ବିବାହ ବିଚ୍ଛେଦର ହାର ରହିଛି। ଏହାକୁ ଦୃଷ୍ଟିରେ ରଖି ବହୁ ଯୁବକଯୁବତୀ ବିବାହ କରିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି। ଏହା ସହ ଅନେକ ଯୁବଗୋଷ୍ଠୀଙ୍କ ପିତାମାତାମଧ୍ୟ ବୈବାହିକ ଜୀବନକୁ ନେଇ ଖୁସି ନାହାନ୍ତି। ଯାହାକୁ ଦେଖି ଯୁବଗୋଷ୍ଠି ବିବାହରୁ ମୁହଁ ଫେରାଉଛନ୍ତି ବୋଲି କୁହାଯାଉଛି।

### ୩. ବିବାହ ପରେ ଆର୍ଥିକ ଅସ୍ଥିରତାକୁ ନେଇ ଚିନ୍ତା:-

ବର୍ତ୍ତମାନର ସମୟରେ ବିଶ୍ୱର ସମସ୍ତ ଯୁବଗୋଷ୍ଠୀ ଟଙ୍କା କମେଇବା ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ସମୟ ସହ ତାଳ ଦେଇ ଆଧୁନିକତାରେ ଚଳିବା ପାଇଁ ବହୁ ଅର୍ଥର ଆବଶ୍ୟକତା ରହିଛି। ଯାହା ପାଇଁ ଯୁବଗୋଷ୍ଠୀ ଋଣ ନେଇ ନିଜର ଆବଶ୍ୟକତାକୁ ପୂରଣ କରୁଛନ୍ତି। ପରେ ଧୀରେଧୀରେ ଋଣ ସୁଝିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ବିବାହ ପରେ କାନ୍ଧରେ ଆଉ ଜଣଙ୍କ ଭାର ବଢିଯିବା ଭୟରେ ଯୁବଗୋଷ୍ଠୀ ପ୍ରଥମେ ସ୍ଥିରତା ଓ ପରେ ବିବାହ କରିବାକୁ ଚିନ୍ତା କରୁଛନ୍ତି।



## ସବୁଜ ଶକ୍ତି କ୍ଷେତ୍ରରେ ଯୁବପିଢିଙ୍କୁ ସଶକ୍ତ କରୁଛି ଟିପିଏସ୍ଓଡିଏଲ୍



ବ୍ରହ୍ମପୁର,: ସବୁଜ ଶକ୍ତି ଏବଂ ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ 'ହାଉସହୋଲ୍ଡ ସୋଲାର ଚାମ୍ପିଅନ' ଶୀର୍ଷକ ସାର୍ଟିଫିକେଟ କୋର୍ସ ଆରମ୍ଭ କରିଛି। ଏଥିରେ ଯୁବପିଢିଙ୍କୁ ସୌର ଶକ୍ତି ସମ୍ବନ୍ଧୀୟ ଦକ୍ଷତା ପ୍ରଦାନ କରାଯିବ। ଗଞ୍ଜାମ ଜିଲ୍ଲାର ଆସିକା ସ୍ଥିତ ନଳବନ୍ତ ପୁରୁଣା ପଞ୍ଚାୟତ ଭବନରେ ଉଦ୍‌ଘାଟନୀ ସେସନ୍ ଅନୁଷ୍ଠିତ ହୋଇଛି।

ଏହି ପଦକ୍ଷେପରେ ଟିପିଏସ୍ଓଡିଏଲର ପ୍ରୋଜେକ୍ଟ ପାର୍ଟନର 'ପ୍ରଥମ' ଦ୍ୱାରା ସୋଲାର ସିଷ୍ଟମର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ତାଲିମ ଦିଆଯାଉଛି। ଫଳରେ ଯୁବପିଢି ଦକ୍ଷ ହେବା ସହ ତୃଣମୂଳସ୍ତରରେ ଅକ୍ଷୟ ଶକ୍ତି ଆପଣାଇବାରେ ସହାୟକ ହୋଇପାରିବେ। ପ୍ରଥମ ବ୍ୟାଚରେ ୨୦ ଜଣ ଛାତ୍ରଛାତ୍ରୀ ଘରୋଇ ସୋଲାର ସିଷ୍ଟମ ସଂସ୍ଥାପନ ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ତାଲିମ ନେବେ। ସ୍ୱଚ୍ଛ ଶକ୍ତି ଦିଗରେ ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ଆଧାରରେ ଏହି ପଦକ୍ଷେପ ସୌର ଶକ୍ତିକୁ ପ୍ରୋତ୍ସାହିତ କରୁଅଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଆସିକା ଡିଭିଜନ -୧ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗତଜିତ୍ ଦାସ ମହାପାତ୍ର, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପ୍ରଧାନ, ନଳବନ୍ତ ସରପଞ୍ଚ କେସି ପ୍ରଧାନ ଏବଂ ଟିପିଏସ୍ଓଡିଏଲର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ସିଏସଆର୍ ଟିମ୍ ଉପସ୍ଥିତ ଥିଲେ। ଏଭଳି ପଦକ୍ଷେପ ମାଧ୍ୟମରେ ଟିପିଏସ୍ଓଡିଏଲ୍ ସବୁଜ ଶକ୍ତି ଦିଗରେ ପ୍ରତିବଦ୍ଧତା ଦର୍ଶାଇବା ସହ ଦକ୍ଷିଣ ଓଡ଼ିଶାର ଯୁବପିଢ଼ିଙ୍କୁ ସଶକ୍ତ କରୁଛି।

## ସଂକୀର୍ଣ୍ଣ ରାସ୍ତାର ଦୁରବସ୍ଥା



ଭୁବନେଶ୍ୱର, : ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ଶୈବ ପୀଠ ଲିଙ୍ଗରାଜମନ୍ଦିର ନିକଟରେ ଥିବା ହାଟସାହି ରାସ୍ତା ତଥା ମହତାବ ରୋଡ଼ରୁ ପୌର ଚିକିତ୍ସାଳୟକୁ ଯୋଡୁଥିବା ରାସ୍ତା, ସେହିପରି କେଉଟ ସାହିରୁ କୁମ୍ଭାର ସାହି ରାସ୍ତାରେ ପ୍ରତିଦିନ ରାସ୍ତାର ସଂକୀର୍ଣ୍ଣତାରୁ ଜନସମାଗମ ଲାଗି ରହୁଛି । ପରେ ଦୁଇ ପଟରୁ ଆସୁଥିବା ଲୋକଙ୍କ ମଧ୍ୟରେ ଅକାରଣରେ ବିବାଦ ଆରମ୍ଭ ହୋଇ ଯାତାୟତ ଠପ୍ ହୋଇ ରହୁଛି। ଏ ବାବଦରେ ସ୍ଥାନୀୟ ଥାନା କର୍ତ୍ତୃପକ୍ଷଙ୍କୁ ଥରକୁଥର ଅବଗତ କରାଗଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ ରହିଥିବା ସେବା ପ୍ରତିନିଧି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ପୂର୍ବରୁ ଏ ନେଇ ବାରମ୍ବାର ରାଜଧାନୀ ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ପୂର୍ବତନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ତଥା ପୌର ମହାନଗର ନିଗମରେ ବି ଅବଗତ କରାଇଥିଲେ ମଧ୍ୟ ସବୁ ଫାଇଲ ତଥ୍ୟରେ ରହିଯାଇଛି। ଏବେ ଯେଉଁ କାମ ବି ହେଉଛି ତାକୁ ନେଇ ଶ୍ରୀ ମିଶ୍ର କହିଛନ୍ତି ଯଦି କୁମ୍ଭାର ସାହିର ଡ୍ରେନକୁ ରାସ୍ତା ସହ ମିଶେଇ ଦିଆଯିବ ତେବେ ୨ ରୁ ୨.୫ଫୁଟ ରାସ୍ତା ବାହାରିଯାଆନ୍ତା। ବର୍ତ୍ତମାନ ଏ ଦିଗରେ କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଗଲେ ହୁଏତ ଭବିଷ୍ୟତରେ ଆଉ କିଛି ଟ୍ରାଫିକ ସମସ୍ୟା ଦେଖାଯିବ ନାହିଁ ବୋଲି ଶ୍ରୀ ମିଶ୍ର ଆଶାବ୍ୟକ୍ତ କରିଛନ୍ତି।

## ୮୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ବର୍ଦ୍ଧିତ ଭତ୍ତା ନପାଇ ଫେରିଗଲେ

ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତରେ ଆଜି ଭତ୍ତା ବଣ୍ଟନ ହେଉଥିଲା । ମାତ୍ର ଚଳିତମାସରେ ନୂତନ ହିତାଧିକାରୀମାନଙ୍କୁ ନୂଆ ଭତ୍ତା ପ୍ରଦାନ କରାଯିବାକୁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା । ଅନ୍‌ଲାଇନରେ ଡିବିଟି ମାଧ୍ୟମରେ କେତେକ ବ୍ୟକ୍ତି ବର୍ଦ୍ଧିତ ନୂତନ ଭତ୍ତା ପାଇଥିବା ବେଳେ ଆଜି ଅଫ୍ ଲାଇନରେ ଭତ୍ତା ବଣ୍ଟନ କରାଯାଉଥିବା ସମୟରେ ପ୍ରାୟ ୮୦ବର୍ଷରୁ ଉର୍ଦ୍ଧ୍ୱ ୪୦ ଜଣରୁ ଅଧିକ ବ୍ୟକ୍ତି ସେମାନଙ୍କର ବର୍ଦ୍ଧିତ ଭତ୍ତା ନପାଇ ପଞ୍ଚାୟତ କାର୍ଯ୍ୟାଳୟରୁ ନିରାଶ ହୋଇ ଫେରିଯାଇଛନ୍ତି। ଯାହା ଫଳରେ ସେମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି।

## ଗୋଲାମୁଣ୍ଡୁଳା ସ୍କୁଲରେ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା

ବୁଗୁଡ଼ା,(ନିପ୍ର): ସ୍ଥାନୀୟ ଗୋଲାମୁଣ୍ଡୁଳା ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟର ୧ମ, ୨ୟ ଓ ୩ୟ ଶ୍ରେଣୀରେ ଅଧ୍ୟୟନରତ ଅନେକ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ରହିଥିଲେ। ଏହି ମେଳାରେ ଗାଇଡ୍ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଉପାଧକ୍ଷା ଗିତାଞ୍ଜଳୀ ପାଢୀ , ମୁଖ୍ୟ ବକ୍ତା ଭାବେ ଏବିଇଓ ତପସ୍ୱିନୀ ସାହୁ , ସମ୍ମାନିତ ଅତିଥି ଭାବେ ସିଆରସିସି ସୁନିତା ପାଣିଗ୍ରାହୀ, ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




ଆସିକା,(ନିପ୍ର): ଆସିକା ବ୍ଲକ ପକ୍ଷରୁ ଆସିକା ତହସିଲ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଏସଏସ ଓ ଆକାଶିନୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏକ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଜିଲ୍ଲା ପରିଷଦ ପ୍ରାର୍ଥୀନୀ ଅନିମା ପରିଡା, ଆସିକା ବ୍ଲକ ଉପାଧକ୍ଷା ରେଶମା ଦୋରା, ଆସିକା ବିଧାୟକ ପ୍ରତିନିଧି ସଂଗୀତ ପାଢ଼ୀ, ବ୍ଲକ ଏଇ ଅଶୋକ ଶତପଥୀଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହିଥିଲେ। ଶିବିରରେ ବହୁ ଭିନ୍ନକ୍ଷମ ଯୋଗଦେଇଥିଲେ। ଶିବିରରେ ଦୃଷ୍ଟି ବାଧିତ-୧, ଶ୍ରବଣ ବାଧିତ-୩୪ ମାନସିକ ଅନଗ୍ରସର କିଟ-୧, କୃତିମ ଅଙ୍ଗ -୩, ତିନି ଚକିଆ ସାଇକେଲ -୯, ବ୍ୟାଟେରୀ ଚଳିତ ସାଇକେଲ -୧୯, ହୁଇଲ ଚେୟାର -୪, ଆଶା ବାଡ଼ି -୨, ସି ପି ଚେୟାର -୧ ପ୍ରଦାନ କରିବାକୁ ଚିହ୍ନଟ ହୋଇଥିଲା ବେଳେଏହି ଶିବିରରେ ତିନି ଚକିଆ ଚେୟାର -୫ଟି, ହୁଇଲ ଚେୟାର -୨ ପ୍ରଦାନ କରାଯାଇଛି ଏବଂ ରାସନକାର୍ଡ ୭୫ଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨୦ଟି, ଶୌଚାଳୟ ୨ଟି, ବହ ରିହାତି ୪୦ ( ଯାତାୟତ ନିମନ୍ତେ), ଟ୍ରେନ ରିହାତି ୪୦ (ଯାତାୟତ ନିମନ୍ତେ), ଦିବ୍ୟାଙ୍ଗଙ୍କୁ ବିବାହିତ ନିମନ୍ତେ ପ୍ରୋତ୍ସାହନ ୧, ଦିବ୍ୟାଙ୍ଗଙ୍କ ନିମନ୍ତେ ମାସିକ ଭର୍ତ୍ତା ୧୪, ଡି ଆର ଆଇ ଲୋନ ୧୭, ଆୟ ପ୍ରମାଣ ପତ୍ର ୧୫, ରେସିଡେଣ୍ଟ ସାର୍ଟିଫିକେଟ ୨, ଜାତି ପ୍ରମାଣପତ୍ର ୪ ସକାଶେ ଆବେଦନ ହୋଇଥିଲା। ଶିବିରରେ ରୋଗୀମାନଙ୍କୁ ଚିହ୍ନଟ ସହିତ ସେମାନଙ୍କୁ ଆନୁଷଙ୍ଗିକଭିତ୍ତି ଓ ବ୍ୟବସ୍ଥା କରାଯିବା ପାଇଁ ଉକ୍ତ କାର୍ଯ୍ୟକ୍ରମରେ ସ୍ଥିର କରାଯାଇଛି। ଉପରୋକ୍ତ ବାଧିତ ରୋଗୀମାନଙ୍କୁ ସ୍ଥିତି ନିରୂପଣ ପାଇଁ ସମସ୍ତ ବିଭାଗୀୟ ଡାକ୍ତରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଆସିକା ବିଜ୍ଞାନ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ନିମିନା ବୃନ୍ଦାବନ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନେ ଯୋଗଦେଇ ସହଯୋଗ କରିଥିଲେ। ଆସିକା ବ୍ଲକର ସମସ୍ତ କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଭିନ୍ନକ୍ଷମ ରୋଗୀମାନଙ୍କ ପାଇଁ ଥିବା ସୁବିଧା ଓ ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ସକାଳ ଆଠ ଘଣ୍ଟ ଠାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଆସିକା ବ୍ଲକର ଭିନ୍ନକ୍ଷମ ଭାଇଭଉଣୀମାନେ ପହଞ୍ଚି ନିଜ ନିଜର ଆବଶ୍ୟକ ଥିବା ସାର୍ଟିଫିକେଟ ରିନୁଆଲ ଓ ଚିହ୍ନଟ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚିହ୍ନିଟ ହୋଇଥିବା ଭିନ୍ନକ୍ଷମ ଭାଇଭଉଣୀମାନଙ୍କ ପାଇଁ ଆଗାମୀ ଦିନରେ ସାର୍ଟିଫିକେଟ ଓ ଟ୍ରାଇ ସାଇକେଲ ସାଙ୍ଗକୁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଭତ୍ତା ଆଦିର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ବିଏସଏସ ଓ ଆକାଶିନୀ ନାୟକ।

## ମାତୃପୂଜନ ବିନା ରାଷ୍ଟ୍ରର ପ୍ରଗତି ଅସମ୍ଭବ

ବଡ଼ସାହି,(ନିପ୍ର); ସାନବେଲାକୁଟି ଶ୍ରୀବିହାର ସ୍ଥିତ ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଷୋଡ଼ଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହାସମାରୋହରେ ଭବେନ୍ଦ୍ର ପାତ୍ର, ସୂର୍ଯ୍ୟସ୍ମିତା ଦାସ, ପ୍ରଣତି ବେହେରା ଓ ସୁଜାତା କରଙ୍କ ଦ୍ୱାରା ସ୍ୱାମୀ ବିବେକାନନ୍ଦ ଏବଂ ଭାରତମାତାଙ୍କ ପୂଜା ଅର୍ଚ୍ଚନା କରାଯାଇଥିଲା। ପରେ ପରେ ଗୁରୁମା ପ୍ରଣତି ଦାସ, କୌଶଲ୍ୟା ମହଲା, ଜ୍ୟୋସ୍ନାରାୟ ସିଂହ ଓ ଚନ୍ଦ୍ରମଣି ବାରିକଙ୍କ ଦ୍ୱାରା ମାତୃପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ପୁରୋଧା ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସଂପାଦକ ଯୋଗେନ୍ଦ୍ର ଦାଶ ଯୋଗଦାନ କରି ମାତୃ ପୂଜନର ମହିମା ଓ ସଂସ୍କୃତି ସଂପର୍କରେ ଅନେକ ତଥ୍ୟ ଉପସ୍ଥାପନ କରିବା ସହିତ 'ମାତୃ ପୂଜନ ବିନା ରାଷ୍ଟ୍ରର ପ୍ରଗତି ଅସମ୍ଭବ' ବୋଲି ବକ୍ତବ୍ୟ ରଖିଥିଲେ। କାରଣ ପିଲାଟିଏ ଛୋଟ ବେଳୁ ବିଦ୍ୟାଳୟ ସ୍ତରରେ ମାତୃଭୂମି, ମାତୃଭାଷା ଓ ମାତୃ ପୂଜନ ପରଂପରାକୁ ସଠିକ ଭାବେ ଶିଖିଲେ ମାଆ ଓ ବାପାଙ୍କୁ ଆଉ ବୃଦ୍ଧାଶ୍ରମକୁ ଯିବାକୁ ପଡିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଉଦ୍‌ଯାପନୀ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗଦାନ କରି ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟିଲେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲ । କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୭୨ ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇ ଥିଲା । ସରକାରୀ ବୃତ୍ତି ଓ ପ୍ରାଦେଶିକ ମେଧାବୃତ୍ତି ହାସଲ କରିଥିବା ୪ଜଣ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା।

## ୩୧ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ

ଚାରିଛକ,(ନିପ୍ର): ଚାରିଛକସ୍ଥିତ ନିର୍ମାଲ୍ୟ ନର୍ସିଂ ହୋମର ୩ୟ ବାର୍ଷିକୋତ୍ସବ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବାର୍ଷିକୋତ୍ସବରେ ନର୍ସିଂ ହୋମର ମୁଖ୍ୟ ପରିଚାଳକ ବିଶ୍ୱଜିତ ମହାନ୍ତିଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଉକ୍ତ ନର୍ସିଂହୋମର ପ୍ରୋପାଇଟର ଛବି ରାୟ,ଚାରିଛକ ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ କୁମାର କର, ପୂର୍ବତନ ସରପଂଚ ଅଭିମନ୍ୟୁ ପଣ୍ଡା, ଶିକ୍ଷାବିତ୍ ଜଗମୋହନ ପାତ୍ର, ଗୋବିନ୍ଦ ଚନ୍ଦ୍ର ସାହୁ,ପ୍ରଫୁଲ୍ଲ ସାହୁ, ବିଜୟ ବେହେରା, ବସନ୍ତ କୁମାର ମଲ୍ଲ ପ୍ରମୁଖ ଯୋଗଦେଇ ଏହି ଅନୁଷ୍ଠାନଟି ଗତ ୩ବର୍ଷ ମଧ୍ୟରେ ଅନେକ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସହିତ, ବିଜୁ ସ୍ୱାସ୍ଥ୍ୟ ବିମା କାର୍ଡରେ ଅନେକ ରୋଗୀମାନେ ଏଠାରୁ ମାଗଣାରେ ଚିକିତ୍ସା ସୁବିଧା ପାଇଥିବାରୁ ଅତିଥିମାନେ ବେଶ ପ୍ରଶଂସା କରିଛନ୍ତି । ଅନୁଷ୍ଠାନର ଫାର୍ମାସିଷ୍ଟ ବିଶ୍ୱନାଥ ଦାଶ, ସଂଯୁକ୍ତା ସ୍ୱାଇଁ, ଶୁଭଶ୍ରୀ ରାଉତ,ବ୍ରହ୍ମାନନ୍ଦ ଭୋଇଙ୍କ ସମେତ ସମସ୍ତ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ । ଅବସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

ଶିବିରକୁ ମୁଖ୍ୟ ଅତିଥିଭାବେ ଡା.ସ୍ନେହଲତା ଛୋଟରାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଥିରେ ଆଖପାଖ ଅଂଚଳର ପ୍ରାୟ ୩୧ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।



ଭୁବନେଶ୍ୱର ଜୟଦେବ ଭବନରେ ରାଜ୍ୟ ସାମ୍ବାଦିକ ସଂଘ ଏସୟୁଜେର ୫ତମ ବାର୍ଷିକ ଉତ୍ସବରେ ସମାଜସେବୀ ଅଜିତ୍ ସାମନ୍ତରାୟଙ୍କୁ ସମ୍ମାନିତ କରାଯାଉଛି।

## ଚାଷୀ ମାନଙ୍କ ପାଇଁ ସଚେତନ ଶିବିର

ଧାମନଗର(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଭଟସାହି ପଞ୍ଚାୟତର ଫଳପୁର ଦପାନାୟକାଣୀ ପଡିଆରେ ବ୍ଲକ କୃଷି ବିଭାଗ ପକ୍ଷରୁ ଧାନ ଚାଷ ର ପରବର୍ତ୍ତୀ ସମୟରେ ଡାଲି ଜାତୀୟ ଫସଲ ଚାଷ ପାଇଁ ଚାଷିକୁ ସଚେତନ କରା ଯାଇଥିଲା କିପରି ଭାବରେ ଉନ୍ନତ ମାନର ଚାଷ ହୋଇପାରିବ ସେ ଦିଗରେ ଉପସ୍ଥିତ ଚାଷୀଙ୍କୁ ସଚେତନ କରାଯାଇଥିଲା।

## କଲେଜରେ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କେଶାଇବାହଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶୁକ୍ରବାର ତ୍ରିଦିବସୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ଦୟାସାଗର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଦ୍ୟୁ ଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ କୁଚିଣ୍ଡା ଉପଜିଲ୍ଲାପାଳ ଗୌରବମୟ ପ୍ରଧାନ,ସମ୍ବଲପୁର ବିଶ୍ୱବିଦ୍ୟାଳୟର ସଂଯୋଜକ ଅଧିକାରୀ ଡ.ବୀରେନ୍ଦ୍ର ବେହେରା,ଜିଲ୍ଲା ସଂଯୋଜକ ଶାନ୍ତନୁ ପ୍ରଧାନ,କେଶାଇବାହାଲ କଲେଜ ପ୍ରତିଷ୍ଠାତା ସଭାପତି ସଜ୍ଜନ କୁମାର ଖଣ୍ଡେଲୱାଲ,କଲେଜ ପ୍ରତିଷ୍ଠାତା ଅଧକ୍ଷ ଘାସିରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥିମାନେ ଯୋଗଦେଇ ଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ସ୍ୱେଚ୍ଛାସେବୀ ମାନଙ୍କ ଆଧ୍ୟାତ୍ମିକତା ଓ ନୈତିକତା ମୂଲ୍ୟବୋଧ ଉପରେ ରାଷ୍ଟ୍ର ଗଠନ ନିର୍ଭର କରିଥାଏ। ତେଣୁ ରାଷ୍ଟ୍ର ବିକାଶରେ ଏନଏସଏସର ପ୍ରମୁଖ ଭୂମିକା ରହିଥିବା କହି ସମାଜ ସେବା ମାଧ୍ୟମରେ କିପରି ବ୍ୟକ୍ତିତ୍ୱର ବିକାଶ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ସଂଯୋଜକ ଅଧିକାରୀ ବିନୋଦ ବିହାରୀ ପୃଷ୍ଟେ ପରିଚାଳନା କରିଥିବା ବେଳେ ପ୍ରୋଗ୍ରାମ ଅଫିସର ତରୁଣ ପୃଷ୍ଟେ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ଇଟାଭାଟି ଉପରେ ତହସିଦାରଙ୍କ ଚଢଉ
# ଲକ୍ଷାଧିକ ଟଙ୍କାର ଇଟା ନଷ୍ଟ କରାଗଲା



ଚାରିଛକ,( ନିପ୍ର )ଚାରିଛକ ଥାନା ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତ ବେଆଇନ ଇଟା ବିକ୍ରୟର ପେଣ୍ଠସ୍ଥଳ ପାଲଟିଛି । ପ୍ରତ୍ୟେକ ବର୍ଷ ଏଠାରେ ବିପୁଳ ପରିମାଣ ଇଟା ପୋଡାଯାଇ ବିଭିନ୍ନ ସ୍ଥାନକୁ ସପ୍ଲାଇ କରାଯାଇଥାଏ । ବର୍ତ୍ତମାନ ଖରା ଦିନ ଆସୁଥିବାରୁ ସେଠିକାର ଇଟା ବ୍ୟବସାୟୀମାନେ ଚଳ ଚଞ୍ଚଳ ହୋଇପଡିଛନ୍ତି । ବିଭିନ୍ନ ସରକାରୀ ଜାଗା ଓ ପ୍ରାଚୀନଦୀ ପଠାରୁ ଇଟା ବ୍ୟବସାୟୀମାନେ ରାତିରେ ମେସିନ ଦ୍ୱାରା ମାଟି ସଂଗ୍ରହ କରି ସେଥିଲେ ଇଟା ପକାଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ସେଠାରେ ବେଆଇନ ଇଟା ପୋଡା ହେଉଥିବା କୌଣସି ସୂତ୍ରରୁ ଖବର ପାଇ ନିମାପଡା ତହସିଲଦାର ବସନ୍ତ କୁମାର ହାତୀ, ସ୍ଥାନୀୟ ଆରଆଇ ଜ୍ୟୋତିରଂଜନ ବେହେରା ,ନିମାପଡା ଅଗ୍ନିଶମ ବିଭାଗ କର୍ମଚାରୀ ଓ ଚାରିଛକ ପୁଲିସ ବେଆଇନ ଇଟାଭାଟି ପାଖରେ ପହଞ୍ଚି ପୋଡା ହେବାକୁ ଲଦା ହୋଇଥିବା ଇଟା ଭାଟିକୁ ପାଣି ପକାଇ ନଷ୍ଟ କରିଦେଇଥିଲେ। ଯାହା ଫଳରେ ଲକ୍ଷାଧିକ ଟଙ୍କାର ଇଟା ଓଦା ହୋଇ ନଷ୍ଟ ହୋଇଯାଇଥିଲା । କୌଣସି ବ୍ୟକ୍ତି ବେଆଇନ ଭାବେ ଇଟା ପକାଇପାରିବେ ନାହିଁ ବୋଲି ତହସିଲଦାର ଶ୍ରୀ ହାତୀ ସ୍ଥାନୀୟ ଆର ଆଇଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଯଦି କେହି ବ୍ୟକ୍ତି ବେଆଇନ ଇଟା ପକାନ୍ତି ତେବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଚେତାବନୀ ଦେଇଛନ୍ତି । ଗତ କିଛିଦିନ ତଳେ ସେହି ପଞ୍ଚାୟତରୁ ୨୨ଜଣ ବେଆଇନ ଇଟାଭାଟି ମାଲିକମାନଙ୍କ ପ୍ରାୟ ଠାରୁ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଥିଲ।

## ବେଦାନ୍ତ ଆଲୁମିନିୟମ ପ୍ରଥମ ଏଲଇଡି ଗ୍ଲୋ ଗାର୍ଡେନ ବିକଶିତ କରିଛି



ଝାରସୁଗୁଡ଼ା,: ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ପ୍ରଥମ ଏଲଇଡି ଗ୍ଲୋ ଗାର୍ଡ଼ନର ବିକଶିତ କରିଛି, ଯାହା ସାମୁଦାୟିକ ଭିତ୍ତିଭୂମିକୁ ବୃଦ୍ଧି କରିବା ସହ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ଓ ବସ୍ତିବାସିନ୍ଦା ତଥା ପରିଦର୍ଶକଙ୍କ ଲାଗି ଆକର୍ଷଣ ସୃଷ୍ଟି କରିବ। ସୁରେଶ ପୂଜାରୀ, ରାଜସ୍ୱ ମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା ଏହି ଗାର୍ଡେନ ଉଦ୍‌ଘାଟିତ ହୋଇଥିଲା ଓ ଟଙ୍କଧର ତ୍ରିପାଠୀ, ବିଧାୟକ ଝାରସୁଗୁଡ଼ା, ଆବୋଲି ସୁନିଲ ନାରଭାନେ କଲେକ୍ଟର ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଝାରସୁଗୁଡ଼ା, ପରମାର ସ୍ମିଥ ପରସୋତମଦାସ, ଆଇପିଏସ,ପୋଲିସ ଅଧୀକ୍ଷକ ଓ ବେଦାନ୍ତର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଲଇଡି ଗ୍ଲୋ ଗାର୍ଡେନ ଏକ ସୌନ୍ଦର୍ଯ୍ୟର ପ୍ରତୀକ ବହନ କରେ। ଏହି ଉଦ୍ୟାନରେ ୪୦ରୁ ଅଧିକ ବିଭିନ୍ନ ଜୀବଜନ୍ତୁମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି।

ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ପଦକ୍ଷେପକୁ ପ୍ରଶଂସା କରି କହିଥିଲେ ଯେ ଓଡ଼ିଶାର ପ୍ରଥମ ଏଲଇଡି ଗ୍ଲୋ ଗାର୍ଡେନ ବିକଶିତ କରିବାରେ ବେଦାନ୍ତ ଆଲୁମିନିୟମର ଅବଦାନ ପ୍ରଶଂସନୀୟ। ଏହା କେବଳ ପର୍ଯ୍ୟଟନ ପ୍ରତି ଲୋକଙ୍କ ଆଗ୍ରହକୁ ବୃଦ୍ଧି କରେ ନାହିଁ ବରଂ ସହରାଂଚଳ ସୌନ୍ଦର୍ଯ୍ୟ ପ୍ରତି ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ବେଦାନ୍ତ ଆଲୁମିନିୟମ୍ ସ୍ଥାୟୀ ବିକାଶ ଏବଂ ସାମୁଦାୟିକ ସମ୍ପୃକ୍ତି ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛି। ଏଲଇଡି ଗ୍ଲୋ ଗାର୍ଡେନ୍ ଭଳି ପଦକ୍ଷେପ ମାଧ୍ୟମରେ, କମ୍ପାନୀ କାର୍ଯ୍ୟରତ ଅଂଚଳରେ ସାମାଜିକ ଏବଂ ସାଂସ୍କୃତିକ ଗଠନକୁ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି।

ବେଦାନ୍ତ ଆଲୁମିନିୟମ ବେଦାନ୍ତ ଲିମିଟେଡର ବ୍ୟବସାୟ ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ ଓ ଆର୍ଥିକ ବର୍ଷ ୨୪ ରେ ୨.୩୭ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା। ବେଦାନ୍ତ ଆଲୁମିନିୟମ ଏସଆଣ୍ଡପି ଗ୍ଲୋବାଲ କର୍ପୋରେଟ ସସଟାନବିଲିଟି ଆସେସମେଂଟ ୨୦୨୪ରେ ଆଲୁମିନିୟମ ଉଦ୍ୟୋଗ ପାଇଁ ଦ୍ୱିତୀୟ ର୍ୟାଙ୍କ ଧାରୀ ଆଖ୍ୟା ଅର୍ଜନ କରିଛି ଓ ସ୍ଥାୟୀ ବିକାଶ ଅବଲମ୍ବନକାରୀ ସଂସ୍ଥା।

## ୨୧ ତମ ଧଉଳି କଳିଙ୍ଗ ମହୋତ୍ସବ-୨୦୨୫

ଭୁବନେଶ୍ୱର,: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡିଶା ଡ୍ୟାନ୍ସ ଏକାଡେମୀ ମିଳିତ ଆନୁକୂଲ୍ୟରେ, ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ପର୍ଯ୍ୟଟନ ମନ୍ତ୍ରଣାଳୟ ଓ ଆର୍ଟ ଭିଜନ ସହଯୋଗିତାରେ ୨୧ ତମ ଧଉଳି କଳିଙ୍ଗ ମହୋତ୍ସବ-୨୦୨୫ ୯ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ୬.୩୦ରୁ ୯ ଘ. ପର୍ଯ୍ୟନ୍ତ ଧଉଳି ପାହାଡର ପାଦ ଦେଶରେ ଶାନ୍ତି ବିହାର ଠାରେ ଅନୁଷ୍ଠିତ ହେଉଅଛି । ଦେଶ ବିଦେଶରୁ ଖ୍ୟାତି ସମ୍ପନ୍ନ କଳାକାରମାନେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, ଲୋକ ନୃତ୍ୟ ଏବଂ ଦେଶ ବିଦେଶର ସମର କଳା ପ୍ରଦର୍ଶିତ କରିବାର କାର୍ଯକ୍ରମ ରହିଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଓଡିଶା ଡ୍ୟାନ୍ସ ଏକାଡେମୀ ତରଫରୁ ଫେବୃୟାରୀ ୮ ତାରିଖରେ ବୁଦ୍ଧ ସମ୍ମାନ ଓ ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ, ନୃତ୍ୟ ସଙ୍ଗୀତ କ୍ଷେତ୍ରରେ ପରିଚିତ ପାଇଥିବା କୃତବିଦ୍ୟ ବ୍ୟକ୍ତି ବିଶେଷ ମାନଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ

ରମ୍ଭା (ନିପ୍ର): ସୃଜନଶୀଳତା ପ୍ରୋତ୍ସାହନ ହିଁ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଜୀବନ ଗଠନର ମୂଳଭିତ୍ତି ସାମାଜିକ ସାଂସ୍କୃତିକ ଐତିହାସିକ ପୀଠ ସ୍ଥଳୀ ରୂପେ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ମାନ୍ୟତା ପ୍ରାପ୍ତ ବିକ୍ରମ ପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ବବିତା କୁମାରୀ ଦାଶ ସର୍ବପ୍ରଥମେ ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରିତ କରିଥିଲା ବେଳେ ପରମ ବନ୍ଦନୀୟା ମାଁଙ୍କ ଉଦ୍ଦେଶ୍ୟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଦୀପ ମନ୍ତ୍ର, ଶ୍ଳୋକ, ବନ୍ଦନା ଆଦି ପାରମ୍ପରିକ କାର୍ଯ୍ୟ ପରେ ଅତିଥିମାନଙ୍କୁ ଉତ୍ତରୀୟ ସହିତ ସମ୍ବର୍ଦ୍ଧନା କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନକରିବା ପରେ ବିଦ୍ୟାମନ୍ଦିରର ବାର୍ଷିକ ବିବରଣୀ ପଠନ କରିଥିଲେ । ସମିତା ନାୟକ ଗୁରୁମା ଅମୃତ ବଚନ ପାଠ କରିଥିଲେ । ଆୟୋଜିତ ଉତ୍ସବରେ କନକା କ୍ଲଷ୍ଟରର ସି ଆର୍ ସି ସି ତଥା ଯୁବ ସାହିତ୍ୟିକ ଡକ୍ଟର ଦ୍ୱାରିକାନାଥ ମହାରଣା ମୁଖ୍ୟ ଅତିଥି , ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ରଜନୀକାନ୍ତ ମହାପାତ୍ର ମୁଖ୍ୟ ବକ୍ତା, କେଶପୁର କ୍ଲଷ୍ଟରର ସି ଆର୍ ସି ସି ପବନା ସ୍ୱାଇଁ ସମ୍ମାନୀତ ଅତିଥି , ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି ସ୍ୱତନ୍ତ୍ର ଅତିଥି ପ୍ରମୁଖ ଯୋଗଦେଇ ମଣିଷ ତିଆରି କାରଖାନା ଗଠନର ଅସଲ ଲକ୍ଷ୍ୟ, କୋମଳ ମତି ଶିଶୁଙ୍କ ସୃଜନଶୀଳତା ପ୍ରତି ଗୁରୁତ୍ୱ, ତତ୍ ସମ୍ପର୍କିତ ସାରସ୍ୱତ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

## ନିପୁଣ ଓଡ଼ିଶା ମେଳା ଉଦ୍‌ଯାପିତ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗି ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଲି ପାଟପୁରଠାରେ ଉଭୟ ବ୍ଲକ ଓ ଭୂଷଣ୍ଡପୁର କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା ପ୍ରଧାନ ଶିକ୍ଷକ ଦୁଃଶାସନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏହି ମେଳାରେ ମୁଖ୍ୟ ଅତିଥି,ଟାଙ୍ଗି ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ସହ ଗୋଷ୍ଠୀ ଶିକ୍ଷାଧିକାରୀଣୀ ସୁଧାଂଶୁ ମଞ୍ଜରୀ ଦେବୀ,ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଭାବୀ ବେହେରା, ବ୍ୟଙ୍ଗ କବି ଅମ୍ଲାନ ପ୍ରହରାଜ, ବିଦ୍ୟାଳୟ କମିଟି ସଭାପତି ସୁଦର୍ଶନ ବରାଳ, ବାଲି ପାଟପୁର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର,ଶିକ୍ଷକ ନେତା ପ୍ରସନ୍ନ ଶ୍ରୀଚନ୍ଦନ ଓ ସାଧନ କେନ୍ଦ୍ର ସଂଯୋଜକ ସପନ ସର୍ଦ୍ଦାର ଯୋଗ ଦେଇଥିଲେ। କାଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରଶାନ୍ତ ମହାପାତ୍ର ଏବଂ ସହଯୋଗ କରିଥିଲେ ଶିକ୍ଷକ ପବିତ୍ର କୁମାର ସାହୁ, ବନବିହାରୀ ପ୍ରତିହାରୀ, ଜ୍ୟୋସ୍ନା ବେହେରା, ନିରୁପମା ବାରିକ, ସୁଶିଲ ସରକାର, ବିଧୁଭୁଷଣ ଦାଶ, ଅନୁପ କୁମାର ପ୍ରଧାନ,ଶିଶିର ଦତ୍ତ, ପ୍ରଦୀପ ବେହେରା,ବିଶ୍ୱ ବନ୍ଦିତା ଦାଶ,ରଶ୍ମିତା ପଟ୍ଟନାୟକ,ସରିତା ଦାସ, ରଞ୍ଜିତା ସରକାର, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ସମସ୍ତ ସି ଆର୍ ସି ସି, ଭୂଷଣ୍ଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା ପ୍ରଭୃତି । ଧନ୍ୟବାଦ ଦେଇଥିଲେ ଶିକ୍ଷକ ପ୍ରଶାନ୍ତ କୁମାର ରାୟ।

ତିଥି : (ଏକାଦଶୀ) : (ମୃଗଶିରା ବୃଷ)
ଅମୃତବେଳା: ଦିଘ ୯।୨୨ ଗତେ ଦିଘ ୧୨।୨୪ ମଧ୍ୟେ

## ଆଜିର ଅନୁଚିନ୍ତନ

ସତ୍ତ୍ୱ ଗୁଣ ବୃଦ୍ଧି ହେଲେ ରଜ ତମ ନାଶେ
ରଜ ଗୁଣେ ରତ ଦେହୀ ପଡ଼େ କର୍ମଫାଶେ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଲୋକଙ୍କ ନିକଟରେ ପହଞ୍ଚୁ ପ୍ରଶାସନ

ଏକଥା ସତ ଯେ ଗାଁର ଉନ୍ନତି ନ ହେଲେ ରାଜ୍ୟର ଉନ୍ନତି ଚିନ୍ତା କରିବା ଅସମ୍ଭବ। ଗ୍ରାମସଭାକୁ ଗାଁ ବିକାଶର ଦାୟିତ୍ୱ ଦିଆଯିବ ବୋଲି ନିକଟରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା'ର ଶୁଭାରମ୍ଭ କରିବା ବେଳେ ରାଜ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ୬୦ହଜାର ଗାଁରେ ବିକାଶର ଗଙ୍ଗା ପ୍ରବାହିତ ହେବ। ଗାଁ'ଗୁଡ଼ିକର ଭିତ୍ତିଭୂମି ବିକାଶ ନିମନ୍ତେ ବର୍ଷକୁ ୧ହଜାର କୋଟିଏ ଲେଖାଏଁ ୫ବର୍ଷରେ ୫ହଜାର କୋଟି ବିନିଯୋଗ ହେବ। ମୋଟ ଉପରେ ଏହା ଜରିଆରେ ସମୃଦ୍ଧ ଓଡ଼ିଶା ଗଠନର ବାଟ ଖୋଲିବ। ଏହି ଯୋଜନା ଶୁଭାରମ୍ଭ ବେଳେ ଏପରି କୁହାଯାଇଥିବା ହେତୁ ଏହା ଆମ ରାଜ୍ୟର ଗାଁଗୁଡ଼ିକ ପାଇଁ ଆଶ୍ୱସ୍ତି ଆଣିଛି। ଆଗାମୀ ୨୦୩୬ରେ ଓଡ଼ିଶା ରାଜ୍ୟ ପ୍ରତିଷ୍ଠାର ଶହେ ପୂର୍ବେ ପାଳନ ହେବ। ଯେଉଁସବୁ ଯୋଜନାଭିତ୍ତିକ କାର୍ଯ୍ୟ ନିମନ୍ତେ ରୋଡ଼ମ୍ୟାପ୍ ପ୍ରସ୍ତୁତ, ତାହାକୁ ୨୦୨୯ ସୁଦ୍ଧା ପାଇବାକୁ ଗତ ଅଗଷ୍ଟରେ ସରକାରୀ ଭାବେ କୁହାଯାଇଥିଲା। ଏବେ ଆଲୋଚ୍ୟ ନୂତନ ଯୋଜନାର ଶୁଭାରମ୍ଭ ରାଜ୍ୟ ସରକାରଙ୍କ ଦୂରଦର୍ଶିତାର ପରିଚୟ ରଖେ ବୋଲି ନିଶ୍ଚୟ କୁହାଯିବ।

ପୂର୍ବ ବିଜେଡ଼ି ସରକାରର 'ଆମ ଓଡ଼ିଶା ,ନବୀନ ଓଡ଼ିଶା କାର୍ଯ୍ୟକ୍ରମ'ରେ ସର୍ବନିମ୍ନ ୨୦ ପ୍ରତିଶତ ବ୍ୟୟ ହୋଇଥିଲେ ତାହାକୁ ବିକଶିତ ଗାଁ, ବିକଶିତ ଓଡ଼ିଶାରେ ସାମିଲ ପୂର୍ବକ ସଂପୂର୍ଣ୍ଣ କରାଯାଇପାରିବ ବୋଲି ନୂଆ ଯୋଜନାର ଶୁଭାରମ୍ଭବେଳେ କୁହାଯିବା ସ୍ୱାଗତଯୋଗ୍ୟ। ସ୍ମରଣ କରାଯାଇପାରେ ଯେ ପୂର୍ବ ବିଜେଡି ସରକାରରେ 'ମୋ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନାରେ ପ୍ରାୟ ୩ହଜାର କୋଟି ଖର୍ଚ୍ଚ ହୋଇନପାରିବା ଓ ଆରମ୍ଭ ହୋଇଥିବା ଏକାଧିକ ବିକାଶମୂଳକ କାର୍ଯ୍ୟ ଅଧାପନ୍ତରିଆ ରହିଥିବା ଅଭିଯୋଗ ଉପରେ ତ୍ୱରିତ୍ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଆମେ ମନେ କରୁଛୁ। ପୁଣି ରାଜ୍ୟ ସରକାର ୨୦୨୬ରୁ ୨୦୩୧ ଏହି ପାଞ୍ଚବର୍ଷ ପାଇଁ ଷୋଡ଼ଶ ଅର୍ଥ କମିଶନଙ୍କ ଠାରେ ୧୨ଲକ୍ଷ ୫୯ହଜାର ୧୪୮କୋଟି ଟଙ୍କାର ଦାବି ରଖିଛନ୍ତି। ଯେଉଁ ଅର୍ଥ ମିଳିଲେ ରାଜ୍ୟରେ ସହରୀକରଣ, କୃଷି, ଗ୍ରାମ୍ୟଉନ୍ନୟନ, ଦକ୍ଷତାବିକାଶ ପ୍ରଭୃତିରେ ଉନ୍ନତି ଆଣିବାକୁ ରଖାଯାଇଛି। ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ।

ଏ ପରିପ୍ରେକ୍ଷୀରେ ଆମ ରାଜ୍ୟର ଦୁଇଟି ଜିଲ୍ଲାର ଅନଗ୍ରସରତା ଏବେ କିଭଳି ତାହା ଆଲୋଚନା ନିଆଯାଇପାରେ। ଗଣମାଧ୍ୟମରେ ଏ ସଂକ୍ରାନ୍ତ ଖବରକୁ ଏଠାରେ ଅନୁଶୀଳନ କରାଯାଇପାରେ। ରାୟଗଡ଼ା ଜିଲ୍ଲା ଗଠନକୁ ୩୨ ବର୍ଷ ହୋଇଗଲାଣି। ମାତ୍ର ଜିଲ୍ଲାର ୧୧୪ଟି ଗ୍ରାମରେ ଏଯାବତ୍ ବିଜୁଳି ସୁବିଧା ନାହିଁ। ୫୯ଟି ଗ୍ରାମରେ ଡିଜିଟାଲ ନେଟୱର୍କ ଅପହଞ୍ଚ। ଜିଲ୍ଲାରେ ରହିଛି ୨ହଜାର ୮ଶହରୁ ଅଧିକ ଗାଁ। କାଶୀପୁର, ବିଷମକଟକ, ମୁନିଗୁଡ଼ା ବ୍ଲକର ବହୁ ଗାଁରେ ଏବେ ବି ଅନ୍ଧାର ରାଜୁତି କରୁଛି। ସେହିଭଳି କନ୍ଧମାଳ ଜିଲ୍ଲାର ୫୪୮ ଗ୍ରାମକୁ ଏଯାବତ୍ ସବୁଦିନିଆ ରାସ୍ତା ନାହିଁ। ଅନେକ ସ୍ଥାନରେ ନଦୀ, ନାଳ ପଡ଼ିବା ହେତୁ ରୋଗୀ ହୁଅନ୍ତୁ କି ଆସନ୍ନପ୍ରସବା ସେମାନଙ୍କୁ ଖଟିଆ କିମ୍ବା ଦୋଳାରେ ନେବା ବହୁ ସମୟରେ ସମ୍ଭବ ହୋଇପାରିନଥାଏ। ବିକଳ୍ପ ରାସ୍ତାରେ ବହୁ ଦୂର ଅତିକ୍ରମ ପରେ ଯାଇ ଆମ୍ବୁଲାନ୍ସରେ ଆସନ୍ନପ୍ରସବା ଅବା ରୋଗୀ ଡାକ୍ତରଖାନାରେ ପହଞ୍ଚିଥାଏ। ଏସବୁରେ କେତେ ଦୂର ସତ୍ୟତା ରହିଛି ତାହା ଜିଲ୍ଲା ପ୍ରଶାସନ ପରଖିବା ଦରକାର। ରାଜ୍ୟରେ ଗତ ଡିସେମ୍ବର ସୁଦ୍ଧା ୪ହଜାର ୨୪୬ ଗ୍ରାମରେ ଇଣ୍ଟରନେଟ୍ ସେବା ଉପଲବ୍ଧ ହୋଇପାରିନଥିବା ବିଧାନସଭାରେ ସରକାରଙ୍କ ପକ୍ଷରୁ ଉତ୍ତର ରଖାଯାଇଥିଲା। ଏସବୁ ସ୍ଥିତି ଦର୍ଶାଉ ନାହିଁ କି ଜିଲ୍ଲା ପ୍ରଶାସନ ଓ ଶାସକ ନେତାମାନେ ତୃଣମୂଳସ୍ତରରେ ଲୋକଙ୍କ ନିକଟରେ ପହଞ୍ଚିବା କେତେ ଜରୁରୀ!

# ଦିଲ୍ଲୀ ଦରବାର

**କିଶୋର ଚନ୍ଦ୍ର ବେହେରା**

> "ବିଜେପିର ସଂକଳ୍ପପତ୍ରରେ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରଭାବୀ ଓ ଦୁର୍ନୀତିମୁକ୍ତ କରାଯିବ । ମହିଳା ସମୃଦ୍ଧି ଯୋଜନାରେ ଗରିବ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା । ମୁଖ୍ୟମନ୍ତ୍ରୀ ମାତୃତ୍ୱ ସୁରକ୍ଷା ଯୋଜନାରେ ଗର୍ଭବତୀଙ୍କୁ ୨୧ ହଜାର ଟଙ୍କା। ଗରିବ ମହିଳାଙ୍କୁ ୫୦୦ ଟଙ୍କାରେ ଏଲପିଜି ସିଲିଣ୍ଡର ଓ ଦୀପାବଳି ଓ ହୋଲିରେ ମାଗଣାରେ ଗୋଟିଏ ଲେଖାଏଁ ସିଲିଣ୍ଡର ପ୍ରଦାନ । ଆୟୁଷ୍ମାନ ଯୋଜନାରେ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବୀମାରେ ଅତିରିକ୍ତ ୫ ଲକ୍ଷର ମାଗଣା ଚିକିତ୍ସା । ଜେ.ଜେ. କ୍ଲଷ୍ଟରରେ ଅଟଳ କ୍ୟାଣ୍ଟିନ୍‌ରେ ୫ ଟଙ୍କାରେ ମିଲ୍ ସ୍ୱାସ୍ଥ୍ୟ, ଯାତାୟାତ, ବିଜୁଳି, ପାନୀୟଜଳ ସହ ଜଡ଼ିତ ସମସ୍ୟାର ତ୍ୱରିତ୍ ସମାଧାନ ।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ମାଧ୍ୟମରେ ଜନସାଧାରଣ ସେମାନଙ୍କର ଲୋକ ପ୍ରତିନିଧିମାନଙ୍କୁ ଚୟନ କରନ୍ତି । ଏକ ଅବାଧ, ମୁକ୍ତ, ସ୍ୱଚ୍ଛ ଓ ନିରପେକ୍ଷ ସାବାଳକ ମତଦାନଭିତ୍ତିକ ନିର୍ବାଚନ ବ୍ୟବସ୍ଥା ହେଉଛି ଗଣତନ୍ତ୍ରର ମୂଳଦୁଆ। ନିର୍ବାଚିତ ଲୋକ ପ୍ରତିନିଧିମାନେ ମତଦାତାଙ୍କ ନିକଟରେ ବାସ୍ତବରେ ଉତ୍ତରଦାୟୀ । ରାଷ୍ଟ୍ରର ବିକାଶ ନିମନ୍ତେ ଉଭୟ ଜନପ୍ରତିନିଧି ଓ ଜନତା ମଧ୍ୟରେ ଉତ୍ତମ ଯୋଗାଯୋଗ ରହିବାର ଆବଶ୍ୟକତା ପଡ଼ିଥାଏ। ସାଧାରଣ ଜନତା ନିଜ ଅଞ୍ଚଳର ବିକାଶକୁ ଦୃଷ୍ଟିରେ ରଖି ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଶାସନ ଗାଦିରେ ବସାଇ ଥାଏ ଗଣତାନ୍ତ୍ରିକ ଅନୁଚିନ୍ତାକୁ ଆଖି ଆଗରେ ରଖି । ଏହି ପରିପ୍ରେକ୍ଷୀରେ ଦିଲ୍ଲୀରେ ୭୦ ସଂଖ୍ୟା ଆସନ ବିଶିଷ୍ଟ ବିଧାନ ସଭା ନିର୍ବାଚନ ଚଳିତ ମାସ ପାଞ୍ଚ ତାରିଖରେ ଅନୁଷ୍ଠିତ ହୋଇଯାଇଅଛି। ଉଭୟ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳମାନେ ବିଭିନ୍ନ ପ୍ରତିଶ୍ରୁତି ଦେଇ ମତଦାତାଙ୍କ ନିକଟତର ହେବାକୁ ଚେଷ୍ଟା କରିବା ସହ ଦିଲ୍ଲୀ ଦରବାରକୁ ଅକ୍ତିଆର କରିବାରେ ଆପ୍ରାଣ ଉଦ୍ୟମ ଜାରି ରଖିଥିବାବେଳେ ତାହାର ଫଳାଫଳ ଚଳିତ ମାସ ଆଠ ତାରିଖରେ ସାର୍ବଜନୀନ ହେବାକୁ ଯାଉଛି । ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ଯେତିକି ଆତଙ୍କିତ ମତଦାତା ସେତିକି ଉତ୍କଣ୍ଠାର ସହ ଅପେକ୍ଷା କରିଛି କି'ଏ ଗଢ଼ିବ ସରକାର। ଦିଲ୍ଲୀରେ ହୋଇଛି ତ୍ରିମୁଖୀ ଲଢ଼େଇ ବିଜେପି, ଆପ୍ ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର । ମୋଟ ୬୯୯ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି ଆପ୍ ଓ କଂଗ୍ରେସ ୭୦ ଆସନରେ ପ୍ରାର୍ଥୀ ଦେଇଛନ୍ତିଏନଡିଏ ମେଣ୍ଟରୁ ବିଜେପି ୬୮ ଆସନରେ ଲଢୁଛି । ବାକି ୨ ଆସନରେ ଲଢୁଛନ୍ତି ଜେଡିୟୁ ଓ ଏଲଜେପି(ଆର)ବିଏସ୍‌ପି ୭୦ ଓ ଏନ୍‌ସିପି ୩୦ ଆସନରେ ପ୍ରାର୍ଥୀ ଦେଇଛି । ତିନି ପ୍ରମୁଖ ଦଳ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିନାହାନ୍ତି । ଆପ୍ ବିଜୟୀ ହେଲେ କ୍ରେଜିଓ୍ୱାଲ ମୁଖ୍ୟମନ୍ତ୍ରୀ ହେବେ କି ନାହିଁ ସନ୍ଦେହ । ମୁଖ୍ୟମନ୍ତ୍ରୀ ଚେହେରା ନେଇ ବିଜେପି ଓ କଂଗ୍ରେସ କାର୍ଡ ଖୋଲିନାହାନ୍ତି ନିର୍ବାଚନ ଫଳାଫଳ ପରେ ମୁଖ୍ୟମନ୍ତ୍ରୀ ଚେହେରା ଉପରୁ ହଟିବ ପରଦା ଦିଲ୍ଲୀ ନୂଆ ନା ପୁରୁଣା ମୁଖ୍ୟମନ୍ତ୍ରୀ ପାଇବ ତାହାକୁ ଅପେକ୍ଷା କରିଛନ୍ତି ଦିଲ୍ଲୀ ବାସିନ୍ଦା। ଗତ ଦୁଇଟି ନିର୍ବାଚନରେ ବାଜି ମାରିଛି ଆମ ଆଦମୀ ପାର୍ଟି କଂଗ୍ରେସର ଗଡ଼ ଭାଙ୍ଗି ଶାସନ କ୍ଷମତା ଅକ୍ତିଆର କରିଛି । ଆପ୍ ୨୦୧୫ ଓ ୨୦୨୦ରେ ପୂର୍ଣ୍ଣ ବହୁମତ ସହ ସରକାର ଗଢିଥିଲା ଆପ୍ ୨୦୧୫ ନିର୍ବାଚନରେ ୬୭ଟି ଆସନ ଜିତିଥିଲା ବେଳେ ୬୨ ଆସନ ସହ ୨୦୨୦ରେ ଆପ୍ ସରକାର ଗଢ଼ିଥିଲା । ୨୦୨୪ ସେପ୍ଟେମ୍ବର ଯାଏଁ ମୁଖ୍ୟମନ୍ତ୍ରୀ ଥିଲେ ଅରବିନ୍ଦ କ୍ରେଜିଓ୍ୱାଲ ଉଭୟ ନିର୍ବାଚନରେ ବିଜେପି ଯଥାକ୍ରମେ ୩ ଓ ୮ ଆସନ ଜିତିଥିଲା ଗତ ୨ଟି ନିର୍ବାଚନରେ ଦିଲ୍ଲୀରେ ଖାତା ଖୋଲିପାରିନି କଂଗ୍ରେସ ।

ଶାସନ ଗାଦିରେ ବସିବା ପାଇଁ ପ୍ରମୁଖ ତିନି ରାଜନୈତିକ ଦଳ ଆପ୍, କଂଗ୍ରେସ ଓ ବିଜେପି ଦିଲ୍ଲୀ ବାସିନ୍ଦାଙ୍କ ଦିଲ୍ ଜିତିବା ପାଇଁ ଅନେକ ପ୍ରତିଶ୍ରୁତି ଓ ଦଳୀୟ ଇସ୍ତାହାର ପ୍ରକାଶିତ କରିଛନ୍ତି। ଆପ୍‌ର ୧୫ ଗ୍ୟାରେଣ୍ଟି ମଧ୍ୟର ରୋଜଗାରର ଗ୍ୟାରେଣ୍ଟି ମହିଳା ସମ୍ମାନ ଯୋଜନାରେ ପ୍ରତି ମହିଳାଙ୍କୁ ୨୧୦୦ ଟଙ୍କା ସଞ୍ଜୀବନୀ ଯୋଜନାରେ ୬୦ ବର୍ଷରୁ ଅଧିକ ବୟସ୍କଙ୍କୁ ମାଗଣା ଚିକିତ୍ସା, ପାନୀୟଜଳ ବାବଦକୁ ଭୁଲ୍ ବିଲ୍ ଥିଲେ ଛାଡ, ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ୟୁରୋପ ଭଳି ହେବ ଦିଲ୍ଲୀ ସଡ଼କ ଯମୁନା ନଦୀର ପାଣି ପରିଷ୍କାର ହେବ ଡକ୍ଟର ଆମ୍ବେଦକର ସ୍କଲାରସିପ୍ ଯୋଜନାର



ଆରମ୍ଭ,ଛାତ୍ରଛାତ୍ରୀଙ୍କୁ ମାଗଣା ବସ୍ ଯାତ୍ରା, ଦିଲ୍ଲୀ ମେଟ୍ରୋ ଭଡ଼ାରେ ରିହାତି ,ପୂଜାରୀ ଓ ଗ୍ରନ୍ଥୀ ସମ୍ମାନ ଯୋଜନାରେ ପ୍ରତିମାସ ୧୮ ହଜାର ଟଙ୍କା ଦିଲ୍ଲୀରେ ଭଡ଼ାଟିଆଙ୍କୁ ମାଗଣା ବିଜୁଳି ଓ ପାଣି ସୁବିଧାପୁରୁଣା ସ୍ୱେରେଜକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ନୂଆ ରାସନକାର୍ଡ ହିତାଧିକାରୀ ଚିହ୍ନଟ କରାଯିବ। ଅଟୋ ଚାଳକଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ବୀମା, ଝିଅଙ୍କ ବିବାହ ପାଇଁ ୧ ଲକ୍ଷ ଓ ପିଲାଙ୍କୁ ମାଗଣା କୋଚିଂ ।

ସେହିପରି ବିଜେପିର ସଂକଳ୍ପପତ୍ରରେ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରଭାବୀ ଓ ଦୁର୍ନୀତିମୁକ୍ତ କରାଯିବ । ମହିଳା ସମୃଦ୍ଧି ଯୋଜନାରେ ଗରିବ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା । ମୁଖ୍ୟମନ୍ତ୍ରୀ ମାତୃତ୍ୱ ସୁରକ୍ଷା ଯୋଜନାରେ ଗର୍ଭବତୀଙ୍କୁ ୨୧ ହଜାର ଟଙ୍କା। ଗରିବ ମହିଳାଙ୍କୁ ୫୦୦ ଟଙ୍କାରେ ଏଲପିଜି ସିଲିଣ୍ଡର ମିଳିବ। ଦୀପାବଳି ଓ ହୋଲିରେ ମାଗଣାରେ ଗୋଟିଏ ଲେଖାଏଁ ସିଲିଣ୍ଡର ପ୍ରଦାନ । ଆୟୁଷ୍ମାନ ଯୋଜନାରେ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବୀମାରେ ଅତିରିକ୍ତ ୫ ଲକ୍ଷର ମାଗଣା ଚିକିତ୍ସା । ଜେ.ଜେ. କ୍ଲଷ୍ଟରରେ ଅଟଳ କ୍ୟାଣ୍ଟିନ୍‌ରେ ୫ ଟଙ୍କାରେ ମିଲ୍ ସ୍ୱାସ୍ଥ୍ୟ, ଯାତାୟାତ, ବିଜୁଳି, ପାନୀୟଜଳ ସହ ଜଡ଼ିତ ସମସ୍ୟାର ତ୍ୱରିତ୍ ହେବ ସମାଧାନ । ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତି ଓ ପୂର୍ବ ସରକାର କରିଥିବା ଦୁର୍ନୀତିର ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କେଜିରୁ ପିଜି ପର୍ଯ୍ୟନ୍ତ ସରକାରୀ ଶିକ୍ଷାନୁଷ୍ଠାନରେ ମାଗଣା ଶିକ୍ଷା ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ପାଇଁ ବାର୍ଷିକ ୧୫ ହଜାର ଟଙ୍କା । ବି.ଆର୍ ଆମ୍ବେଦକର ଷ୍ଟାଇପେଣ୍ଡ ଯୋଜନାରେ ମାସିକ ୧୦୦୦ ଟଙ୍କା । ପିଏମ ସ୍ୱନିଧି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟାକୁ ଦୁଇଗୁଣା ଲକ୍ଷ୍ୟ । ଅଟୋ, ଟ୍ୟାକ୍ସି ଚାଳକ ଓ ଘରୋଇ ସହାୟକଙ୍କ ପାଇଁ ଓ୍ୱେଲଫେୟାର ବୋର୍ଡ ଗଠନ ଓ ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ରାଶି ୬ ହଜାରରୁ ୯ ହଜାରକୁ ବୃଦ୍ଧି । କଂଗ୍ରେସର ଘୋଷଣାନାମାରେ ସରକାର ଗଠନର ୬ ମାସ ମଧ୍ୟରେ ଲୋକପାଳ ବିଲ୍ ମହିଳାଙ୍କ ପାଇଁ 'ପ୍ୟାରୀ ଦିଦି ଯୋଜନା' । ଗରିବ ପରିବାରର ଜଣେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କାସମସ୍ତ ନାଗରିକଙ୍କୁ ୨୫ଲକ୍ଷ ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା । ବେକାର ଯୁବକଯୁବତୀଙ୍କୁ ଘରୋଇ କ୍ଷେତ୍ରରେ ୧ ବର୍ଷର ଆପ୍ରେଣ୍ଟିସିପ୍ ଚାକିରି ମିଳିବା ଯାଏଁ ମାସିକ ମିଳିବ ୮,୫୦୦ ଟଙ୍କାର ଷ୍ଟାଇପେଣ୍ଡ । ୫୦୦ ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ସହ ମାଗଣାରେ ରାସନ କିଟ୍‌୫ କିଲୋ ଚାଉଳ, ୨ କିଲୋ ଚିନି, ୧ ଲିଟର ଖାଇବା ତେଲ, ୬ କିଲୋ ଡାଲି ସମସ୍ତ ପରିବାରକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ।

ଯଦି ଆମେ ଏକ୍‌ଜିଟ ପୋଲ ଆଧାରରେ କଥା ହେବା, ତେବେ କିଛି ଲୋକ ଭାଜପା ସରକାର ଗଠନ କରିବ ବୋଲି ଦେଖାଉଛନ୍ତି। ସେହି ସମୟରେ, କେତେକ ଲୋକ କହୁଛନ୍ତି ଯେ ଆମ ଆଦମୀ ପାର୍ଟି ଲଗାତାର ତୃତୀୟ ଥର ପାଇଁ ସରକାର ଗଠନ କରିବ। ନିଷ୍ପତ୍ତି କ'ଣ ହେବ, ତାହା ଫେବୃଆରୀ ୮ ତାରିଖରେ ଜଣାପଡିବ।

ବିଧାନସଭାରେ ମୋଟ ୭୦ଟି ଆସନ ଅଛି। ବହୁମତ ସଂଖ୍ୟା ହାସଲ କରିବା ପାଇଁ, ଯେକୌଣସି ଦଳକୁ ସରକାର ଗଠନ କରିବା ପାଇଁ ଅଧାରୁ ଅଧିକ ଅର୍ଥାତ୍ ଅତି କମରେ ୩୬ ଆସନ ଆବଶ୍ୟକ ହେବ। ଯଦି ଆମେ ଏକଜିଟ ପୋଲ ଆଧାରରେ କଥା ହେବା, ତେବେ କଂଗ୍ରେସ ତା'ର ଖାତା ଖୋଲିବା ପରି ମନେ ହେଉନାହିଁ। ସରକାର ଗଠନ ପାଇଁ ଭାଜପା ଏବଂ ଆମ ଆଦମୀ ପାର୍ଟି ମଧ୍ୟରେ ଟଣାଓଟରା ଦେଖାଯାଉଛି। କିନ୍ତୁ ଯଦି ଉଭୟ ଦଳ ୩୫-୩୫ ଆସନ ପାଆନ୍ତି ତେବେ କ'ଣ ହେବ? ଯେତେବେଳେ ସରକାର ଗଠନ ପାଇଁ ୩୬ଟି ଆସନ ଆବଶ୍ୟକ। କିମ୍ବା ଧରାଯାଉ କଂଗ୍ରେସ କିମ୍ବା ଅନ୍ୟମାନେ ଦୁଇଟି ଆସନ ପାଆନ୍ତି। ଏବଂ ଭାଜପା ଏବଂ ଆମ ଆଦମୀ ପାର୍ଟି ୩୪-୩୪ ଆସନ ପାଆନ୍ତି। ତା'ପରେ ମଧ, ଏପରି ପରିସ୍ଥିତିରେ କ'ଣ ହେବ? ଯଦି କୌଣସି ଦଳ ବହୁମତ ପାଏ ନାହିଁ ଏବଂ ମେଣ୍ଟ ସରକାର ମଧ ନିଜର ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାକୁ ଅସମର୍ଥ ହୁଏ। ତେବେ ଏପରି ପରିସ୍ଥିତିରେ ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇପାରେ। ଏପରି ପରିସ୍ଥିତିରେ, ଦିଲ୍ଲୀ ବିଧାନସଭାକୁ ସ୍ଥଗିତ ରଖାଯିବ। କେନ୍ଦ୍ର ସରକାରଙ୍କ ପ୍ରତିନିଧି ଭାବରେ, ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କୁ ଦିଲ୍ଲୀର ଦାୟିତ୍ୱ ଦେବେ। ବେଳେ ବେଳେ ଘର ବାହୁଡ଼ା ମତାମତ ଭୁଲ ପ୍ରମାଣିତ ହୋଇଯାଏ ପ୍ରକୃତ ମତଦାନ ସଂଖ୍ୟା ଠାରୁ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋ-୯୪୩୭୯୫୫୫୬୮

# ମୋଟା ମଣିଷଙ୍କ ବୋଝ

**ଇଂ.ପ୍ରଭାତ କୁମାର ଭୂୟାଁ**

ଆପଣ ପତଳା ନା ମୋଟା ? ଆମେ ଏ ଲେଖା ମାଧ୍ୟମରେ ମୋଟା ମଣିଷମାନଙ୍କୁ ଅପମାନିତ କରିବା ପାଇଁ ଆଦୌ ଚାହୁଁ ନାହୁଁ। ଯେ କେହି କହିପାରିବେ ମୁଁ ମୋ ନିଜ ରୋଜଗାରରେ ବା ମୋ ବାପା ରୋଜଗାରରେ ଖାଉଛି, ତୁମର କ'ଣ କ୍ଷତି ହେଉଛି ଯେ ମୋ ମୋଟା ଶରୀର ତୁମ ପାଇଁ ସତେ ଯେପରି ବୋଝ ପାଲଟୁଛି। ଏହା ସତ କଥା, ମୋଟା ମଣିଷମାନେ ବାସ୍ତବିକ ସମାଜରେ ଅନେକ କଷ୍ଟ ସହ୍ୟ କରିଥାନ୍ତି। କେତେକ ଲୋକ ମୋଟା ହେବା ପଛରେ ସେମାନଙ୍କର ଗୁଣସୂତ୍ର ଜିନ୍ ମଧ ଦାୟୀ ରହିଥାଏ। ପୃଥିବୀ ଉପରେ ପ୍ରତିଦିନ ଓଜନର ଭାର ବଢ଼ି ବଢ଼ି ଚାଲିଛି। ଆମ ଅଗୋଚରରେ ଆମେ ପ୍ରତି ଦିନ ପୃଥିବୀ ଉପରେ ଓଜନ ବଢ଼େଇ ଚାଲିଛେ। ଏହି ବୋଝର ଏକ ବଡ଼ ଅଂଶୀଦାର ହେଉଛନ୍ତି ମୋଟା ଲୋକେ। ଲଣ୍ଡନ ସ୍କୁଲ ଅଫ୍ ହାଇଜିନ୍ ଏଣ୍ଡ ଟ୍ରିପକାଲ ମେଡ଼ିସିନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏକ ଗବେଷଣାମୂଳକ ଅନୁଧ୍ୟାନ କହେ ଯେ ଏ ପୃଥିବୀକୁ ଭାରାକ୍ରାନ୍ତ କରୁଥିବା ଦୋଷରେ ସବୁଠାରୁ ବଡ଼ ଦୋଷୀ ହେଉଛନ୍ତି ଉତ୍ତର ଆମେରିକୀୟମାନେ। ସେମାନଙ୍କ ସଂଖ୍ୟା ପୃଥିବୀର ମୋଟ ଜନସଂଖ୍ୟାର ମାତ୍ର ୬ ପ୍ରତିଶତ। କିନ୍ତୁ ସେମାନଙ୍କ ଓଜନ ହେଉଛି ପୃଥିବୀ ଉପରେ ଆତଯାତ ହେଉଥିବା ସବୁ ମଣିଷଙ୍କ ଓଜନର ୩୩ ଭାଗ। ସାରା ପୃଥିବୀକୁ ବିଚାରକୁ ନେଲେ ଜଣ ପିଛା ହାରାହାରି ଓଜନ ହେଉଛି ୬୭ କେଜି। କିନ୍ତୁ ଉତ୍ତର ଆମେରିକାରେ ଏହି ହାରାହାରି ହେଉଛି ୮୦.୭ କେଜି ଏବଂ ଏସିଆରେ ତାହା ହେଉଛି ୫୭.୭ କେଜି। ଉଲ୍ଲେଖ କରାଯାଇପାରେ କି ସାରା ପୃଥିବୀର ଜନସଂଖ୍ୟାର ୬୧ ପ୍ରତିଶତ ଏସିଆରେ ରହନ୍ତି କିନ୍ତୁ ସେମାନଙ୍କ ଓଜନର ଭାର ହେଉଛି ସମୁଦାୟ ମଣିଷଙ୍କ ଓଜନର ଭାରର ମାତ୍ର ୧୩ ପ୍ରତିଶତ। ସେଇ କ୍ରମରେ ଏହା ବି ଜଣାପଡ଼ିଛି ଯେ ଏରିଟ୍ରିଆ, ଭିଏତ୍‌ନାମ ଏବଂ ଇଥିଓପିଆ ଭଳି ଦେଶର ଓଜନ ସବୁଠାରୁ ହାଲୁକା। ଏଇ ଗବେଷଣା କେବଳ କିଛି କୌତୂହଳପ୍ରଦ ତଥ୍ୟ ଯେ ସାମ୍ନାକୁ ଆଣିଛି ତାହା ନୁହେଁ, ଏହାକିଛି ଗୁରୁତ୍ୱପୂର୍ଣ୍ଣ ମାନବିକ ସମସ୍ୟାକୁ ମଧ ଉଜାଗର କରିଛି।

ପ୍ରଥମ କଥା ହେଲା, ଏହା ଏକ ବୈଷମ୍ୟପୂର୍ଣ୍ଣ ପୃଥିବୀର ଚିତ୍ର ଆଣି ଥୋଇଛି। ଦ୍ୱିତୀୟ କଥା ହେଲା, ତା ସହିତ ଏହା ଦେଖାଇ ଦେଇଛି ଯେ ଏଇ ପୃଥିବୀରେ ଯେଉଁମାନଙ୍କ ପାଖରେ ସବୁ କିଛି ଅଛି ସେମାନେ ପୃଥିବୀକୁ ସବୁଠାରୁ ଅଧିକ ଦୁହିଁଛନ୍ତି, ପୃଥିବୀ ଠାରୁ ଅଧିକ ନେଉଛନ୍ତି, ଏଣେ ପୃଥିବୀ ଉପରେ ଅଧିକ ଓଜନ ଲଦୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କିଛି ବର୍ଷ ତଳେ ପ୍ରସ୍ତୁତ ହୋଇଥିବା ଏକ ରିପୋର୍ଟରୁ ଜଣାପଡ଼ିଥିଲା ଯେ ଥିଲାବାଲା ଦେଶର ଲୋକେ ମୁଖ୍ୟତଃ ଉତ୍ତର ଆମେରିକା ଓ କିଛି ୟୁରୋପୀୟ ଦେଶ ପ୍ରତିଦିନ ଯାହା ଖାଆନ୍ତି, ତାହାଠାରୁ ଅଧିକ ନଷ୍ଟ କରନ୍ତି। ସେମାନେ ଦିନକୁ ଯେତିକି ଖାଦ୍ୟ ନଷ୍ଟ କରନ୍ତି ସେଥିରେ କ୍ଷୁଧା ଜର୍ଜରିତ ଆଫ୍ରିକୀୟ ଦେଶର ନାଗରିକମାନେ ସପ୍ତାହେ କାଳ ଚଳିପାରିବେ। ଖାଦ୍ୟ ଉତ୍ପାଦନ ଏବଂ ବଣ୍ଟନରେ ଯେଉଁ ଅସମାନତା ରହିଛି ତାହା ଲଣ୍ଡନ ସ୍କୁଲ ଅଫ ହାଇଜିନ ଓ ଟ୍ରପିକାଲ ମେଡ଼ିସିନ୍‌ର ଅନୁଧ୍ୟାନରୁ ପରିଷ୍କାର ହୋଇଛି। ଏହାଛଡ଼ା ଏହି ମୋଟା ଲୋକେ ଆବଶ୍ୟକ କରୁଥିବା ସାମଗ୍ରୀ ଯେମିତିକି ପୋଷାକ ପତ୍ର, ଘର, ଗାଡ଼ି ଆଦି ସବୁ କିଛି ସକାଶେ ସେମାନେ ଜଣେ ସାଧାରଣ ଓଜନର ବ୍ୟକ୍ତି ଠାରୁ ଅଧିକ ପ୍ରାକୃତିକ ସଂସାଧନ ବ୍ୟୟ କରନ୍ତି। ତୃତୀୟ କଥା ହେଲା, ଏହି ପୃଥୁଳକାୟ ବ୍ୟକ୍ତିମାନେ କ୍ରମଶଃ ଅଳସୁଆ ହୋଇ ଉଠୁଥିବା କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ପ୍ରଦର୍ଶନ ଆକ୍ରାନ୍ତ ହେଉଛି ଏବଂ ତାର ଫଳ ରାଷ୍ଟ୍ରକୁ ଭୋଗିବାକୁ ପଡୁଛି। ସେଭଳି ଭାବେ ସେମାନଙ୍କ ଚିକିତ୍ସାରେ ହେଉଥିବା ବ୍ୟୟ ତଥା ସେମାନଙ୍କ ଚିକିତ୍ସାର ପ୍ରୟୋଜନୀୟତା ସାମଗ୍ରିକ ଭାବେ ସେବା କ୍ଷେତ୍ରକୁ ପ୍ରଭାବିତ କରୁଛି। ଯଦିଓ ଧନୀ ରାଷ୍ଟ୍ରମାନେ ବିଶେଷ କରି ଆମେରିକା ଓ ୟୁରୋପୀୟ ଦେଶ, ପୃଥିବୀର କ୍ରମବର୍ଦ୍ଧିଷ୍ଣୁ ପ୍ରାକୃତିକ ସଂସାଧନର ଅବକ୍ଷୟ ସକାଶେ ତୃତୀୟ ବିଶ୍ୱର ରାଷ୍ଟ୍ରଗୁଡ଼ିକୁ ଦାୟୀ କରନ୍ତି, ସେମାନେ ଏବେ ନିଜର ଓଜନକୁ ଚାହିଁ ସେ ବାବଦରେ ଚିନ୍ତା କରିବା ଉଚିତ।

ସହକାରୀ ଇଞ୍ଜିନିୟର, ଭିସା ଷ୍ଟିଲ, କଳିଙ୍ଗନଗର, ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ,
ମୋ : ୯୯୩୭୬୬୯୮୮୭

# ବଜେଟ ୨୦୨୫-୨୬, ମଧ୍ୟବିତ୍ତ ବର୍ଗ କିଏ ?

**ଅସିତ ମହାନ୍ତି**

> "ଲୋକମାନେ କହୁଛନ୍ତି ବଜେଟ କେନ୍ଦ୍ରୀୟ ବଜେଟ ନଥିଲା ବରଂ ବିହାର ରାଜ୍ୟର ବଜେଟ ଥିଲା । ପ୍ରକୃତରେ କାହାଣୀ କିଛି ଅଲଗା ଅଟେ । ବାସ୍ତବରେ ବର୍ତ୍ତମାନ କେନ୍ଦ୍ର ସରକାର ବିହାର ରାଜ୍ୟକୁ କହୁଛନ୍ତି ଯେ , ଯାହା କିଛି ବିହାର ପାଇଁ କରାଯାଉଛି । ତାହା ପ୍ରକୃତରେ କେନ୍ଦ୍ର ସରକାର କରୁଛନ୍ତି । ଆପଣ ଆମକୁ ଭୋଟ ଦିଅନ୍ତୁ ,ଆମେ ନୀତିଶ ବାବୁଙ୍କୁ ଏକନାଥ ସିନ୍ଦେ ଭାବରେ ସାମ୍ନାକୁ ଆଣିବୁ । ଅର୍ଥାତ୍ ନୀତିଶ କୁମାରଙ୍କୁ ବିଜେପି ଏକନାଥ ସିନ୍ଦେଙ୍କ ସ୍ଥାନ ଦେବାକୁ ଯାଉଛନ୍ତି । ବଜେଟ ମାଧ୍ୟମରେ କେନ୍ଦ୍ର ସରକାର ଏକଥା ସ୍ୱଷ୍ଟ କରିଥିବା ପ୍ରତୀୟମାନ ହେଉଛି । ଆଉ ଗୋଟିଏ ପ୍ରଶ୍ନ ଯେ, ବିହାରର ପୂର୍ବ ନିର୍ବାଚନରେ ଦେଶର ପ୍ରଧାନ ମନ୍ତ୍ରୀ ଯାହା ଘୋଷଣା କରିଥିଲେ । ତାହା ଆଜି ପର୍ଯ୍ୟନ୍ତ ଦିଆଯାଇପାରିଛି କି ?

ଭାରତର ଅର୍ଥମନ୍ତ୍ରୀ କ୍ରମାଗତ ଅଷ୍ଟମ ବଜେଟ୍ ଉପସ୍ଥାପନ କରିଛନ୍ତି। ବିଗତ ଅନେକ ଦିନ ଧରି ଗଣମାଧ୍ୟମରେ ଏହା ପ୍ରଦର୍ଶିତ ହେଉଥିଲା ଯେ ଦେଶକୁ ବହୁତ କିଛି ମିଳିବାକୁ ଯାଉଛି। ତେଣୁ ପ୍ରଶ୍ନ ହେଉଛି, ଦେଶକୁ କ'ଣ ମିଳିଛି। ସାଧାରଣ ଜନତା ଯେଉଁମାନେ ଡାଇରେକ୍ଟ ଟ୍ୟାକ୍ସ ଦେଉନାହାନ୍ତି ସେମାନଙ୍କୁ କ'ଣ ମିଳିଲା? ଗଣମାଧ୍ୟମ ଅନୁଯାୟୀ, ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଶୂନ୍ୟ ଟିକସ। ଏହି ଶୂନ ଟିକସର ସତ୍ୟତା କ'ଣ? ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ କାରଣ ଗୋଟିଏ ପଟେ ସ୍ଲାବ ବିଷୟରେ ଆଲୋଚନା ହେଉଛି, ଅନ୍ୟପଟେ ଶୂନ ଟିକସ ବିଷୟରେ ଆଲୋଚନା ହେଉଛି। ଉଲ୍ଲେଖଯୋଗ୍ୟ, ଅର୍ଥମନ୍ତ୍ରୀ କହିଛନ୍ତି ଯେ ଆସନ୍ତା ସପ୍ତାହରେ ଏକ ନୂଆ ଆୟକର ବିଲ୍ ପାରିତ ହେବାକୁ ଯାଉଛି। ଏମିତି ନୁହେଁ, ଆରମ୍ଭ ଏପରି କରାଯାଇଛି ଯେ ଆଗାମୀ ସପ୍ତାହରେ କ'ଣ ହେବ ତାହା ଦେଖିବାକୁ ମିଳିବ। ପ୍ରଶ୍ନ ଉଠୁଛି, ନୂଆ ଆୟକର ବିଲ୍ ସେହିଦିନ କାହିଁକି ଘୋଷଣା କରାଗଲା ନାହିଁ? ଏହାର କାରଣ ଦିଲ୍ଲୀ ନିର୍ବାଚନ ନୁହେଁ ତ । ନିର୍ବାଚନ ପରେ ଲୋକଙ୍କୁ କୁହାଯିବ ନୂଆ ଆୟକର କ'ଣ? ଏହି ଘୋଷଣା ପରେ ଟିକସଦାତାମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ନୂଆ ଆୟକର ବିଲ୍ ଆଜି ଆସିପାରିଥାନ୍ତା, କିନ୍ତୁ ଏହାକୁ କାହିଁକି ବନ୍ଦ କରାଗଲା? ଯାହା ମନେ ହେଉଛି, ଏହାକୁ ଫେବୃଆରୀ ୫ ପାଇଁ ସ୍ଥଗିତ ରଖାଯାଇଛି, ଯାହାଦ୍ୱାରା ଦିଲ୍ଲୀ ନିର୍ବାଚନ ହୋଇପାରିବ। ଏହା ଏକ ଯୋଜନା ଅଧୀନରେ କରାଯାଇଛି। ଏହି ବଜେଟରେ ମଧ୍ୟବିତ୍ତ ବର୍ଗଙ୍କୁ ଆଶ୍ୱସ୍ତି ମିଳିବ କି ନାହିଁ ସେ ନେଇ ସନ୍ଦେହ ରହିଛି।

ଏଠାରେ ପ୍ରଶ୍ନ ଉଠେ, ୧ ଲକ୍ଷ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ମଧ୍ୟବିତ୍ତ କୁହାଯାଏ କି ? ଭାରତ ସନ୍ଦର୍ଭରେ ମଧ୍ୟବିତ୍ତ ସେମାନଙ୍କୁ ଧରାଯାଏ ଯେଉଁମାନେ ମାସିକ ୧୫ ହଜାରରୁ ୫୦ ହଜାର ଟଙ୍କା ରୋଜଗାର କରିଥାନ୍ତି । କିନ୍ତୁ ମହତ୍ତ୍ୱପୂର୍ଣ୍ଣ ବିଷୟଟି ହେଉଛି ଯେଉଁମାନେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି । ଯେମିତିକି , ପରିବା ବିକ୍ରି କରୁଥିବା ଲୋକ , ଠେଲା ଚଳାଉଥିବା ଲୋକ, ରିକ୍ସା ବାଲାମାନଙ୍କ ପାଇଁ ବଜେଟରେ ରେ କ'ଣ ପ୍ରାବଧାନ ରଖାଯାଇଛି ? ସେମାନେ ତ ଡାଇରେକ୍ଟ ଟ୍ୟାକ୍ସ ଦିଅନ୍ତି ନାହିଁ। ସରକାରଙ୍କୁ ଯାହା କିଛି ଫାଇଦା ଦେବା କଥା, ଯେଉଁମାନେ ବାସ୍ତବରେ ଗରିବୀ ରେଖାରେ ତଳେ ଥିବା ଲୋକମାନଙ୍କୁ ଦେବା ଉଚିତ। ସେମାନେ ପ୍ରକୃତ ଗରିବ । ସରକାର ତ ଅପର ମିଡିଲ କ୍ଲାସକୁ ରିହାତି ଦେଉଛନ୍ତି। ପ୍ରକୃତରେ ଯେଉଁମାନେ ସୁପର ରିଚ୍ ସେମାନଙ୍କ ଠାରୁ ଟ୍ୟାକ୍ସ ନିଅନ୍ତୁ । ଏହା ସହିତ ଯେଉଁମାନଙ୍କ ପାଖରେ ଅଗଣିତ ବଡ ବଡ କୋଠି ରହିଛି ସେମାନଙ୍କ ଘରେ ଇନ୍‌କମ୍ ଟ୍ୟାକ୍ସ ଚଢ଼ାଉ କରନ୍ତୁ । ସେମାନଙ୍କୁ ପଚାରନ୍ତୁ ଯେ ସେମାନଙ୍କର ସୋର୍ସ ଅଫ ଫଣ୍ଡିଂ କଣ, ଇନ୍‌କମ୍ ଟ୍ୟାକ୍ସ ରିଟର୍ନ ଦେଖାନ୍ତୁ ଏବଂ ଏହା ନ୍ୟାୟ ସଂଗତ କି ନୁହେଁ ପ୍ରମାଣ କରନ୍ତୁ ? ଏବେ ଟିକସ ପ୍ରସଙ୍ଗକୁ ଆସିବା, ଯେତେବେଳେ ୮ ବର୍ଷ ଧରି ନୂଆ ଟଙ୍କାର ଆୟକରରେ କୌଣସି ରିହାତି ମିଳିନାହିଁ,



ଏଥର କ'ଣ ହେଲା ନୂଆ ଆୟକର ବିଲ୍ ଆସିବା ପରେ ବାସ୍ତବତା ପଦାକୁ ଆସିବ। ଏହି ୧୨ ଲକ୍ଷ ଆୟ ଉପରେ ଶୂନ ଟିକସ କଥା କହିବାରେ କିଛି ଭୁଲ ଅଛି। ଯଦି କାହାର ମାସିକ ଆୟ ୧ ଲକ୍ଷ ୧୦ ହଜାର, ତେବେ ୧ ଲକ୍ଷ ପର୍ଯ୍ୟନ୍ତ ଛାଡ କରାଯାଏ। ଯଦି ଏହା ୧ ଲକ୍ଷ ୧୦ ହଜାର, ତେବେ ଏହାର ସ୍ଲାବ୍ ୧୨ ଲକ୍ଷରୁ ଆରମ୍ଭ ହେବ ନାହିଁ, ଏହାର ସ୍ଲାବ୍ ୪ ଲକ୍ଷରୁ ଆରମ୍ଭ ହେବ।

ବାସ୍ତବରେ, ଟ୍ୟାକ୍ସ ସ୍ଲାବଗୁଡିକ ବଦଳାଯାଇ ନାହିଁ, ରିବେଟ ବଦଳାଯାଇଛି। ଏହାର ଅର୍ଥ ହେଉଛି ଯଦି ତୁମର ଦରମା ହେଉଛି ୧୨.୭୬ ଲକ୍ଷ, ତେବେ ତୁମକୁ ସମାନ ଟ୍ୟାକ୍ସ ଦେବାକୁ ପଡିବ । ସେହି ହେଉଛି, ମାସକୁ ୧ ଲକ୍ଷ ରୋଜଗାର କରୁଥିବା ବ୍ୟକ୍ତି ଖୁସି ହେବେ। କିନ୍ତୁ ଯିଏ ୧ ଲକ୍ଷରୁ ଅଧିକ ରୋଜଗାର କରେ। ସେ ଦୁଃଖୀ ହେବ । ଟ୍ୟାକ୍ସ ଫ୍ରି ବିଷୟରେ ଯାହା କୁହାଯାଉଛି । ଏହା ପୁରୁଣା ଟ୍ୟାକ୍ସ ରେଜିମ ପାଇଁ ନା ନୂଆ ଟ୍ୟାକ୍ସ ରେଜିମ ପାଇଁ ଆମେ ସମସ୍ତେ ବାସ୍ତବରେ ପୁରୁଣା ଟ୍ୟାକ୍ସ ରେଜିମରେ ଅଛନ୍ତି , ନ୍ୟୁ ଟ୍ୟାକ୍ସ ରେଜିମରେ ଏଗଜେମ୍ପ୍ସନ ନାହିଁ, କିନ୍ତୁ ପୁରୁଣା ଟ୍ୟାକ୍ସ ରେଜିମରେ ରିହାତି ବା ଏଗଜେମ୍ପ୍ସନ ଅଛି। ଆମେ ସମସ୍ତେ ଏଗଜେମ୍ପ୍ସନ କାହିଁକି ନିଅନ୍ତି , ଆମେ ଏଟିସି ବେନିଫିଟ କାହିଁକି ନିଅନ୍ତି । ଆମେ ସଂଚୟ କାହିଁକି କରନ୍ତି ? ଆମେ ସେଭିଂ ଏବଂ ଏଟିସିର ଫାଇଦା ଏଇଥିପାଇଁ ନିଅନ୍ତି। କାରଣ ଆମ ଦେଶରେ ସାମାଜିକ ସୁରକ୍ଷା ବୋଲି କିଛିନାହିଁ । ଆମେରିକା ଏବଂ ଇଉରୋପରେ ଯଦି ଆପଣ ମେଡିକାଲ ଇନସିଓର୍ଡ଼ ହୋଇଛନ୍ତି ତେବେ ଆପଣଙ୍କୁ କୌଣସି ସମସ୍ୟା ନାହିଁ । ତାହେଲେ ଆମକୁ ସାମାଜିକ ସୁରକ୍ଷା ଦରକାର । ଶିକ୍ଷା ,ସ୍ୱାସ୍ଥ୍ୟ ଲୋକମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉ, ଆମକୁ ଟ୍ୟାକ୍ସ ଫ୍ରି ଦରକାର ନାହିଁ ।

ଭାରତରେ ସବୁଠାରୁ ବଡ ଚିନ୍ତା ହେଉଛି ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଯାହା ଅତ୍ୟନ୍ତ ମହଙ୍ଗା। ଘରେ ଯଦି କୌଣସି ବ୍ୟକ୍ତି ବଡ ରୋଗରେ ଆକ୍ରାନ୍ତ ହୁଅନ୍ତି ବା ଘରେ କୌଣସି ପିଲା ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯିବାକୁ ଚାହୁଁଛି ତେବେ ଘରବାଡ଼ି ଏବଂ ଜମି ବିକ୍ରୟ କରିବାକୁ ହେବ। କାରଣ ଏଥିରେ କୋଟି କୋଟି ଟଙ୍କା ଦରକାର । ଏହାହିଁ ହେଉଛି ପ୍ରକୃତ କାରଣ। ଯେଉଁଥିପାଇଁ ଆମେ ସଂଚୟ କରିଥାଉ । ପୁରୁଣା ଟ୍ୟାକ୍ସ ରେଜିମ ସଞ୍ଚୟକୁ ପ୍ରୋତ୍ସାହିତ କରିଥାଏ ଏବଂ ନୂତନ ଟ୍ୟାକ୍ସ ରେଜିମ ତାହାକୁ ପ୍ରୋତ୍ସାହନ ଦିଏ ନାହିଁ । ସେ ଯାହାହେଉ ସରକାର ଯାହାକୁ ମଧ୍ୟମ ବର୍ଗ କହୁଛନ୍ତି , ଏବଂ ଯେଉଁମାନଙ୍କ ପାଇଁ ସେ ବଜେଟରେ ଏହି ଶୂନ୍ୟ ଟ୍ୟାକ୍ସ କଥା କହିଛନ୍ତି ତାହା ଏଇଥିପାଇଁ ସମ୍ଭବ ହୋଇପାରିଲା। ଗତ ଅନେକ ଦିନ ହେବ ମଧ୍ୟମ ବର୍ଗ ଦେଶର ଅର୍ଥନୀତିକୁ ଦେଖି କ୍ରୋଧିତ ହୋଇଛନ୍ତି । ପ୍ରକୃତରେ, ଯଦି ଦେଖାଯାଏ, ମଧ୍ୟମ ବର୍ଗର କ୍ରୋଧ ଏହି ବଜେଟରେ ଦୃଷ୍ଟିଗୋଚର ହେଉଛି । ମନେରଖିବା ଜରୁରୀ ଯେ ରାଜନୀତି ଅର୍ଥନୀତି ସହିତ ଜଡ଼ିତ । ଯଦି ଏହି କ୍ରୋଧ ଲୋକମାନେ ଦେଖାଇ ନଥାନ୍ତେ, ତେବେ ଏହି ପ୍ରକାର ବଜେଟ୍ ଦେଖାଯାଇ ନଥାନ୍ତା। ସେଥିପାଇଁ ଗଣତନ୍ତ୍ରରେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଏବଂ ବିରୋଧ କରିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବିଷୟ।

ଶେଷ କଥା ହେଉଛି, ଲୋକମାନେ କହୁଛନ୍ତି ବଜେଟ କେନ୍ଦ୍ରୀୟ ବଜେଟ ନଥିଲା ବରଂ ବିହାର ରାଜ୍ୟର ବଜେଟ ଥିଲା । ପ୍ରକୃତରେ କାହାଣୀ କିଛି ଅଲଗା ଅଟେ । ବାସ୍ତବରେ ବର୍ତ୍ତମାନ କେନ୍ଦ୍ର ସରକାର ବିହାର ରାଜ୍ୟକୁ କହୁଛନ୍ତି ଯେ , ଯାହା କିଛି ବିହାର ପାଇଁ କରାଯାଉଛି । ତାହା ପ୍ରକୃତରେ କେନ୍ଦ୍ର ସରକାର କରୁଛନ୍ତି । ଆପଣ ଆମକୁ ଭୋଟ ଦିଅନ୍ତୁ ,ଆମେ ନୀତିଶ ବାବୁଙ୍କୁ ଏକନାଥ ସିଂଦେ ଭାବରେ ସାମ୍ନାକୁ ଆଣିବୁ । ଅର୍ଥାତ୍ ନୀତିଶ କୁମାରଙ୍କୁ ବିଜେପି ଏକନାଥ ସିଂଦେଙ୍କ ସ୍ଥାନ ଦେବାକୁ ଯାଉଛନ୍ତି । ବଜେଟ ମାଧ୍ୟମରେ କେନ୍ଦ୍ର ସରକାର ଏକଥା ସ୍ୱଷ୍ଟ କରିଥିବା ପ୍ରତୀୟମାନ ହେଉଛି । ଆଉ ଗୋଟିଏ ପ୍ରଶ୍ନ ହେଉଛି ଯେ, ବିହାରର ପୂର୍ବ ନିର୍ବାଚନରେ ଦେଶର ପ୍ରଧାନମନ୍ତ୍ରୀ ଯାହା ଘୋଷଣା କରିଥିଲେ । ତାହା ଆଜି ପର୍ଯ୍ୟନ୍ତ ଦିଆଯାଇପାରିଛି କି ? ବିହାରର ଜନତା ଭଲଭାବେ ମନେ ରଖିଛନ୍ତି।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

## ତିନି ଆଦିବାସୀଙ୍କୁ ନିଃସର୍ତ୍ତ ଖଲାସ କରିବା ପାଇଁ ଦାବି

ରାୟଗଡା,୭।୨ (ନିପ୍ର); ସରକାର ବଦଳିବା ଏବଂ ନିୟମଗିରି ପାହାଡ଼ କଳାହାଣ୍ଡି ଓ ରାୟଗଡା ଜିଲ୍ଲାର ଡାଙ୍ଗରିଆମାନେ ବୈଠକ ପରେ ବୈଠକ କରି ନିଜର ପତିଆରା ଜାହିର କରିବା ପାଇଁ ଆରମ୍ଭ କରି ଦେଇଛନ୍ତି। ଗତ କିଛି ଦିନ ପୂର୍ବେ ଏକ ବୈଠକ କରିଥିଲେ। ପୁଣି ଆଜି ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ଶିକକାଙ୍କ ନେତୃତ୍ୱରେ ଲାଖ ପଦର ଗ୍ରାମଠାରେ ଏକ ବୈଠକ କରି ଥିଲେ। ଚଳିତ ୨୧, ୨୨, ୨୩ ତାରିଖରେ ନିୟମରାଜକୁ ପୂଜା ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ କରି ଜଳ ଜଙ୍ଗଲ ଜମି ବଞ୍ଚାଇବା ଓ ନିୟମରଜାର ଆସ୍ଥା ଲୋକଙ୍କ ଭାବନାକୁ ରକ୍ଷା କରିବା ସହ କିପରି ପର୍ବ ପାଳନ ହେବ ସେଥିନେଇ ବିଭନ୍ନ ବିଷୟରେ ଆଲୋଚନା କରିଥିଲେ। ସେହିପରି ୨୦୧୮ ମସିହାରେ କୁଆଡେ ବିଦ୍ୟାଳୟ ଘର ଭାଙ୍ଗିବା ଘଟଣାରେ ଗତ ଗତ ୩୦ ତାରିଖରେ କଳାହାଣ୍ଡି ଜିଲ୍ଲାର ତ୍ରିଲୋଚନ ପୁର ଢଙ୍ଗଡ଼ା ଭଟା ଗ୍ରାମର ତିନି ଆଦିବାସୀ ଯୁବକ ସନା ମାଝୀ, ରେଙ୍ଗା ମାଝୀ ଓ ପାତ୍ର ମାଝୀ ପୋଲିସ ଗିରଫ କରି ନେଇଥିବା କୁହାଯାଉଛି। ସୋମନଙ୍କୁ ନିସର୍ତ୍ତରେ ଖଲାସ କରିବା ପାଇଁ ଲଦ ଶିକକା ଦାବି କରିଛନ୍ତି।

## ବ୍ଲକସ୍ତରୀୟ ନିପୁଣ ଓଡ଼ିଆ ମେଳା

ରିଆମାଳ,୭।୨ (ନିପ୍ର); ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଆ ମେଳା ପାଳିତ ହୋଇଯାଇଛି ।ଉକ୍ତ ମେଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଣଜିତ ଭୋଇ, ବିଆର୍‌ସିସି ସଂଯୁକ୍ତା ସାମଲ, ଏବିଇଓ ବନିତା ବେହେରା ଓ ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସିନୀ ବେହେରା ଯୋଗଦେଇଥିଲେ । ଦୁଧିଆନାଳୀ ସି ଆର୍ ସି ସି ସତ୍ୟପୀର ଭୋଇ ସଭା ସଂଯୋଜନା କରିଥିଲା ବେଳେ ଠଣ ସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ମେଳାରେ ସାକ୍ଷରତା ମିଶନ ଷ୍ଟଲ୍, ସଂଖ୍ୟାଜ୍ଞାନ ଷ୍ଟଲ୍, ସୃଜନାତ୍ମକ କ୍ରିୟା କଳାପ ଷ୍ଟଲ୍ ଓ ମତାମତ ଷ୍ଟଲ୍ ଆଦି ବିଭିନ୍ନ ଶିକ୍ଷଣୀୟ ଉପାଦାନ ଥିଲା । ଏହି ଷ୍ଟଲ୍ ପରିଦର୍ଶନ କରି ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରିଥିଲେ ଓ ପରିଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରିଆମାଳ ମହାଶିବରାତ୍ରି ପାଳନ ପାଇଁ ପ୍ରସ୍ତୁତି

ରିଆମାଳ,୭।୨ (ନିପ୍ର): ଫେବୃଆରୀ ୨୬ ତାରିଖରେ ମହାଶିବରାତ୍ରି ତଥା ଜାଗର ଯାତ୍ରା ପାଳିତ ହେବ ଓ ଏହି ପରିପ୍ରେକ୍ଷୀରେ ରିଆମାଳ ଶିବ ମନ୍ଦିର ପ୍ରାଙ୍ଗଣରେ ଏ ବର୍ଷ ବେଶ୍ ଧୁମଧାମରେ ମହାଶିବରାତ୍ରି ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏ ବର୍ଷର ଶିବରାତ୍ରି କମିଟିର ସଭାପତି ଭାବେ ପ୍ରକାଶ ବିଶ୍ୱାଳ ଓ ସମ୍ପାଦକ ଭାବେ ସୁଶିଲ କୁମାର ସାହୁଙ୍କୁ ଚୟନ କରାଯାଇଛି । ବୈଠକରେ ପୂର୍ବତନ ସମ୍ପାଦକ ଗାନ୍ଧୀ ଚରଣ ନାଏକ ପୂର୍ବ ବର୍ଷର ଆୟବ୍ୟୟ ବିବରଣୀ ପାଠ କରି ନୂତନ ସମ୍ପାଦକଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଚଳିତବର୍ଷ ମନ୍ଦିରକୁ ଆସୁଥିବା ଭକ୍ତମାନଙ୍କୁ ସୁଚାରୁରୂପେ ପ୍ରସାଦ ବଣ୍ଟନ, ବସଷ୍ଟାଣ୍ଡ ଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ଆଲୋକୀକରଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ମନୋରଞ୍ଜନ ପାଇଁ ରିଆମାଳ ଅଞ୍ଚଳର କଳାକାର ମାନଙ୍କୁ ନେଇ ' ଆଖି ଲୁହକୁ ମୁଁ କରିଛି ସାଥୀ ' ନାଟକ ମଞ୍ଚସ୍ଥ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ମହାଶିବରାତ୍ରି ପର୍ବ ଶାନ୍ତିଶୃଙ୍ଖଳାର ସହିତ ଯେମିତି ପାଳନ କରାଯିବ ତା ଉପରେ ବିଶେଷ ଭାବେ ଆଲୋଚନା ହୋଇଥିଲା ।

## ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ବାର୍ଷିକୋତ୍ସବ

ଦାମନଯୋଡି,୭/୨(ନିପ୍ର): ଦାମନଯୋଡି ସନ୍ନିକଟ ଭେଜାପୁଟ ଠାରେ ଥିବା ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବ ମନ୍ଦିରର ୨୮ତମ ବାର୍ଷିକୋତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ଗୁରୁବାର ମାଘ ଶୁକ୍ଳ ନବମୀ ତିଥିରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବଦିନ ଅଧିବାସ ସହ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୁରୁବାର ସକାଳୁ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା । ବିଭିନ୍ନ ଗ୍ରାମର କୀର୍ତ୍ତନ ମଣ୍ଡଳୀ ନାମ ପରିବେଷଣ କରିଥିଲେ । ପ୍ରଭୁଚରଣ ସାହୁ ଓ ଧର୍ମପତ୍ନୀ ରେଣୁବାଳା ସାହୁ କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ । ଅନ୍ୟ ପକ୍ଷରେ ମନ୍ଦିରରେ ମହାଦେବଙ୍କ ରୁଦ୍ରାଭିଷେକ କରାଯାଇଥିଲା । ସରୋଜ୍ କୁମାର ସ୍ୱାଇଁ ଓ ଧର୍ମପତ୍ନୀ ଚରୁବାଳା ସ୍ୱାଇଁ କର୍ତ୍ତା ଭାବେ ରହିଥିଲେ । ମନ୍ଦିରର ନିତ୍ୟ ପୂଜକ ଦେବେନ୍ଦ୍ର ଦାଶ, ମାନସ କୁମାର ଦାଶ, ସନ୍ତୋଷ କୁମାର ଦାଶ ସମସ୍ତ ପୂଜାକାର୍ଯ୍ୟ ତୁଲାଇଥିଲେ। ଶୁକ୍ରବାର ସକାଳୁ ନାମ ସମାପନ ପରେ ଦହିହାଣ୍ଡି ଭଙ୍ଗା, ନଗର କୀର୍ତ୍ତନ ଓ ଯମୁନା ସ୍ନାନ କାର୍ଯ୍ୟକ୍ରମ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ କେରଳ ଦମ୍ପତି

ପାରଳାଖେମୁଣ୍ଡି,୭।୨ (ନିପ୍ର): ଗଜପତି ଜିଲ୍ଲାରୁ ୬୭ତମ ଶିଶୁଙ୍କୁ ଜିଲ୍ଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ କେରଳର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ପ୍ରକାରେ ପିତୃମାତୃହୀନ ଏହି ଶିଶୁକନ୍ୟାଟିକୁ, ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ । ଏହାପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୩ ବର୍ଷ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଟିର ବୟସ ୪ ମାସ ଏବଂ କନ୍ୟା ଶିଶୁ ହୋଇଥିବାବେଳେ, ଶିଶୁଟିକୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା।

## ସୁକୁରୁମୁନିଙ୍କୁ ମିଳିଲା ନୂଆ ଆଶ୍ରୟ

କେନ୍ଦୁଝର,୭।୨ (ନିପ୍ର): ନିଜ ଅସ୍ୱାଭାବିକ କମ୍ ଉଚ୍ଚତା ଯୋଗୁଁ କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳ ୧୩ ନମ୍ବର ୱାର୍ଡ ମନ୍ଦିର ହଟିଙ୍ଗର ସ୍ୱର୍ଗତ ଗୌରାଙ୍ଗ ସିଂ ମୁଣ୍ଡା ଓ ସ୍ୱର୍ଗତା ଯାନ ମୁଣ୍ଡାଙ୍କ ୩୫ ବର୍ଷୀୟା ଝିଅ ସୁକୁରୁମୁନି ମୁଣ୍ଡା ସମ୍ମୁଖୀନ ହେଉଥିବା ଅସୁବିଧାରେ ଆଜି ଯବନିକା ପଡିଛି । ବାପା ମା ଛେଉଣ୍ଡ ସୁକୁରୁମୁନି ନିଜ ବୟସ ତୁଳନାରେ ମାତ୍ର ଦୁଇ ଫୁଟ ଉଚ୍ଚତା ବିଶିଷ୍ଟ ହୋଇଥିବାରୁ ନିଜ ଦୈନନ୍ଦିନ କାର୍ଯ୍ୟ କରିବାକୁ ମଧ୍ୟ ସକ୍ଷମ ହୋଇପାରୁନଥିଲେ । ନିଜ ମାମୁଁ ପୁଅ ଭାଇଙ୍କ ପାଖରେ ଦୀର୍ଘ ବର୍ଷ ରହିବା ପରେ କୌଣସି ସୁବିଧା ଆଶା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଜୀକୃତ କରିଥିଲେ । ଏନେଇ ଜିଲ୍ଲା ପ୍ରଶାସନ ଅବଗତ ହେଲା ପରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସୁକୁରୁମୁନିଙ୍କୁ ବଣିଆପାଟ ସ୍ଥିତ ଶକ୍ତି ସଦନ-୨ ଠାରେ ଗତକାଲି ଦିନ ଉପଯୁକ୍ତ ଭାବରେ ଥଇଥାନ କରାଯାଇଛି ।

# ଛାତ୍ରଛାତ୍ରୀଙ୍କୁ ବିକଶିତ ଭାରତର ଇଞ୍ଜିନ ହେବା ପାଇଁ ଆହ୍ୱାନ

ରାଉରକେଲା ୭/୨ (ନିପ୍ର): ସେକ୍ଟର-୪ ସ୍ଥିତ ରାଉରକେଲା କଲେଜ ଏବଂ ରାଉରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୮ତମ ବାର୍ଷିକୋତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱ, ଛାତ୍ର ସଂସଦର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ କୁମାର ଦଳେଇଙ୍କ ଆବାହକତ୍ୱ ତଥା ଅଧ୍ୟାପକ କରୁଣାକର ପାଟ୍ଟଶାଣୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି, ରାଉରକେଲାର ରାସ୍ତା ଓ ଗୃହନିର୍ମାଣ (ଆର୍ ଏଣ୍ଡ ବି) ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଆଲୋକ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ତନ୍ତୀ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବଚନ ପ୍ରଦାନ କରି କହିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ବିକଶିତ ଭାରତର ଇଞ୍ଜିନ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହାସହ ସ୍ୱାଭିମାନୀ, ସ୍ୱାବଲମ୍ବୀ ଭାରତ, ସବୁଜ ଭାରତ, ସ୍ୱଚ୍ଛ ଭାରତ




ପାଇଁ ସହଯୋଗୀ ହେବା ସହ ଶିକ୍ଷାର ବିକାଶ ଓ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରିବା, ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ନାଏକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କଲେଜ ସମୟ ହେଉଛି ଛାତ୍ରଛାତ୍ରୀଙ୍କ ପାଇଁ ଏକ ଘଡ଼ିସନ୍ଧିର ସମୟ। ତେଣୁ ସ୍ଥିରତା ଓ ଭବିଷ୍ୟତ ଗଠନ ପାଇଁ ଏହି ସମୟକୁ ସଠିକ ଉପଯୋଗ କରିବାକୁ ପରାମର୍ଶ ଦେବା ସହ କଲେଜର ଥିବା ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ ପ୍ରାଧ୍ୟାପିକା ରଶ୍ମିପ୍ରଭା ମଥାନଙ୍କ ବୈଦିକ ମନ୍ତ୍ରୋଚ୍ଚାରଣ ସହ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଛାତ୍ରୀ ପୂଜା କୁସୁମ ଏବଂ ସାଥୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରିବା ପରେ ଅଧ୍ୟକ୍ଷ ଡ଼ଃ ଜେନା ସଭାପତିତ୍ୱ ଅଭିଭାଷଣରେ କଲେଜ ତରଫରୁ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସହ ଶିକ୍ଷାକୁ ଗୁରୁତ୍ୱ ଓ ଏଥିରେ ଅଧ୍ୟାପକ ଅଧ୍ୟାପିକାମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ପ୍ରାଧ୍ୟାପକ ଶ୍ରୀ ଦଳେଇ ସଂସଦ ଦ୍ୱାରା ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଓ କଲେଜର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ରଶ୍ମିରଞ୍ଜନ ରାଉତ କଲେଜର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କଲେଜର କୃତୀ ଶ୍ରେଷ୍ଠ ଛାତ୍ରୀ ଅଙ୍କିତା ପଟ୍ଟନାୟକ, ଅନିତା ଜଗଦେଦ, ଆଲିଆ ଉଜମା, ଅଞ୍ଜଳି କୁମାରୀ ଠାକୁର, ଚନ୍ଦା ସିଂ, ରଶ୍ମିତା ସିଂ ଏବଂ ଯୁକ୍ତ ଦୁଇ କଳାରେ ଉମି ଆଦିଭା, ବାଣିଜ୍ୟରେ ଅରମାନ ରାଜା, ବିଜ୍ଞାନରେ ସାଇ ପ୍ରଦ୍ୟୁମ୍ନ ସାମଲ, କ୍ରୀଡ଼ାରେ ଗିରିଜା ଶଙ୍କର ସ୍ୱାଇଁଙ୍କୁ ତଥା ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି କଲେଜର ଜଣେ କର୍ମଚାରୀଙ୍କ ଦୁର୍ଘଟଣା ସ୍ଥଳରେ ସାହାଯ୍ୟ ଯୋଗାଇଥିବା ଚାରି ସମାଜସେବୀ ଯୁବ ବନ୍ଧୁ ସୁରଜ୍, ନିପୁଲ, ସଚିନ୍ ଓ ଭାବିସଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା। ଶେଷରେ ଅଧ୍ୟାପକ ତରଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥିମାନଙ୍କୁ ଖୁବ୍ ସ୍ପର୍ଶ କରିଥିଲା। ପୂର୍ବଦିନ ହୋଇଥିବା ନାଟ୍ୟ ପରିଷଦର ଉପସଭାପତି ପ୍ରାଧ୍ୟାପିକା ରଶ୍ମି ପ୍ରଭା ମଥାନଙ୍କ ସଂଯୋଜନାରେ ଆୟୋଜିତ ବାର୍ଷିକ ନାଟ୍ୟୋତ୍ସବରେ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତା, ଡ. ସମର ମୁଦାଲି ମୁଖ୍ୟଅତିଥି, ନାଟ୍ୟକାର ତଥା ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବୀନ ପରିଡ଼ାଙ୍କ ରଚିତ ତଥା ଅଧ୍ୟାପିକା ରଶ୍ମିପ୍ରଭା ମଥାନଙ୍କ ନିର୍ଦ୍ଦେଶିତ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଭିନୀତ ନାଟକ - କିନ୍ତୁ ଏକ ଶବ୍ଦକୁ ଉପଭୋଗ କରିଥିଲେ। ଏହି ନାଟକରେ ବିଚାରକ ଭାବେ ନାଟ୍ୟ ନିର୍ଦ୍ଦେଶକ ପଞ୍ଚାନନ ପାତ୍ର ଓ ନାଟ୍ୟ ଉପଦେଷ୍ଟା ବିଜୟ କୁମାର ଭୋଳ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ନାଟକର ଶ୍ରେଷ୍ଠ କଳାକାର ଭାବେ ଗିରିଜା ଶଙ୍କର ସ୍ୱାଇଁ ଏବଂ ଦେବରଶ୍ମି ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉଭୟ କାର୍ଯ୍ୟକ୍ରମରେ କଲେଜର ବରିଷ୍ଠ ପ୍ରାଧ୍ୟାପିକା ଭାରତୀ ବରୁଆ, ବନ୍ଦନା ସୋରେଙ୍ଗ, ଅଜିତ ବେକ୍, ବୈଜୟନ୍ତୀ ବାରିକ, ଦୀପାଳୀ ପ୍ରଧାନ, ମୌସୁମୀ ଦାସ, ପ୍ରାଧ୍ୟାପକ ରଞ୍ଜିତ ପ୍ରଧାନ, ଅନୀଲ ରାମ୍, ରାଜକୁମାର ଜେନା, ସ୍ୱାତୀସ୍ମିତା ସାହୁ, ଅନାମିକା କୁଲୁ, ଶୁଭଶ୍ରୀ ବାରିକଙ୍କ ସମେତ ସମସ୍ତ ଅଧ୍ୟାପକ-ଅଧ୍ୟାପିକାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରକ ଓ ସ୍କୁଟି ମଧ୍ୟରେ ଧକ୍କା ,ଜଣେ ମୃତ

ବୌଦ୍ଧ,୭/୨(ନିପ୍ର): ବୌଦ୍ଧ ଜିଲ୍ଲା ଦେଇ ଯାଇଥିବା ୫୭ ନମ୍ବର ଜାତୀୟ ରାଜପଥ ବୌଦ୍ଧ ଥାନା ଅନ୍ତର୍ଗତ ହରଭଙ୍ଗା ବ୍ଲକ ଲାଣ୍ଡିବନ୍ଧ ଗ୍ରାମ ନିକଟରେ ଏକ ଟ୍ରକ ଓ ସ୍କୁଟି ମଧ୍ୟରେ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ସ୍କୁଟି ବସିଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ମତେ, ଦୁଇ ଜଣ ବ୍ୟକ୍ତି ରାତି ପ୍ରାୟ ସାଢେ ଦଶ ଘଣ୍ଟା ସମୟରେ ବୌଦ୍ଧପଟୁ ଏକ ସ୍କୁଟି ଯୋଗେ ଚାରିଛକ ଆଡୁ ଯାଉଥିବା ସମୟରେ ଲାଣ୍ଡିବନ୍ଧ ଠାରେ ଠିଆ ହୋଇଥିବା ଏକ ଟ୍ରକର ପଛପଟେ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ । ଗୁରୁତରଙ୍କୁ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ଘଟଣା ସ୍ଥଳରେ ବୌଦ୍ଧ ଥାନା ପୁଲିସ ପହଞ୍ଚି ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଉଭୟଙ୍କ ମିଳି ପାରିନାହିଁ।

## ଭାଇ ପାଇଁ ଝିଅ ଦେଖି ଆସି , ଚାଲିଗଲା ଭାଇର ଜୀବନ

ରେଢ଼ାଖୋଲ,୭।୨ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଡଇଁଚା କିସାନ ପଡାକୁ ଗୁରୁବାର ଅପରାହ୍ନରେ ଝିଅ ଦେଖିବାକୁ ଆସି ଚାଲିଗଲା ଯୁବକଙ୍କ ଜୀବନ । ମୃତ ଯୁବକ ଜଣକ ହେଲେ ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅନ୍ତର୍ଗତ ଛତାବର , ବଡଝରଣ ଗ୍ରାମର ସୁନୀଲ କିସାନ (୩୦)। ସେ ତାଙ୍କ କାକା ପୁଅ ଭାଇଙ୍କ ପାଇଁ ଡଇଁଚା ଗ୍ରାମର କିସାନ ପଡ଼ାର ରଞ୍ଜନ କିସାନଙ୍କ ଘରକୁ ଝିଅ ଦେଖିବାକୁ ଆସିଥିଲେ ।

ଏକ କାର ଯୋଗେ ଆସି ଅପରାହ୍ନ ୨ ଟା ସମୟରେ କିସାନ ପଡ଼ାରେ ପହଞ୍ଚିଥିଲେ । ଝିଅ ଦେଖିସାରିବା ପରେ ସୁନିଲ କିସାନ କାର ଭିତରେ ଆସି ବସିଥିଲେ ହେଲେ ହଠାତ୍ ଅସୁସ୍ଥ ହୋଇପଡିଥିଲେ । ତାଙ୍କୁ ସଂଗେସଂଗେ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ରେଢ଼ାଖୋଲ ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ସରପଞ୍ଚଙ୍କୁ ହତ୍ୟା ଧମକ

ବୌଦ୍ଧ,୭।୨ (ନିପ୍ର): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ପଞ୍ଚାୟତର ସରପଞ୍ଚ ଅଶୋକ ସେଠୀଙ୍କୁ ତିନି ଜଣ ବ୍ୟକ୍ତି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ନେଇ ପୁରୁଣାକଟକ ଥାନାରେ ଅଭିଯୋଗ ହୋଇଛି । ସୂଚନା ମତେ, ପୁରୁଣାକଟକ ପଞ୍ଚାୟତ ଅନ୍ତର୍ଗତ ରତନପୁର ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଗ୍ରାମର ତିନି କଣ ବ୍ୟକ୍ତି କରୁଛନ୍ତି। ହେଲେ ସମସ୍ତ ବିଲ୍ ପ୍ରଦାନ ଦାବିରେ ତିନି ଜଣ ଯୁବକ ପଞ୍ଚାୟତ କାର୍ଯ୍ୟାଳୟରେ ଫାଟକରେ ତାଲା ପକାଇ ଦେବା ଫଳରେ ସାଧାରଣ ଜନତା ବିଭିନ୍ନ କାର୍ଯ୍ୟକୁ ଆସିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ଏବଂ ପଞ୍ଚାୟତର କାର୍ଯ୍ୟଧାରାରେ ବାଧା ଉପୁଜୁଛି। ଉକ୍ତ ବ୍ୟକ୍ତିମାନଙ୍କୁ ତାଲା ଖୋଲିବା ପାଇଁ ସରପଞ୍ଚ ଅନୁରୋଧ କରିଥିଲେ। ହେଲେ ସେମାନେ ଓଲଟା ସରପଞ୍ଚଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏହି ଘଟଣା ସମୟରେ ପଞ୍ଚାୟତର କର୍ମଚାରୀ ଏବଂ ୬ ଜଣ ୱାର୍ଡ ସଭ୍ୟ ଘଟଣାସ୍ଥଳରେ ଉପସ୍ଥିତ ଥିଲେ ବୋଲି ସରପଞ୍ଚ ଶ୍ରୀ ସେଠୀ ଥାନାରେ ଅଭିଯୋଗ କରିଥିଲେ। ପଞ୍ଚାୟତରେ ତାଲା ବନ୍ଦ ଘଟଣାକୁ ନେଇ ବୁଧବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି।

## 'ଏକ ଭାରତ, ଶ୍ରେଷ୍ଠ ଭାରତ ଓ ଅତୁଲ୍ୟ ଭାରତ' ନାରାରେ ସୋନି ଚୌରାସିଆଙ୍କ ସ୍କେଟିଂ, ୧୦୩ ଦିନରେ ସାରା ଭାରତ ଭ୍ରମଣ

ଛତ୍ରପୁର,୭/୨(ନି. ପ୍ର) : ଏକ ଭାରତ, ଶ୍ରେଷ୍ଠ ଭାରତ ଓ ଅତୁଲ୍ୟ ଭାରତ ନାରାରେ ବାରାଣସୀର ସୋନି ଚୌରାସିଆ ସ୍କେଟିଂ ଯାତ୍ରା ମାଧ୍ୟମରେ ସାରା ଭାରତ ଭ୍ରମଣରେ ବାହାରିଛନ୍ତି । ସୋନି ଗତ ଜାନୁଆରି ୨୦ ତାରିଖରୁ ବାରାଣାସୀର କାଶି ଠାରୁ ବାହାରି ମେ' ୧୨ ତାରିଖରେ ପ୍ରାୟ ୧୦୩ ଦିନ ମଧ୍ୟରେ ସ୍କେଟିଂ ଯାତ୍ରା ମାଧ୍ୟମରେ



ସାରା ଭାରତ ଭ୍ରମଣ କରି ପୁଣି କାଶି ଠାରେ ପହଂଚିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଏହାସହିତ ଭାରତ ବର୍ଷର ପ୍ରତ୍ୟେକ ବ୍ୟକ୍ତି ରୋଗମୁକ୍ତ ରହିବା ପାଇଁ ବିଭିନ୍ନ ପ୍ରକାର ବ୍ୟାୟାମ କାର୍ଯ୍ୟକୁ ଆପଣାଇବା ନିମନ୍ତେ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରୁ ଗଞ୍ଜାମ ଜିଲ୍ଲା ଛତ୍ରପୁର ଠାରେ ପହଞ୍ଚି ଥିବାବେଳେ ଛତ୍ରପୁର ନିର୍ବାଚନମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ଜିଲ୍ଲା ସଂପାଦକ ତଥା ବରିଷ୍ଠ ବିଜେପି ନେତା ପଦ୍ମଚରଣ ସାହୁଙ୍କ ନେତୃତ୍ୱରେ ସୌନି ଚୌରାସିଆଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀ, ଉପସଭାପତି ଚୈତନ୍ୟ ପ୍ରଧାନ, ସଂପାଦକ ସୁରେଶ କୁମାର ପଟ୍ଟନାୟକ, ଆଇନଜୀବୀ କୁଶ ବେହେରା, ଛତ୍ରପୁର ମଣ୍ଡଳ ସଭାପତି ସଞ୍ଜିତ୍ କୁମାର ରାଉଳ, କଣମଣା ମଣ୍ଡଳ ସଭାପତି ଏନ୍.ଦୀନବନ୍ଧୁ, ସଂପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ପି.ରାମବାବୁ, କେ.ଦାସରଥି, ବିଜେପି ନେତା କେ.ଚନ୍ଦ୍ରଶେଖର ରେଡ୍ଡୀ, ରାଜେନ୍ଦ୍ର କୁମାର ପଲାଇଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।

## ଧାନ ବିକ୍ରି ହୋଇ ନ ପାରିବାରୁ ଚାଷୀଙ୍କ ରାସ୍ତାରୋକ , ବିକ୍ଷୋଭ ପ୍ରଦର୍ଶନ

କାଶୀନଗର,୭।୨ (ନିପ୍ର); କାଶୀନଗର ଏନଏସି ଓ ବ୍ଲକ ମଧ୍ୟରେ ଥିବା ଧାନ ଚାଷୀମାନେ ଧାନ ବିକ୍ରି ନ କରିପାରି ରାସ୍ତା ଉପରକୁ ଆସି ରାସ୍ତାରୋକ କରି କୌଣସି ଯାନବାହନକୁ ନ ଛାଡି ବ୍ୟାଙ୍କ ଛକ, ନୂଆ କାଶୀନଗର ଛକ, ହରିପୁର ଛକ, ଖୁରୀଗାଁ ଛକ ଓ ବାଇପାସ ଛକ ଠାରେ ରାସ୍ତା ରୋକ କରି ଆନ୍ଦୋଳନକୁ ଓହ୍ଲେଇ ଥିଲେ। ଚାଷୀମାନେ ବହୁ ବାଧାବିଘ୍ନରେ ଧାନ ଫସଲ ଉତ୍ପାଦନ କରି ଯେତେବେଳେ ବିକ୍ରି କରିବା ସମୟ ଆସିଲା ସେତେବେଳେ ପ୍ରଥମେ ମଣ୍ଡି ସମସ୍ୟା, ମଣ୍ଡିରୁ ଯିବା ପରେ କିଛି ଧାନ ମିଲ୍ ମାଲିକ ମାନେ ବିଭିନ୍ନ ଆଳ ଦେଖେଇ ଚାଷୀମାନଙ୍କୁ ଅପେକ୍ଷା କରାଇବା, ଧାନର ମାନ ଠିକ ଭାବେ ନିରୂପଣ ନ କରିବା, ସରୁ ଧାନ ବୋଲି ଧାନର ମାନ ଠିକ ନ ଥିବା ଦର୍ଶାଇ ଏବଂ ଧାନ ମିଲର ଟାର୍ଗେଟ ହୋଇଯାଇଛି। ତେଣୁ ଆଉ ଅଧିକ ଧାନ ଆମେ କ୍ରୟ କରି ପାରିବୁ ନାହିଁ ଦର୍ଶାଇ ଚାଷୀମାନଙ୍କୁ ହଇରାଣ କରୁଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି। କିଛି ମିଲ ମାଲିକ କହିଛନ୍ତି ଯେ ସରକାରଙ୍କ ତରଫରୁ ଆମ ମିଲ ମାଲିକମାନଙ୍କ ପାଇଁ ଯେଉଁ ସବୁ ନିର୍ଦ୍ଦେଶ ଅଛି ସେ



ସବୁ ଆମେ ପାଳନ କରି ଆମ ପାଇଁ ନିର୍ଦ୍ଧାରିତ ହୋଇଥିବା ଟାର୍ଗେଟ ଧାନ କ୍ରୟ କରୁଛୁ ବୋଲି କହିଥିଲେ। ଆଜିର ଏହି ରାସ୍ତା ରୋକ ହେତୁ ପ୍ରାୟ ଚାରି ପାଞ୍ଚ ଘଣ୍ଟା ବହୁ ବସ ଗାଡି ଅଟକି ରହି ଥିବାରୁ ବହୁ ଯାତ୍ରୀ ହନ୍ତସନ୍ତ ହୋଇଥିବା ଦୃଷ୍ଟି ଗୋଚର ହୋଇଥିଲା। ସ୍ଥାନୀୟ ତହସିଲଦାର ସୁଧୀର କୁମାର ନନ୍ଦ ଚାଷୀ ମାନଙ୍କ ନିକଟରେ ପହଞ୍ଚି ଖୁବ ଶୀଘ୍ର ମିଲ ମାଲିକ ମାନଙ୍କୁ ଧାନ କିଣିବା ପାଇଁ ଅଧିକ ଟାର୍ଗେଟ ଦିଆଯିବ ଏବଂ ଚାଷୀ ମାନଙ୍କ ନିକଟରେ ଥିବା ଧାନ ମିଲ ମାଲିକ ମାନେ କିଣିବେ ବୋଲି କହିଥିଲେ।

ରାସ୍ତା ରୋକ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ଥାନା ଅଧିକାରୀ ସୁନୀଲ କୁମାର ବେହେରା ଓ ତାଙ୍କ ସହକର୍ମୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲା ଜଳ ଓ ପରିମଳ କମିଟି ବୈଠକ

କେନ୍ଦୁଝର,୭।୨ (ନିପ୍ର): ଜିଲ୍ଲା ପରିଷଦ କେନ୍ଦୁଝର ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲା ଜଳ ଓ ପରିମଳ କମିଟି ବୈଠକ ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରତ୍ୟେକ ପରିବାର ଏବଂ ସମସ୍ତ ସାଧାରଣ ସ୍ଥାନ ତଥା ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପାଇପ ଯୋଗେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇ ଦେବାନେଇ ତୃଣମୂଳ ସ୍ତରରେ ଜାରି ରହିଥିବା ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଜିଲ୍ଲାରେ ମେଗା ପାଇପ ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ, ବିଜୁଳି, ବନ, ପୂର୍ତ୍ତ, ଶିକ୍ଷା, ଗୃହ ନିର୍ମାଣ, ରାଜସ୍ୱ, ଜାତୀୟ ରାଜପଥ



ନିର୍ମାଣ, ଆଦି ବିଭାଗ ସମ୍ବଳିତ ଜଳ ଯୋଗାଣ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର ତୁରନ୍ତ ନିର୍ଯ୍ୟାସ ପାଇଁ ଏହି କାର୍ଯ୍ୟକାରୀ ବୈଠକରେ ନିଜ ନିଜ ମତ ପୋଷଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ସିଂହ, ଏହି କାର୍ଯ୍ୟନିର୍ବାହୀ କମିଟି ବୈଠକକୁ ପ୍ରତ୍ୟେକ ଉପଖଣ୍ଡ ଓ ବ୍ଲକସ୍ତରରେ କରାଇବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସମସ୍ତ ବିଭାଗୀୟ, ଉପବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଆବାସିକ ବିଦ୍ୟାଳୟର ପରିଚାଳକ ଓ ମାଟ୍ରୋନମାନଙ୍କୁ ନେଇ ଶିଶୁ ସୁରକ୍ଷା ତାଲିମ

ପାରଳାଖେମୁଣ୍ଡି,୭।୨ (ନିପ୍ର): ଜିଲ୍ଲା ପ୍ରଶାସନ ଗଜପତି ଦ୍ୱାରା ଜିଲ୍ଲାପାଳ ଗଜପତିଙ୍କ ସମ୍ମିଳନୀ କକ୍ଷ -୪ ଠାରେ ଜିଲ୍ଲାର ୪ ଗୋଟି ବ୍ଲକ ଯଥା ଗୁମ୍ମା ରାୟଗଡ଼ ଓ ଗୋଷାଣି, କାଶିନଗରର ସରକାରୀ ଆଦିବାସୀ ଛତ୍ରାବାସ ଓ ଛାତ୍ରୀନିବାସ ଦାୟିତ୍ୱରେ ଥିବା ପରିଚାଳକ ଓ ମେଟ୍ରୋନ ମାନଙ୍କ ନିମନ୍ତେ ଶିଶୁସୁରକ୍ଷା ଉପରେ ଏକ ଦିବସୀୟତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟ କ୍ରମରେ ଆଦିବାସୀ ଛାତ୍ର ନିବାସ ଓ ଛାତ୍ରୀନିବାସ ଦାୟିତ୍ୱରେ ଥିବା ୮୦ ରୁ ଉର୍ଦ୍ଧ୍ୱ ଆବାସିକ ପରିଚାଳକ ଓ ମାଟ୍ରୋନ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ପ୍ରଦାନ କରିବା ସହ ପରିଚୟ ପ୍ରଦାନ କରିଥିଲେ ଓ ପରେ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ଅନ୍ୟାନ ଅତିଥି ଭାବରେ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର । ସୁରକ୍ଷା ଅଧିକାରିଣୀ ସାରଳା ପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ସଲମନ ରାଇକା ଏବଂ ସାଧନ ବ୍ୟକ୍ତି ଅମୀୟ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ପରାମର୍ଶ ଦେଇଥିଲେ କି ଶିଶୁମାନେ କିପରି କୌଣସି ପ୍ରକାର ନିର୍ଯାତନାର ଶିକାର ନ ହୁଅନ୍ତି କିମ୍ବା ଶୋଷଣ ନ ହୁଅନ୍ତି ସେଥି ପ୍ରତି ଯତ୍ନବାନ ହେବ। ସହ ଯଦି କୌଣସି କର୍ମଚାରୀ କିମ୍ବା ବାହାର ବ୍ୟକ୍ତିଙ୍କ ଦ୍ୱାରା ଶିଶୁ ଯୌନ ନିର୍ଯାତନାର ଶିକାର ହୁଅନ୍ତି ଆସାମୀ ବିରୁଦ୍ଧରେ ତୁରନ୍ତ ଆଇନ ଅନୁଯାଇ ପଦକ୍ଷେପ ନିଆଯିବ ବୋଲି ମତପୋଷଣ କରିଥିଲେ। ସେହିପରି ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଜଣାଇଥିଲେ ଆଇନ ଠାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି ଶିଶୁଙ୍କୁ କୌଣସି କ୍ଷତି ପହଞ୍ଚାଇବ। ଅର୍ଥ ଏହାକୁ ନିର୍ଯାତନା ବୋଲି ଧରାଯିବ ଦୋଷୀକୁ ଦଣ୍ଡ ମିଳିବ । ସୁରକ୍ଷା ଅଧିକାରୀ ବୁଝାଇଥିଲେ କି କୌଣସି ଶିଶୁ ଶୋଷଣର ଶିକାର ହେଲେ ତୁରନ୍ତ ଚାଇଲ୍ଡ ହେଲ୍ପ ଡ଼େସ୍କକୁ ଜଣାଇବା ଦରକାର । ସେହିପରି ମଙ୍ଗଳ ଅଧିକାରୀ କହିଥିଲେକି ଶିଶୁ ସୁରକ୍ଷା। ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ ଏଥିପ୍ରତି ସମସ୍ତେ ସତର୍କ ରହିବା ସହ ଶିଶୁମାନଙ୍କୁ ଉପଯୁକ୍ତ ସୁରକ୍ଷା ଦେବା ଦରକାର। ସାଧନ ବ୍ୟକ୍ତି ଅମିୟ କୁମାର ତ୍ରିପାଠୀ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଯୌନ ନିର୍ଯାତନାରୁ ଶିଶୁଙ୍କୁ ରକ୍ଷା ଓ ନିରାପତ୍ତାର ବିଭିନ୍ନ ଦିଗ ଉପରେ ବିଶଦ ଭାବରେ ବୁଝାଇଥିଲେ ଏବଂ ଆବାସିକ ବିଦ୍ୟାଳୟରେ ରହୁଥିବା ଅନ୍ତେବାସୀଙ୍କୁ ଉପଯୁକ୍ତ ସୁରକ୍ଷା ସହକାରେ ଦାୟିତ୍ୱ ନେବା ସହ ଯଦି ଶିଶୁ କୌଣସି ପ୍ରକାର ନିର୍ଯାତନର ଶିକାର ହୋଇଛି ତେବେ ତୁରନ୍ତ ରିପୋର୍ଟିଂ କରିବା ଆବଶ୍ୟକ ବୋଲି ଆଲୋଚନା କରିଥିଲେ। ସେହିପରି ଗଜପତି ଜିଲାର ବଳକା ୩ ଟି ବ୍ଲକ ଯଥା ମୋହନା , ନୂଆଗଡ, ଓ ରା.ଉଦୟଗିରି ବ୍ଲକର ସରକାରୀ ଆଦିବାସୀ ଛତ୍ରାବାସ ଓ ଛାତ୍ରୀନିବାସ ଦାୟିତ୍ୱରେ ଥିବା ପରିଚାଳକ ଓ ମେଟ୍ରୋନମାନଙ୍କ ନିମନ୍ତେ ଶିଶୁସୁରକ୍ଷା ଉପରେ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ରା.ଉଦୟଗିରି ବ୍ଲକ ସମ୍ମିଳନୀ କକ୍ଷ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଧନ ବ୍ୟକ୍ତି ଅମିୟ କୁମାର ତ୍ରିପାଠୀ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଯୌନ ନିର୍ଯାତନାରୁ ଶିଶୁଙ୍କୁ ରକ୍ଷା ଓ ନିରାପତ୍ତାର ବିଭିନ୍ନ ଦିଗ ଉପରେ ବିଷଦ ଭାବରେ ଉପସ୍ଥିତ ଅଂଶଗ୍ରହଣ କାରୀଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ରା.ଉଦୟଗିରି ବ୍ଲକ୍‌ର ଗୋଷ୍ଠି ଉନ୍ନୟନ ଅଧିକାରୀ ଲାରିମେନ୍ ଖର୍ସେଲ୍, ଜିଲ୍ଲା ମଙ୍ଗଳ ଅଧିକାରୀ ସଲମନ୍ ରାଇକା ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଛୁଟି ନମିଳିବାରୁ ସହକର୍ମୀଙ୍କୁ ଛୁରୀରେ କଲେ ଆକ୍ରମଣ

ନୂଆଦିଲ୍ଲୀ,୭।୨: ଜଣେ ସରକାରୀ କର୍ମଚାରୀଙ୍କୁ ଛୁଟି ନମିଳିବାରୁ ଘଟାଇଲେ ଅଭାବନୀୟ କାଣ୍ଡ । ରାଗିଯାଇ ୪ ଜଣ ସହକର୍ମୀଙ୍କୁ କଲେ ଛୁରୀରେ ଆକ୍ରମଣ । ଖାଲି ସେତିକି ନୁହେଁ,ଆକ୍ରମଣ ପରେ ରକ୍ତ ଜୁଡୁବୁଡୁ ଛୁରି ଧରି ଏଣେ ତେଣେ ବୁଲିବାକୁ ଲାଗିଲା ଉତ୍ୟକ୍ତ ଯୁବକ ଜଣଙ୍କ।ଅମିତ ସରକାର ପଶ୍ଚିମବଙ୍ଗ ସୋଦପୁର ଘୋଲାର ବାସିନ୍ଦା । ସେ ସରକାରଙ୍କ ବୈଷୟିକ ଶିକ୍ଷା ବିଭାଗରେ କାର୍ଯ୍ୟ କରନ୍ତି । କିଛିଦିନ ଛୁଟି ନେଇ ଘରକୁ ଯିବାକୁ ଚାହୁଁଥିଲେ ଅମିତ । କୌଣସୀ କାରଣ ଯୋଗୁଁ ତାଙ୍କୁ ଛୁଟି ମିଳିନଥିଲା,ସେଥିପାଇଁ ତାଙ୍କ ସହକର୍ମୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା । ଏହା ପରେ ଯୁବକ ଜଣକ ଉତ୍ୟକ୍ତ ହୋଇ ନିଜର ୪ ଜଣ ସହକର୍ମୀଙ୍କୁ ଛୁରି ଧରି ଆକ୍ରମଣ କରି ସେଠାରୁ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ । ଏ ସବୁ ପରେ ଅମିତ ସ୍ୱଷ୍ଟ ଦିବାଲୋକରେ ରକ୍ତ ଜୁଡୁବୁଡୁ ଛୁରି ଧରି ଏଣେ ତେଣେ ବୁଲୁଥିବାର ଦେଖାଯାଇଥିଲା । ତାଙ୍କ ପିଠିରେ ଗୋଟିଏ ବ୍ୟାଗ ଝୁଲୁଥିଲା ଏବଂ ହାତରେ ଆଉ ଏକ ବ୍ୟାଗ ଥିଲା । ରାସ୍ତାରେ ଯାଉଥିବା ଲୋକେ ସେମାନଙ୍କ ମୋବାଇଲ୍ ଫୋନରେ ଅମିତ କୁମାରଙ୍କ ଛୁରୀ ଧରି ଚାଲିବାର ଭିଡିଓ ଓ ଫଟୋ ମଧ୍ୟ କଏଦ କରିଥିଲେ । ତଥାପି ଅଭିଯୁକ୍ତ ସେହି ଲୋକମାନଙ୍କୁ ତାଙ୍କ ପାଖକୁ ନ ଆସିବାକୁ ଚେତାବନୀ ଦେଇଥିଲା । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛୁରୀ ସହ ଅଭିଯୁକ୍ତକୁ ଗିରଫ କରିଥିଲା । ପୋଲିସର କହିବା ଅନୁଯାୟୀ, ଯେତେବେଳେ ଅମିତ ସରକାରଙ୍କୁ ଛୁଟି ମିଳିଲା ନାହିଁ ସେ ରାଗିଯାଇ ଏପରି କରିଛନ୍ତି । ତଥାପି ତାଙ୍କୁ କାହିଁକି ଛୁଟି ଦିଆଯାଇ ନଥିଲା ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ ।

## ରାମ ମନ୍ଦିରର ପ୍ରଥମ ଇଟା ରଖିଥିବା କାମେଶ୍ୱର ଚୌପାଲଙ୍କ ପରଲୋକ

ଅଯୋଧ୍ୟା,୭।୧: ରାମ ମନ୍ଦିରର ପ୍ରଥମ ଇଟା ରଖିଥିବା କାମେଶ୍ୱର ଚୌପାଲଙ୍କର ଦିଲ୍ଲୀରେ ଦେହାନ୍ତ ହୋଇଛି। ସେ ଅନେକ ଦିନ ଧରି ଅସୁସ୍ଥ ଥିଲେ। ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ଅଗଷ୍ଟ ୨୦୨୪ରେ ଏହି ହସ୍ପିଟାଲରେ ଚୌପାଲଙ୍କର କିଡନୀ ପ୍ରତିରୋପଣ କରାଯାଇଥିଲା। ସେ ହିଁ ଅଯୋଧ୍ୟାରେ ରାମ ମନ୍ଦିରର ପ୍ରଥମ ଇଟା ସ୍ଥାପନ କରିଥିଲେ। ସେ ବିହାର ବିଧାନ ପରିଷଦର ସଦସ୍ୟ ମଧ୍ୟ ଥିଲେ। ତାଙ୍କ ବିୟୋଗରେ ଭାଜପାରେ ଶୋକର ଛାୟା ଖେଳିଯାଇଛି। କାମେଶ୍ୱର ଚୌପାଲଙ୍କୁ ସଂଘ ପକ୍ଷରୁ ପ୍ରଥମ ଥର ସେବକର ମାନ୍ୟତା ମଧ୍ୟ ଦିଆଯାଇଥିଲା। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଟ୍ରଷ୍ଟି ଏବଂ ପୂର୍ବତନ ବିଧାନ ପରିଷଦ ସଦସ୍ୟ କାମେଶ୍ୱର ଚୌପାଲଙ୍କ ଦେହାନ୍ତ ହୋଇଛି। ଚୌପାଲ ଦିଲ୍ଲୀର ଗଙ୍ଗାରାମ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଗତ ଗୋଟିଏ ବର୍ଷ ଧରି ଅସୁସ୍ଥ ଥିଲେ। ତାଙ୍କର ଜନ୍ମ ସୁପୌଲ ଜିଲାର କାମରାଇଲ ଗାଁରେ ହୋଇଥିଲା। ୯ ନଭେମ୍ବର ୧୯୮୯ରେ ସେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିରର ପ୍ରଥମ ଇଟା ସ୍ଥାପନ କରିଥିଲେ। ତା'ପରେ ଦେଶର ବିଭିନ୍ନ ସ୍ଥାନରୁ ହଜାର ହଜାର ସନ୍ଥ ଏବଂ ମୁନି ଏବଂ ଲକ୍ଷ ଲକ୍ଷ କରସେବକ ଏଥିରେ ସାମିଲ ହୋଇଥିଲେ। ସେତେବେଳେ ସେ ଭିଏଚପିର ଯୁଗ୍ମ ସମ୍ପାଦକ ଥିଲେ। ତାଙ୍କୁ ୨୦୦୨ ମସିହାରେ ବିଧାନ ପରିଷଦ ସଦସ୍ୟ କରାଯାଇଥିଲା।

## ପାକିସ୍ତାନ ସେନାର ଏନକାଉଣ୍ଟରରେ ୧୨ ଆତଙ୍କବାଦୀ ମୃତ

ପେଶାୱର,୭।୨: ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ପାକିସ୍ତାନ ଏବେ ନିଜେ ଆତଙ୍କବାଦର ଶିକାର ହୋଇଯାଇଛି । ସ୍ଥିତି ଏପରି ହୋଇଛି ଯେ ଆତଙ୍କବାଦୀଙ୍କ ମୁକାବିଲା ପାଇଁ ପାକିସ୍ତାନୀ ସେନାକୁ ପ୍ରାୟ ପ୍ରତ୍ୟେକ ଦିନ ଅପରେସନ କରିବାକୁ ପଡୁଛି। ପାକିସ୍ତାନର ଅଶାନ୍ତ ଖଇବର ପଖ୍ତୁନଖ୍ୱା ଅଞ୍ଚଳରେ ମଧ୍ୟ ଏକ ସାମରିକ ଅଭିଯାନ କରାଯାଇଛି, ଯେଉଁଥିରେ ଉଭୟ ପକ୍ଷର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ଭୟଙ୍କର ଏନକାଉଣ୍ଟରରେ ୧୨ ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିବା ସେନା ଦାବି କରିଛି । ସେପଟେ ଜଣେ ଯବାନ ସହିଦ ହୋଇଥିବା ସୂଚନା ମିଳିଛି । ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ସେନା ଦାବି କରିଛି। ପାକିସ୍ତାନର ଅଶାନ୍ତ ଖଇବର ପଖ୍ତୁନଖ୍ୱା ଅଞ୍ଚଳରେ ମଧ୍ୟ ଏକ ସାମରିକ ଅଭିଯାନ କରାଯାଇଛି। ଯେଉଁଥିରେ ଉଭୟ ପକ୍ଷର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ଭୟଙ୍କର ଏନକାଉଣ୍ଟରରେ ୧୨ ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିବା ସେନା ଦାବି କରିଛି। ମିଳିଥିବା ସୂଚନା ଅନୁଯାୟୀ, ପାକିସ୍ତାନର ଉତ୍ତର-ପଶ୍ଚିମ ଖୈବର ପଖ୍ତୁନଖ୍ୱା ପ୍ରଦେଶରେ ଗୁଇନ୍ଦା ସୂଚନା ଆଧାରରେ ହୋଇଥିବା ଅପରେସନରେ ସୁରକ୍ଷାବାହିନୀ ୧୨ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ଏ ନେଇ ପାକିସ୍ତାନ ସେନା ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ପାକିସ୍ତାନୀ ସେନାର ସୂଚନା ଅନୁଯାୟୀ, ଫେବ୍ରୁଆରି ୫ରୁ ୬ ତାରିଖ ରାତିରେ ଉତ୍ତର ୱାଜିରିସ୍ତାନର ହାସନ ଖେଲ ଅଞ୍ଚଳରେ ଏହି ଅପରେସନ କରାଯାଇଥିଲା, ଯେଉଁଥିରେ ଜଣେ ସୁରକ୍ଷାକର୍ମୀ ମଧ୍ୟ ପ୍ରାଣ ହରାଇଥିଲେ। ସେନା କହିଛି ଯେ ଏହି ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ଗୁଇନ୍ଦା ସୂଚନା ମିଳିଥିଲା, ଯାହାକୁ ଆଧାର କରି ଏହି ଅପରେସନ କରାଯାଇଥିଲା ।

## 'ଶେଖ ହାସିନା, ସୀମା ହାଇଦରଙ୍କୁ ଫେରାଇ ଦିଅ', ତାଡିଲା ଶିବସେନା

ମୁମ୍ବାଇ,୭।୨: ଜାମ୍ମୁରେ ଶିବସେନା କର୍ମୀମାନେ ଆମେରିକାର ଭାରତୀୟ ପ୍ରବାସୀମାନଙ୍କୁ ହାତକଡ଼ି ପିନ୍ଧାଇ ଦେଶ ବାହାରକୁ ପଠାଇବାର ଅଭିଯୋଗ ଆସିବା ଉପରେ କଡ଼ା ଆପତ୍ତି ଉଠାଇଛନ୍ତି। ଏହା ସହିତ, ସେ ଦାବି କରିଥିଲେ ଯେ ଭାରତ ଯଥାଶୀଘ୍ର ବେଆଇନ ଭାବରେ ରହୁଥିବା ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ସେମାନଙ୍କ ଦେଶକୁ ଫେରାଇ ଦେଉ। ଶିବସେନା କର୍ମୀମାନେ ଜାମ୍ମୁରେ କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରତିବାଦ କରିଥିଲେ ଏବଂ 'ସୀମା ହାଇଦରଙ୍କୁ ଫେରାଇ ଦିଅନ୍ତୁ', 'ଶେଖ ହାସିନାଙ୍କୁ ଫେରାଇ ଦିଅନ୍ତୁ' ଏବଂ 'ରୋହିଙ୍ଗ୍ୟାଙ୍କୁ ଫେରାଇ ଦିଅନ୍ତୁ' ଭଳି ସ୍ଲୋଗାନ ଦେଇଥିଲେ। ପ୍ରତିବାଦକାରୀମାନେ କହିଥିଲେ ଯେ ଯେପରି ଆମେରିକା ପ୍ରବାସୀମାନଙ୍କ ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି, ସେହିପରି ଭାରତ ମଧ୍ୟ ଅବୈଧ ପ୍ରବାସୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ଶିବସେନାର ଜାମ୍ମୁ-କାଶ୍ମୀର ସଭାପତି ମନୀଷ ସାହାନୀ କହିଛନ୍ତି ଯେ ୨୦୦୭ ମସିହାରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ପ୍ରାୟ ୧.୨୫ କୋଟି ବାଂଲାଦେଶୀ ଭାରତରେ ଅବୈଧ ଭାବରେ ରହୁଛନ୍ତି ଏବଂ ପ୍ରତିବର୍ଷ ୩ ଲକ୍ଷ ନୂତନ ବାଂଲାଦେଶୀ ଅନୁପ୍ରବେଶ କରୁଛନ୍ତି। ସେ ଦାବି କରିଛନ୍ତି ଯେ ବର୍ତ୍ତମାନ ଭାରତରେ ଅବୈଧ ବାଂଲାଦେଶୀଙ୍କ ସଂଖ୍ୟା ପ୍ରାୟ ଦୁଇ କୋଟିରେ ପହଞ୍ଚିଛି। ଶିବସେନା ମଧ୍ୟ ଭାଜପା ସରକାରକୁ ଟାର୍ଗେଟ କରି କହିଛି ଯେ ନିର୍ବାଚନ ସମୟରେ ଅବୈଧ ପ୍ରବାସୀମାନଙ୍କୁ ବାହାର କରିବାକୁ ପ୍ରତିଶ୍ରୁତି ଦିଆଯାଇଥାଏ, କିନ୍ତୁ ଆଜି ପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ଠୋସ ପଦକ୍ଷେପ ନିଆଯାଇ ନାହିଁ। ସେ ଅଭିଯୋଗ କରିଛନ୍ତି ଯେ ବାଂଲାଦେଶ ସହିତ ୮୫୬ କିଲୋମିଟର ଲମ୍ବା ସୀମା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ବାଡ଼ ଦିଆଯାଇ ନାହିଁ, ଯେଉଁ କାରଣରୁ ଅନୁପ୍ରବେଶ ଜାରି ରହିଛି।

# ଘରୋଇ ହିଂସାରେ କୌଣସି ସମ୍ପର୍କୀୟଙ୍କୁ ଫସାଇବା ଭୁଲ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୭।୨: ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ବିବାଦରେ ସ୍ୱାମୀଙ୍କ ସମ୍ପର୍କୀୟମାନଙ୍କୁ ମଧ୍ୟ ଅନାବଶ୍ୟକ ଭାବରେ ପକ୍ଷଭୁକ୍ତ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଯଦି ଜଣେ ସମ୍ପର୍କୀୟ ଘରୋଇ ହିଂସା ମାମଲାରେ ହସ୍ତକ୍ଷେପ କରନ୍ତି ନାହିଁ, ତେବେ ତାଙ୍କୁ ଫୌଜଦାରୀ ମାମଲାରେ ଅଭିଯୁକ୍ତ କରିବାର ଆଧାର ହୋଇପାରିବ ନାହିଁ। ତେଲେଙ୍ଗାନାର ଏକ ମାମଲାରେ ସ୍ୱାମୀଙ୍କ ମାଉସୀ ଏବଂ ତାଙ୍କ ଝିଅକୁ ଆଶ୍ୱସ୍ତି ଦେବା ସମୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ ସମ୍ପୂର୍ଣ୍ଣ ମାମଲାରେ ସେମାନଙ୍କର କୌଣସି ଦୋଷ ନାହିଁ। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ବିଭି ନାଗରତ୍ନା ଏବଂ ଜଷ୍ଟିସ୍ ଏନ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ କହିଛନ୍ତି, 'ପାରିବାରିକ ମାମଲାରେ ଅଭିଯୋଗରେ ସମସ୍ତଙ୍କ ନାମ ସାମିଲ କରିବାର ପ୍ରବୃତ୍ତି ଭୁଲ।' ଯଦି କେହି ହିଂସା ସମୟରେ ଅଭିଯୋଗକାରୀଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରନ୍ତି ନାହିଁ, ତେବେ ଏହି ଆଧାରରେ ତାଙ୍କ ନାମ ମାମଲାରେ ଯୋଡିବା ଠିକ୍ ନୁହେଁ। ପୂର୍ବରୁ, ଭୁବନଗିରି ଜିଲ୍ଲାର ଏହି ମାମଲାରେ, ତେଲେଙ୍ଗାନା ହାଇକୋର୍ଟ ଅଭିଯୁକ୍ତ ତାଲିକାରୁ ସ୍ୱାମୀଙ୍କ ମାଉସୀ ଏବଂ ସମ୍ପର୍କୀୟ ଭଉଣୀଙ୍କ ନାମ ବାଦ ଦେବାକୁ ମନା କରିଦେଇଥିଲେ। ଯୌତୁକ ନିର୍ଯାତନା ଏବଂ ଧମକ ପାଇଁ ଉଭୟଙ୍କ ନାମରେ ମାମଲା ରୁଜୁ କରିବାକୁ କୁହାଯାଇଥିଲା, କିନ୍ତୁ ଆଜି ସୁପ୍ରିମକୋର୍ଟ ସେମାନଙ୍କୁ ଆଶ୍ୱସ୍ତି ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଯଦି ଜଣେ ସମ୍ପର୍କୀୟ ନିର୍ଯାତନା ସମୟରେ ଚୁପଚାପ ରୁହନ୍ତି, ତେବେ ଏହା କୁହାଯାଇପାରିବ ନାହିଁ ଯେ ସେ ନିର୍ଯାତନାରେ ଭୂମିକା ଗ୍ରହଣ କରିଛନ୍ତି। ଜଣଙ୍କୁ ଅଭିଯୁକ୍ତ କରି ମାମଲା ରୁଜୁ କରିବା ପାଇଁ, ମାମଲାରେ ତାଙ୍କର ସ୍ୱଷ୍ଟ ଭୂମିକା ରହିବା ଆବଶ୍ୟକ।' ଦୁଇ ଜଣିଆ ଖଣ୍ଡପୀଠ ପକ୍ଷରୁ ଏହି ନିର୍ଦ୍ଦେଶ ଦେବା ସମୟରେ ଜଷ୍ଟିସ୍ ଏନ କୋଟିଶ୍ୱର ସିଂହ ଏହା ମଧ୍ୟ କହିଛନ୍ତି ଯେ ଘରୋଇ ହିଂସା ମାମଲାଗୁଡ଼ିକୁ ସମ୍ବେଦନଶୀଳତାର ସହିତ ଦେଖିବା ଉଚିତ।

### ପାକିସ୍ତାନ ସେନାର ଆକ୍ରମଣ ବେଳେ ଭାରତର ପାଲଟା ଜବାବ

## ୭ ଆତଙ୍କବାଦୀ ନିହତ; ୩ ପାକିସ୍ତାନୀ ଯବାନ ମୃତ



ନୂଆଦିଲ୍ଲୀ,୭।୨: କାଶ୍ମୀରରେ ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ପାକିସ୍ତାନ ସେନା ଉଦ୍ୟମ ପଣ୍ଡ କଲା ଭାରତୀୟ ସେନା। ଭାରତୀୟ ସୀମାରେ ଅନୁପ୍ରବେଶ ବେଳେ ୭ ଆତଙ୍କବାଦୀଙ୍କୁ ଗୁଳି କରି ସଫା କଲେ ଭାରତୀୟ ଯବାନ। ନିହତଙ୍କ ମଧ୍ୟରୁ ୨-୩ ପାକିସ୍ତାନ ସେନା ଯବାନ ଥିବା ସୂଚନା ମିଳିଛି। ଜାମ୍ମୁ-କାଶ୍ମୀରର ପୁଞ୍ଚ ଜିଲ୍ଲାର କୃଷ୍ଣା ଘାଟି ସେକ୍ଟରରେ ଫେବ୍ରୁଆରୀ ୪-୫ ମଧ୍ୟ ରାତ୍ରୀରେ ସେନା ପୋଷ୍ଟ ଓ ଏଲଓସି ଦେଇ ପାକିସ୍ତାନ ପଟୁ ଅନୁପ୍ରବେଶ ହେଉଥିଲା। ଭାରତ ବିରୋଧୀ ଏଜେଣ୍ଡା 'କାଶ୍ମୀର ଡେ' ପାଳନ ହେଉଥିବା ବେଳେ ଏମାନେ ଭାରତକୁ ଆସି ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା କରୁଥିଲେ। ହେଲେ ଭାରତୀୟ ସେନା ପକ୍ଷରୁ ସତର୍କତାର ସହ ସମସ୍ତ ଅନୁପ୍ରବେଶକାରୀଙ୍କୁ ଗୁଳି ସଫାକରି ଦିଆଯାଇଛି। ବିଶେଷ ସୂତ୍ରରୁ ଇଣ୍ଡିଆଟୁଡେକୁ ମିଳିଥିବା ସୂଚନା ଅନୁଯାୟୀ, ପାକିସ୍ତାନର ସୀମାପାର ଅପରେସନ୍ ପାଇଁ ସ୍ୱତନ୍ତ୍ର ୟୁନିଟ୍ ବର୍ଡର ଆକ୍ସନ ଟିମ୍ ନେତୃତ୍ୱରେ କିଛି ଆତଙ୍କବାଦୀ ପ୍ରଥମେ ଭାରତୀୟ ଯବାନଙ୍କ ଚେକ୍ ପୋଷ୍ଟ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରୁଥିଲେ। ହେଲେ ଭାରତୀୟ ସେନାର ଆଗୁଆ କାର୍ଯ୍ୟାନୁଷ୍ଠାନ ଯୋଗୁ ବଡ଼ ଦୁର୍ଘଟଣାରୁ ରକ୍ଷା ମିଳିଛି। ଅପରେସନରେ ନିହତ ଆତଙ୍କବାଦୀମାନେ ସମ୍ଭବତଃ ଅଲ-ବଦ୍ର ଗୋଷ୍ଠୀର ସଦସ୍ୟ ଥିଲେ ବୋଲି କୁହାଯାଉଛି। ଚଳିତ ସପ୍ତାହ ଆରମ୍ଭରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଭାରତ ସହିତ ଥିବା ସମସ୍ତ ସମସ୍ୟାର ସମାଧାନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଆଲୋଚନା ମାଧ୍ୟମରେ କାଶ୍ମୀର ସମେତ ସବୁ ସମସ୍ୟା ସମାଧାନ କରିବା କଥା କହିଥିଲେ। ତେବେ ଆଶ୍ଚର୍ଯ୍ୟଜନକ କଥା ହେଲା ପିଓକେରେ ଜୈଶ-ଏ-ମହମ୍ମଦ ଏବଂ ଲସ୍କର-ଏ-ତୈବା ଭଳି ଆତଙ୍କବାଦୀ ସଂଗଠନର କମାଣ୍ଡରମାନେ ସମ୍ମିଳନୀ କରିବା ପରେ ପାକିସ୍ତାନ ସରକାର ଏହି ପ୍ରସ୍ତାବ ଦେଇଥିଲେ। ଅନ୍ୟପଟେ ଭାରତର ସେଇ ଗୋଟିଏ ଆଭିମୁଖ୍ୟ ରହିଛି। କାଶ୍ମୀର ଏବଂ ଲଦାଖ ଭାରତରେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଥିଲା ଓ ରହିବ। ତେବେ ଆତଙ୍କବାଦ ଏବଂ ହିଂସାମୁକ୍ତ ପରିବେଶରେ ହିଁ ପାକିସ୍ତାନ ସହିତ ଭଲ ସମ୍ପର୍କ ସମ୍ଭବ ବୋଲି ଭାରତ କହି ଆସୁଛି। ୨୦୧୯ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଜାମ୍ମୁ ଓ କାଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର କରୁଥିବା ଧାରା ୩୭୦କୁ ଉଚ୍ଛେଦ କରିବା ପରଠାରୁ ଦୁଇ ରାଷ୍ଟ୍ର ମଧ୍ୟରେ କୂଟନୈତିକ ଏବଂ ବାଣିଜ୍ୟିକ ସମ୍ପର୍କରେ ଏକପ୍ରକାର ଶେଷ ହୋଇ ଯାଇଛି। ସେବେଠାରୁ ପାକ୍ ପ୍ରାୟୋଜିତ ଆତଙ୍କବାଦୀମାନେ ଗତ କିଛି ମାସ ହେଲା ଜାମ୍ମୁ ଅଞ୍ଚଳର ବିଭିନ୍ନ ଜିଲ୍ଲାରେ ଆତଙ୍କବାଦୀ ଆକ୍ରମଣ ଜାରି ରଖିଛନ୍ତି। ଯେଉଁଥିରେ ୧୮ ଜଣ ସୁରକ୍ଷା କର୍ମୀଙ୍କ ସମେତ ୪୪ ଜଣ ପ୍ରାଣ ହରାଇ ସାରିଲେଣି।

## କୁମ୍ଭମେଳାରେ ପୁଣି ଅଗ୍ନିକାଣ୍ଡ

ନୂଆଦିଲ୍ଲୀ,୭।୨: ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆୟୋଜିତ ହୋଇଥିବା ମହାକୁମ୍ଭ ମେଳା ଅଞ୍ଚଳରେ ପୁଣି ଅଗ୍ନିକାଣ୍ଡ ଘଟିଛି। ସମୟ ଥାଉଥାଉ ଅଗ୍ନିଶମ ବାହିନୀ ନିଆଁକୁ ନିୟନ୍ତ୍ରଣ କରି ନେଇଥିବାରୁ ବିଶେଷ କିଛି କ୍ଷୟକ୍ଷତି ହୋଇ ନଥିଲା। ପୁଲିସ ଅଧିକାରୀ ଅଗ୍ନିକାଣ୍ଡ ଘଟଣା ସମ୍ପର୍କର କହିଛନ୍ତି,' ଯେ ନିଆଁ ଲାଗିବାର କିଛି ସମୟ ମଧ୍ୟରେ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା। କୌଣସି ଜୀବନହାନି ହୋଇନାହିଁ। ଆର୍ଥିକ କ୍ଷତିର ଆକଳନ କରାଯାଉଛି। ଅଗ୍ନିକାଣ୍ଡର କାରଣ କ'ଣ ତାହା ଅଗ୍ନିଶମ ବାହିନୀର ବିଶେଷଜ୍ଞ ଦଳ ଜାଣିବାକୁ ଚେଷ୍ଟା କରୁଛନ୍ତି। ସେକ୍ଟର ୧୮ର ଶଙ୍କରାଚାର୍ଯ୍ୟ ମାର୍ଗରେ ଥିବା ହରିହରାନନ୍ଦ କ୍ୟାମ୍ପରେ ଏହି ଅଗ୍ନିକାଣ୍ଡ ଘଟିଥିଲା, ଏଠାରେ ବହୁ ସଂଖ୍ୟକ ସନ୍ଥ ଏବଂ ମହାତ୍ମା ବସବାସ କରୁଛନ୍ତି। ପୁଲିସ, ଆରଏଏଫ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦଳଗତ କାର୍ଯ୍ୟ ମାଧ୍ୟମରେ କିଛି ସ୍ଥାନରେ ରାସ୍ତା ଅବରୋଧ କରିଥିଲେ ଏବଂ ଅନ୍ୟ ସ୍ଥାନରେ ରାସ୍ତା ପରିବର୍ତ୍ତନ କରିଥିଲେ। ଏପରି ଭାବେ ପରିସ୍ଥିତିକୁ ଆୟତ୍ତ କରାଯାଇଥିଲା। ଅନ୍ୟପକ୍ଷରେ, ଶୁକ୍ରବାର ସକାଳେ ମଧ୍ୟ ମହାକୁମ୍ଭ ନଗରର ସେକ୍ଟର-୧୯ ନିକଟସ୍ଥ ପୁରୁଣା ଜିଟି ରୋଡରେ ଥିବା ଏକ ଶିବିରରେ ଅଗ୍ନିକାଣ୍ଡ ଘଟିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଖବର ପାଇ ଦମକଳ ଗାଡ଼ିଗୁଡ଼ିକ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇ ଥିଲେ।

## ଆପ୍ 'ଅପରେସନ୍ ଲୋଟସ୍' ଅଭିଯୋଗ ଆଣିବା ପରେ ତଦନ୍ତ ନିର୍ଦ୍ଦେଶ ଦେଲେ ଉପରାଜ୍ୟପାଳ




ନୂଆଦିଲ୍ଲୀ,୭।୨: ଫଳାଫଳ ଆସିବା ପୂର୍ବରୁ ଦିଲ୍ଲୀରେ ବଡ଼ ଧରଣର ରାଜନୈତିକ ହଲଚଲ । ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳ ଆସିବା ପୂର୍ବରୁ, ସମସ୍ତ ୭୦ ପ୍ରାର୍ଥୀଙ୍କୁ ନେଇ ଏକ ବୈଠକ ଡାକିଥିଲେ ଆପର ସଂଯୋଜକ ଅରବିନ୍ଦ କେଜ୍ରିୱାଲ । ମିଳିଥିବା ସୂଚନା ମୁତାବକ, ଆମ୍ ଆଦମୀ ପାର୍ଟି ନିଜର ସମସ୍ତ ବିଧାୟକ ପ୍ରାର୍ଥୀଙ୍କୁ ନେଇ ଏକ ବୈଠକ ଡାକି ବୈଠକରେ ବିଜେପିର 'ଅପରେସନ୍ ଲୋଟସ୍' ପ୍ରତି ସତର୍କ ରହିବାକୁ କହିଛି। ଏହାରି ମଧ୍ୟରେ ଦିଲ୍ଲୀର ଉପରାଜ୍ୟପାଳ ଭିକେ ସକ୍ସେନା ଶୁକ୍ରବାର ଦିନ ବିଜେପି ବିରୋଧରେ ଆମ ଆଦମୀ ପାର୍ଟି (ଆପ)ର 'ଅପରେସନ ଲୋଟସ' ଅଭିଯୋଗର ତଦନ୍ତ କରିବାକୁ ଦୁର୍ନୀତି ନିବାରଣ ବ୍ୟୁରୋକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଉପରାଜ୍ୟପାଳଙ୍କ ନିର୍ଦ୍ଦେଶ ପରେ, ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି) ଦଳ ଅରବିନ୍ଦ କେଜରିୱାଲଙ୍କ ଘରେ ପହଞ୍ଚିଛି। ପାଞ୍ଚ ଜଣଙ୍କୁ ନେଇ ଏକ ଟିମ୍ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଘର ଘେରାଉ କରିଛି।ଏସିବି ଟିମ ଘରେ ପହଞ୍ଚିବା ମାତ୍ରେ ଏଏପିର କିଛି ଓକିଲ ମଧ୍ୟ କେଜରିୱାଲଙ୍କ ବାସଭବନରେ ପହଞ୍ଚିଛନ୍ତି। କେଜରିୱାଲ ଶୁକ୍ରବାର ଅଭିଯୋଗ କରିଥିଲେ ଯେ ଭାଜପା ତାଙ୍କ ବିଧାୟକମାନଙ୍କୁ କିଣିବାକୁ ଚେଷ୍ଟା କରୁଛି। ଫେବ୍ରୁଆରି ୫ ତାରିଖରେ ଅନୁଷ୍ଠିତ ହୋଇଥିବା ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳ ଶନିବାର ଘୋଷଣା ହେବାକୁ ଥିବା ବେଳେ ତାହାର ଠିକ୍ ଗୋଟିଏ ଦିନ ପୂର୍ବରୁ ଏହି ଘଟଣା ଘଟିଛି। ଗୁରୁବାର ଦିନ ଦଳର ସାଂସଦ ସଞ୍ଜୟ ସିଂହ ଦାବି କରିଥିଲେ ଯେ ବିଜେପି ସାତ ଜଣ ଆପ ପ୍ରାର୍ଥୀଙ୍କୁ ଦଳ ପରିବର୍ତ୍ତନ କରିବା ପାଇଁ ୧୫ କୋଟି ଟଙ୍କା ପ୍ରଦାନ କରିଥିଲା। ସେମାନଙ୍କ ନାମ ପ୍ରକାଶ ନକରି ଅଭିଯୋଗ ଆଣିଛନ୍ତି ଯେ ବୁଧବାର ଦିନ ୭୦ ସଦସ୍ୟ ବିଶିଷ୍ଟ ବିଧାନସଭା ନିର୍ବାଚନ ହେବାର ଗୋଟିଏ ଦିନ ପରେ ପ୍ରାର୍ଥୀମାନେ ବିଜେପିରୁ ଫୋନ୍ କଲ୍ ମଧ୍ୟ ପାଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୫ ତାରିଖରେ ପଡିଥିଲା ଦିଲ୍ଲୀ ଭୋଟ୍ । ଆଉ ଏହାପରେ ଆସିଥିଲା ଏକଜିଟ୍ ପୋଲ୍ । ଅଧିକାଂଶ ଏକଜିଟ୍ ପୋଲରେ ଏଥର ଦିଲ୍ଲୀରେ ବିଜେପି ସରକାର ଗଠନ କରୁଥିବା କୁହାଯାଉଛି, ହେଲେ ଏହି ଏକଜିଟ୍ ପୋଲ୍ ଉପରେ ପ୍ରଶ୍ନ ଉଠାଇଛନ୍ତି କେଜ୍ରିୱାଲ ।

## ମୋଟ ୪୮୭ ଜଣ ବେଆଇନ ଭାରତୀୟ ପ୍ରବାସୀଙ୍କୁ ପଠାଇବ ଆମେରିକା



ନୂଆଦିଲ୍ଲୀ,୭।୨: ଭାରତର ବୈଦେଶିକ ସଚିବ ବିକ୍ରମ ମିସ୍ରି ଶୁକ୍ରବାର କହିଛନ୍ତି ଯେ ଆମେରିକା ଭାରତକୁ ୪୮୭ ଜଣ ସମ୍ଭାବ୍ୟ ଭାରତୀୟ ନାଗରିକଙ୍କ ବିଷୟରେ ଅବଗତ କରିଛି। ଯେଉଁମାନଙ୍କୁ ଭାରତ ପଠାଇବାକୁ ଆଦେଶ ଜାରି କରାଯାଇଛି। ବୈଦେଶିକ ସଚିବ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରିବା ସହ ବେଆଇନ ପ୍ରବାସୀ ଥିବା ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଭାରତ ସରକାର ଟ୍ରମ୍ପ ପ୍ରଶାସନ ସହ ଯୋଗାଯୋଗରେ ଅଛନ୍ତି ବୋଲି ସୂଚନା ଦେଇଛନ୍ତି। ଏହି ସମୟରେ ଆମେରିକାରୁ ଭାରତ ଅଣାଯାଇଥିବା ବେଆଇନ ଭାରତୀୟ ପ୍ରବାସୀଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାରକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ଦୁର୍ବ୍ୟବହାର ପ୍ରସଙ୍ଗରେ ସଚିବ ବିକ୍ରମ ମିସ୍ରି କହିଛନ୍ତି, ଏହା ଏକ ବୈଧ ପ୍ରସଙ୍ଗ ଏବଂ ଆମେ ଆମେରିକୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଜାରି ରଖିବୁ ଯେ ନିର୍ବାସିତଙ୍କ ପ୍ରତି ଅମାନବୀୟ ବ୍ୟବହାର ନ ହେଉ। ଆମ ଦୃଷ୍ଟିକୁ ଆସୁଥିବା ଦୁର୍ବ୍ୟବହାରର ଯେକୌଣସି ମାମଲାକୁ ଆମେ ଉଠାଇବା ଜାରି ରଖିବୁ । ବେଆଇନ ପ୍ରବାସକୁ ପ୍ରୋତ୍ସାହନ ଦେଉଥିବା ଅନ୍ତର୍ନିହିତ ଇକୋସିଷ୍ଟମ ବିରୋଧରେ ସମଗ୍ର ବ୍ୟବସ୍ଥାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ସେ କହିଛନ୍ତି।

## ଆମେରିକାକୁ ବଡ଼ ଚ୍ୟାଲେଞ୍ଜ ଦେଲା ଇରାନ

ୱାଶିଂଟନ୍,୭।୨: ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ଶୁକ୍ରବାର କହିଛନ୍ତି ଯେ, ଡୋନାଲ୍ଡ ଟ୍ରମ୍ପଙ୍କ ପରମାଣୁ ଆଲୋଚନା ପ୍ରସ୍ତାବ ପରେ ଏହାକୁ ଆମେରିକା ସହିତ ଆଲୋଚନା କରିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ। ନିକଟରେ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଇରାନ ସହିତ ପରମାଣୁ ଚୁକ୍ତିନାମା ପ୍ରସଙ୍ଗରେ ପୁନଃ ଆଲୋଚନା କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଖାମେନି ମଧ୍ୟ ପରାମର୍ଶ ଦେଇଥିଲେ ଯେ ଏପରି ସରକାରଙ୍କ ସହିତ କୌଣସି ଆଲୋଚନା ହେବା ଉଚିତ ନୁହେଁ, କିନ୍ତୁ ସେ ଆମେରିକା ସହିତ ଆଲୋଚନା ନକରିବା ପାଇଁ ସିଧାସଳଖ ନିର୍ଦ୍ଦେଶ ଜାରି କରି ନଥିଲେ। ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ, ଇରାନୀ ଅଧିକାରୀମାନେ ସୂଚନା ଦେଇଥିଲେ ଯେ ସେମାନେ ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା ପାଇଁ ଟ୍ରମ୍ପଙ୍କ ବାର୍ତ୍ତାକୁ ଅପେକ୍ଷା କରିଛନ୍ତି। ଇରାନ ଦୀର୍ଘ ଦିନ ଧରି ଦାବି କରିଆସୁଛି ଯେ ଏହାର ପରମାଣୁ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ। ପାଶ୍ଚାତ୍ୟ ଦେଶମାନଙ୍କ ସହିତ ଆଲୋଚନା ଉପରେ ମତାମତ ଦେବାରେ ଖାମେନି ସର୍ବଦା ସତର୍କ ରହିଆସିଛନ୍ତି। ଅଗଷ୍ଟ ୨୦୨୪ରେ ତେହେରାନରେ ବାୟୁସେନା ଅଧିକାରୀମାନଙ୍କୁ ଦିଆଯାଇଥିବା ଏକ ବିବୃତ୍ତିରେ, ଖାମେନି କହିଥିଲେ ଯେ ଆମେରିକା ସହିତ ଆଲୋଚନାର ଦ୍ୱାର ଖୋଲା ରହିଛି।ଇରାନର ମତରେ ପରିବର୍ତ୍ତନକୁ ଟ୍ରମ୍ପଙ୍କ ସାମ୍ପ୍ରତିକ ବକ୍ତବ୍ୟ ସହିତ ଯୋଡାଯାଉଛି। ଟ୍ରମ୍ପ କହିଥିଲେ ଯେ ଆମେରିକା ଗାଜା ଉପରେ ନିୟନ୍ତ୍ରଣ ପାଇବା ଉଚିତ ଏବଂ ଆମେରିକା ଗାଜାରେ ପୁନର୍ନିର୍ମାଣର କାମ କରିବା ଉଚିତ। ନ୍ୟୁଜ ଏଜେନ୍ସି ଏଏଫପିର ରିପୋର୍ଟ ଅନୁଯାୟୀ, ଆୟାତୋଲ୍ଲା ଅଲି ଖାମେନି କହିଛନ୍ତି, ଟ୍ରମ୍ପ ପରମାଣୁ ଚୁକ୍ତିରୁ ତାଙ୍କ ହାତ ପ୍ରତ୍ୟାହାର କରିନେଇଛନ୍ତି। ଆମେରିକୀୟମାନେ ଚୁକ୍ତିର ପ୍ରତିଶ୍ରୁତି ପୂରଣ କରିନଥିଲେ। ଆଜି ଯିଏ କ୍ଷମତାରେ ଅଛନ୍ତି (ଡୋନାଲ୍ଡ ଟ୍ରମ୍ପ) ସେ ହିଁ ଚୁକ୍ତିନାମା ଭାଙ୍ଗିଛନ୍ତି।

## ଝୋଟ କାରଖାନାରେ ଅଗ୍ନିକାଣ୍ଡ

ହାୱଡ଼ା,୭।୨: ପଶ୍ଚିମବଙ୍ଗ ହାୱଡ଼ାରେ ଥିବା ଏକ ଝୋଟ କାରଖାନାରେ ଶୁକ୍ରବାର ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇଁ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟପକ୍ଷେ କାରଖାନାରେ ନିଆଁ ଲାଗିବାର କାରଣ ସ୍ୱଷ୍ଟ ଜଣାପଡି ନାହିଁ।

# ବାଂଲାଦେଶର ଉଚ୍ଚାୟୁକ୍ତଙ୍କୁ ଡକାଇ ବିରୋଧ ଜଣାଇଲା ଭାରତ

## 'ତୁମ ସମସ୍ୟା ପାଇଁ ଆମକୁ ଦାୟୀ କରନି'



ନୂଆଦିଲ୍ଲୀ,୭।୨: ନୂଆଦିଲ୍ଲୀରେ ଅବସ୍ଥାପିତ ବାଂଲାଦେଶର ହାଇକମିସନର ମହମ୍ମଦ ନୁରୁଲ ଇସଲାମଙ୍କୁ ସମନ କରିଛି ଭାରତ । ବାଂଲାଦେଶର ଆଭ୍ୟନ୍ତରୀଣ ସମସ୍ୟା ଲାଗି ଭାରତକୁ ଦାୟୀ କରାଯିବାକୁ ନେଇ ନୂଆଦିଲ୍ଲୀ ନିଜର ଅସନ୍ତୋଷ ଜଣାଇଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ତାଙ୍କୁ ୨୦୨୫ ଫେବ୍ରୁଆରି ୭ ତାରିଖ ଅପରାହ୍ନ ୫ଟାରେ ଡକାଯାଇଥିଲା। ତାଙ୍କୁ ସୂଚନା ଦିଆଯାଇଥିଲା ଯେ ଭାରତ ବାଂଲାଦେଶ ସହିତ ଏକ ସକାରାତ୍ମକ, ଗଠନମୂଳକ ଏବଂ ପାରସ୍ପରିକ ଲାଭଦାୟକ ସମ୍ପର୍କ ଚାହୁଁଛି, ଯାହା ନିକଟରେ ଉଚ୍ଚସ୍ତରୀୟ ବୈଠକରେ ଅନେକ ଥର ଦୋହରାଇଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି, ବାଂଲାଦେଶୀ ଅଧିକାରୀମାନେ ଦେଇଥିବା ବୟାନରେ ଭାରତକୁ ନକାରାତ୍ମକ ଭାବରେ ଚିତ୍ରଣ କରିବା ଦୁର୍ଭାଗ୍ୟଜନକ। ବାଂଲାଦେଶର ଆଭ୍ୟନ୍ତରୀଣ ସମସ୍ୟା ପାଇଁ ସେମାନେ ଆମକୁ ଦାୟୀ କରୁଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି, ବାଂଲାଦେଶୀ ଅଧିକାରୀମାନେ ଦେଇଥିବା ବୟାନରେ ଭାରତକୁ ନକାରାତ୍ମକ ଭାବରେ ଚିତ୍ରଣ କରିବା ଦୁର୍ଭାଗ୍ୟଜନକ। ବାଂଲାଦେଶର ଆଭ୍ୟନ୍ତରୀଣ ସମସ୍ୟା ପାଇଁ ସେମାନେ ଆମକୁ ଦାୟୀ କରୁଛନ୍ତି। ଶେଖ୍ ହସିନା ବୁଧବାର ଏକ ଅନଲାଇନ୍ ଅଭିଭାଷଣରେ ବାଂଲାଦେଶର ଅନ୍ତରୀଣ ସରକାର ବିରୋଧରେ ଛିଡ଼ା ହେବାକୁ ତାଙ୍କ ସମର୍ଥକମାନଙ୍କୁ ଆହ୍ୱାନ ଦେଇଥିଲେ। ଶେଖ୍ ହସିନା ୟୁନୁସ୍ ସରକାରଉପରେ ଅସାମ୍ବିଧାନିକ ଭାବେ କ୍ଷମତା ଦଖଲ କରିଥିବା ଅଭିଯୋଗ କରିଛନ୍ତି। ହସିନାଙ୍କ ଅଭିଭାଷଣ ପୂର୍ବରୁ ହଜାର ହଜାର ବିକ୍ଷୋଭକାରୀ ତାଙ୍କ ବାପା ତଥା ବାଂଲାଦେଶର ପ୍ରତିଷ୍ଠାତା ନେତା ମୁଜିବୁର ରେହମାନଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ହସିନାଙ୍କ ଭାଷଣ ପରେ ମଧ୍ୟ ହିଂସା ଜାରି ରହିଥିଲା। ଏହାର ଜବାବରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି ଯେ ଶେଖ୍ ହସିନାଙ୍କ ବୟାନ ତାଙ୍କର ବ୍ୟକ୍ତିଗତ ବୟାନ ଏବଂ ଏହାର ଭାରତ ସହ କୌଣସି ସମ୍ପର୍କ ନାହିଁ।

## ୟୁନୁସ୍‌ଙ୍କ ଚେତାବନୀ ସତ୍ତ୍ୱେ ଶେଖ ମୁଜିବୁର ରେହମାନଙ୍କ ଘରୁ ଲୁଟପାଟ୍ ଜାରି

ଢାକା,୭।୨:ବାଂଲାଦେଶର ଧାନମଣ୍ଡିର ରୋଡ୍ ୩୨ରେ ଅବସ୍ଥିତ ବାଂଲାଦେଶର ପ୍ରତିଷ୍ଠାତା ଶେଖ ମୁଜିବୁର ରେହମାନଙ୍କ ଘର ଏକ ଭୂତକୋଠିରେ ପରିଣତ ହୋଇଗଲାଣି। ପୋଡ଼ାଜଳା ଏବଂ ଲୁଟପାଟ ପରେ ଲୋକମାନେ ଏବେ ଧ୍ୱଂସପ୍ରାପ୍ତ ଐତିହାସିକ ଘରୁ ଲୁହା ରଡ୍ କାଟି ନେଉଛନ୍ତି। ସେମାନେ ସେହି ଭୁଶୁଡ଼ି ପଡ଼ିଥିବା ଘରର ଇଟା ମଧ୍ୟ ଛଡ଼ାଇ ନେଉଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ରେହମାନଙ୍କ ଘର ଲୁଟ୍ ଘଟଣାକୁ କଡ଼ା ସମାଲୋଚନା କରିଥିଲେ। ଭାରତ ସରକାର ମଧ୍ୟ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହି ନିନ୍ଦା କରିଥିଲେ। ଏହାପରେ ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଶୁକ୍ରବାର ମଧ୍ୟ ସେଠାରେ ଲୁଟ୍‌ପାଟ୍ ଜାରି ରହିଛି। ଏକ ରିପୋର୍ଟରେ କୁହାଯାଇଛି ଯେ ଶୁକ୍ରବାର ଅପରାହ୍ନ ସୁଦ୍ଧା ଜଣେ ବ୍ୟକ୍ତି ବଙ୍ଗବନ୍ଧୁ ମୁଜିବୁରଙ୍କ ଘରୁ ପ୍ରାୟ ଛଅ କିଲୋଗ୍ରାମ ଲୁହା ରଡ ନେଇଯାଇଛନ୍ତି। ସେ ତାଙ୍କ ସହିତ ଏକ କରତ ଆଣିଥିଲେ। ସେ ସକାଳଠାରୁ ସେହି କରତରେ ରଡଗୁଡ଼ିକୁ କାଟୁଥିବା ଦେଖାଯାଇଥିଲା।

## ଚୋରି ସାମଗ୍ରୀକୁ ଫିଙ୍ଗି ଚାଲିଗଲେ ଦୁର୍ବୃତ୍ତ

କାକଟପୁର(ନିପ୍ର): ଅସ୍ତରଙ୍ଗ ବ୍ଲକ ଜିଉଁନ୍ତି ରାମଦାସ କଳଘର ରାସ୍ତାରେ ଦେଖିବାକୁ ମିଳିଛି ଅଜବ ଦୃଶ୍ୟ । କିଛି ଚୋରି ହୋଇଥିବା ବିଦ୍ୟାଳୟ ଓ ଉପସ୍ୱାସ୍ଥ୍ୟକେନ୍ଦ୍ରର ସାମଗ୍ରୀ ଫିଙ୍ଗିଦେଇ ଚାଲି ଯାଇଛନ୍ତି । ଯାହାର ଆନୁମାନିକ ମୂଲ୍ୟ ସର୍ବନିମ୍ନ ୧ଲକ୍ଷ ପାଖାପାଖି ହେବ ବୋଲି ଅନୁଭବ କରାଯାଉଛି । ସୂଚନା ମୁତାବକ ନଇଗୁଆଁ ପଞ୍ଚାୟତ ଓସ୍ତପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟରୁ ଗତ ୧୭ ତାରିଖ ରେ ବିଦ୍ୟାଳୟର ସ୍ମାର୍ଟ ଟିଭି, ଏକ ଏଲଇଡ଼ି ଟିଭି, ଇନଭର୍ଟର ସହିତ ବ୍ୟାଟେରି, ପାଣି ପମ୍ପ, ଜେରକ୍ସ ମେସିନ ଚୋରି ହୋଇଥିବା ନେଇ କାକଟପୁର ଥାନା ରେ ଲିଖିତ ଅଭିଯୋଗ ହୋଇଥିଲା । ବର୍ତ୍ତମାନ ୬ ଦିନ ତଳେ ଏହି ବିଦ୍ୟାଳୟ ନିକଟରେ ଓସ୍ତପୁର ଉପସ୍ୱାସ୍ଥ୍ୟକେନ୍ଦ୍ରରୁ କିଛି ସାମଗ୍ରୀ ମଧ୍ୟ ଚୋରି ହୋଇଛି । ଏହାକୁ ଭିତ୍ତିକରି କାକଟପୁର ପୋଲିସ ଏକ ସ୍ୱତନ୍ତ୍ର ଟିମ୍ କରି ଘଟଣାର ତଦନ୍ତ କରୁଥିବା ବେଳେ ଗତକାଲି ଓସ୍ତପୁର ଗ୍ରାମରୁ ୨ ସନ୍ଦିଗ୍ଧଙ୍କୁ ଥାନାକୁ ନେଇ ପଚାରାଉଚରା କରିଥିଲା । ଶୁକ୍ରବାର ସକାଳୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯାତାୟାତ ସମୟରେ ଏହି ରାସ୍ତା ନିକଟରେ ଏହି ସବୁ ସାମଗ୍ରୀକୁ ଦେଖିବାକୁ ପାଇ ତୁରନ୍ତ ନିକଟସ୍ଥ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ । ଗ୍ରାମବାସୀଙ୍କ ସୂଚନା ପାଇ ଘଟଣା ସ୍ଥଳରେ ଅସ୍ତରଙ୍ଗ ଓ କାକଟପୁର ପୋଲିସ ପହଞ୍ଚି ଆଖପାଖ ସବୁ ଅନୁଧ୍ୟାନ କରିଥିଲେ । ଘଟଣା ସ୍ଥଳରୁ ସ୍ମାର୍ଟ ଟିଭି, ଏଲିଇଡି ଟିଭି, ଜେରକ୍ସ ମେସିନ, ୨ ଗୋଟି ବ୍ୟାଟେରୀ ସହିତ ଏକ ମାଇକ ବକ୍ସ ପଡିଥିବା ଦେଖିବାକୁ ପାଇଥିଲେ । ଓସ୍ତପୁର ପ୍ରାଥମିକ ବିଦ୍ୟାଳୟ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି କେବଳ ୨ଟି ଟିଭି ଓ ଜେରକ୍ସ ମେସିନ ବିଦ୍ୟାଳୟର ବୋଲି ଚିହ୍ନଟ କରିଛନ୍ତି । ଘଟଣା ସ୍ଥଳରେ କାକଟପୁର ପୋଲିସ ଉକ୍ତ ସାମଗ୍ରୀକୁ ଜବତ କରି ଥାନାକୁ ନେଇ ଘଟଣାର ଅଧିକ ଛାନଭିନ୍ ଆରମ୍ଭ କରିଛି । ଲୋକ ଲୋଚନରୁ ଶୁଣିବାକୁ ମିଳୁଛି ଯେ ଚୋରି ଘଟଣାରେ କାକଟପୁର ପୋଲିସ ଉଠାଇଥିବା ସନ୍ଦିଗ୍ଧ ଏହି ଚୋରି ସହିତ ଜଡିତ ଅଛନ୍ତି କି ? ଯେତେବେଳେ ଉକ୍ତ ୨ ଜଣ ଧରାହୋଇଛନ୍ତି ତାଙ୍କ ସହିତ ସମ୍ପୃକ୍ତ ଥିବା ଚୋର ଏହାକୁ ରାତାରାତି ଆଣି ରାସ୍ତା କଡରେ ଫିଙ୍ଗି ଦେଇ ଚାଲିଯାଇଛନ୍ତି । କାକଟପୁର ପୋଲିସର ଏହିଭଳି ସନ୍ଧାନ ପାଇ ସାଧାରଣରେ ପ୍ରଶଂସା ମିଳିଥିବା ବେଳେ ଏହି ଚୋରମାନଙ୍କୁ ତୁରନ୍ତ କାକଟପୁର ପୋଲିସ ଧରିବ ବୋଲି ସାଧରଣରେ ଅସ୍ଥାପ୍ରକଟ କରାଯାଇଛି ।

## ବିଦ୍ୟୁତଖୁଣ୍ଟ ଚୋରି: ଥାନାରେ ଅଭିଯୋଗ

ଭାପୁର(ନିପ୍ର): ଫତେଗଡ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମ ନିକଟରୁ ଗୁରୁବାର ରାତିରେ ଦୁଇଟି ବିଦ୍ୟୁତ୍ ଖୁଣ୍ଟ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ, ସମସ୍ତଙ୍କ ଘରକୁ ପାଣି ଯୋଗାଣ ପାଇଁ ଠିକା ନେଇଥିବା ଜିଭିପିଆର ସଂସ୍ଥା ବିଦ୍ୟୁତ୍ ସଂଯୋଗ ପାଇଁ ବିଜିପୁର ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ରଖିଥିଲେ କିନ୍ତୁ କୌଣସି ଦୁର୍ବୃତ୍ତ ସେହି ଖୁଣ୍ଟକୁ ଚୋରି କରିଥିବା ନେଇଥିବା ସଂସ୍ଥାର ସୁପରଭାଇଜର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ବିଜେପିରେ ଯୋଗଦେଲେ ଉଦଳା ବ୍ଲକ ଅଧକ୍ଷା



ଭୁବନେଶ୍ୱର(ନିପ୍ର): ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର । ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି । ବିଜେଡି ଉପରୁ ଆସ୍ଥା ହରାଇ ଉଦଳା ବ୍ଲକ ଅଧକ୍ଷା ମଞ୍ଜୁଲତା ବିଶ୍ୱାଳ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଶ୍ରୀମତୀ ବିଶ୍ୱାଳଙ୍କ ସମେତ ପଞ୍ଚାୟତ ସମିତି ସଦସ୍ୟା ମାଳତି ଟୁଡୁ, ପୂର୍ବତନ ଜିଲ୍ଲା ପରିଷଦ ଉଦଳା ଲକ୍ଷ୍ମୀଧର ମୁର୍ମୁ, ଶତ୍ରୁଘ୍ନ ବିଶ୍ୱାଳ, ଡମ୍ବୁରୁଧର ବିଶ୍ୱାଳ, ରୋହିଦାଶ ଟୁଡୁ, ଯୋଗେନ୍ଦ୍ର ଖଡିକା, ଶ୍ରୀଧର ଖଉଡେଇ, ଗୋପିନାଥ ପ୍ରଧାନ, ଶ୍ରୀକାନ୍ତୁ ନାଏକ, ରାମ ଚରନ ପାନିଆଲ୍, ହରିଶ ଚନ୍ଦ୍ର ନାଏକ, ସୁଶାନ୍ତ କୁମାର ବରଶାଲିଆ, ପ୍ରଶନ୍ନ ପାନିଆଲିଆ, ଗୋବିନ୍ଦ ରଣସିଆ, ହରେକୃଷ୍ଣ ବିଶ୍ୱାଳ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହି ମିଶ୍ରଣ ପର୍ବରେ ଉଦଳା ବିଧାୟକ ଭାସ୍କର ମଢେଇ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ପ୍ରବକ୍ତା ବ୍ରଜକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## କଣ୍ଟ୍ରୋଲ ମାଣ୍ଡିଆ ବଜାରରେ ବିକ୍ରି !

ଭାପୁର(ନିପ୍ର): ମାଣ୍ଡିଆ ଏକ ପୁଷ୍ଟିସାର ଯୁକ୍ତ ଖାଦ୍ୟ ହୋଇଥିବାରୁ ସରକାର ମାଣ୍ଡିଆ ପାଇଁ ସ୍ୱତନ୍ତ୍ର ବିଭାଗ ଖୋଲି ତାର ପ୍ରଚାର, ପ୍ରସାର ଏବଂ ଉତ୍ପାଦନ ପାଇଁ ବିଭିନ୍ନ ପଦକ୍ଷେପ ନେଲେ । ଜନସାଧାରଣଙ୍କୁ ରାଜ୍ୟ ସରକାର ଖାଉଟିକାର୍ଡ ମାଧ୍ୟମରେ ଜଣ ପିଛା ୨ କିଲୋଗ୍ରାମ ଲେଖାଏଁ ମାଗଣାରେ ମାଣ୍ଡିଆ ପ୍ରଦାନ କରିଲେ । ମାଣ୍ଡିଆକୁ ଚୂର୍ଣ୍ଣକରି ବିଭିନ୍ନ ପ୍ରକାର ଖାଦ୍ୟ ବନେଇ କରି ଖାଇଲେ ତାହା ସ୍ୱାସ୍ଥ୍ୟ ପ୍ରତି ଖୁବ୍ ହିତକାରୀ ହୋଇଥାଏ । କାରଣ, ମାଣ୍ଡିଆରେ ପ୍ରଚୁର ପରିମାଣରେ ଭିଟାମିନ୍ ଭରି ରହିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତପ୍ରକାଶ କରିଛନ୍ତି । ଭାପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ମାଣ୍ଡିଆକୁ ନେଇ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ତାହାର ଫଳଶୂନ୍ୟ । ତେଣୁ ଗତ ଦୁଇ ମାସ ହେଲା କଣ୍ଟ୍ରୋଲରୁ ହିତାଧିକାରୀ ପାଉଥିବା ମାଣ୍ଡିଆ ବଜାରରେ ବିକ୍ରି ହେଉଥିବା ଦେଖାଦେଇଛି । ଫଳରେ ସରକାରଙ୍କ ଏହି ଜନହିତକାରି ଯୋଜନା ବିଫଳ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି ।

### ପୂର୍ବତନ ଜିଲ୍ଲାପାଳ ମନୀଷ ଅଗ୍ରୱାଲଙ୍କୁ ଆଶ୍ୱସ୍ତି

## ଏନବିଡବ୍ଲୁ ଉପରେ ରୋକ ଲଗାଇଲେ ହାଇକୋର୍ଟ



କଟକ(ନିପ୍ର): ମାଲକାନାଗିରିର ପୂର୍ବତନ ଜିଲ୍ଲାପାଳ ମନୀଷ ଅଗ୍ରୱାଲଙ୍କୁ ହାଇକୋର୍ଟରୁ ଶୁକ୍ରବାର ଆଶ୍ୱସ୍ତି ମିଳିଛି । ନିମ୍ନ ଅଦାଲତଙ୍କ ଏନବିଡବ୍ଲୁ ଉପରେ ହାଇକୋର୍ଟ ରୋକ ଲଗାଇଛନ୍ତି । ମାଲକାନାଗିରି ଏସଡ଼ିଜେଏମ କୋର୍ଟ ମନୀଷଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ । ନିଜ ବ୍ୟକ୍ତିଗତ ସହାୟକ ଦେବ ନାରାୟଣ ପଣ୍ଡାଙ୍କ ମୃତ୍ୟୁ ମାମଲାରେ ହାଜର ହେବାକୁ ସମନ ଜାରି ହୋଇଥିଲା । ଦୁଇ ଦୁଇ ଥର ସମନ ସତ୍ତ୍ୱେ ମନୀଷ କୋର୍ଟରେ ହାଜର ନହେବାରୁ ଏନବିଡବ୍ଲୁ ଜାରି ହୋଇଥିଲା । ସୂଚନା ଥାଉକି, ପୂର୍ବତନ ଜିଲ୍ଲାପାଳ ମନୀଷ ଅଗ୍ରୱାଲ ଓ ଅନ୍ୟ ୩ ଜଣଙ୍କ ନାଁରେ ମାଲକାନାଗିରି ଏସଡିଜେଏମ କୋର୍ଟ ଏନବିଡବ୍ଲୁ ଜାରି କରିଥିଲେ । ମନୀଷ ଜିଲ୍ଲାପାଳ ଥିବା ସମୟରେ ତାଙ୍କ ବ୍ୟକ୍ତି ସହାୟକ ଦେବ ନାରାୟଣ ପଣ୍ଡାଙ୍କ ମୃତ୍ୟୁ ହୋଇଥିଲା । ହେଲେ ଦେବ ନାରାୟଣଙ୍କ ପତ୍ନୀ ହତ୍ୟା ଅଭିଯୋଗ ଆଣିଥିଲେ ଆଉ ଏହି ମାମଲାରେ ହିଁ ଏନବିଡବ୍ଲୁ ଜାରି ହୋଇଥିଲା । ବାରବାଂର ସମନ ପରେ କୋର୍ଟରେ ହାଜର ନହୋଇ ସମୟ ପରେ ସମୟ ଗଡ଼ାଉଥିଲେ ମନୀଷ ଅଗ୍ରୱାଲ ଓ ତାଙ୍କ ସହଯୋଗୀ । ହେଲେ ଏବେ ଉଚ୍ଚ ନ୍ୟାୟାଳୟରୁ ମନୀଷଙ୍କୁ ଆଶ୍ୱସ୍ତି ମିଳିଛି । ହାଇକୋର୍ଟ ଏନବିଡବ୍ଲୁ ଉପରେ ରୋକ ଲଗାଇଛନ୍ତି । ସୂଚନାଯୋଗ୍ୟ ଗତ ୨୦୧୯ ଡିସେମ୍ବର ୨୭ ତାରିଖରେ ସନ୍ଦେହଜନକ ଭାବେ ତତକାଳୀନ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବ ନାରାୟଣ ପଣ୍ଡା ନିଖୋଜ ହୋଇଯାଇଥିଲେ । ଦିନକ ପରେ ମାଲକାନାଗିରି ସତୀଗୁଡ଼ା ଜଳଭଣ୍ଡାରରୁ ଦେବ ନାରାୟଣ ପଣ୍ଡାଙ୍କ ମୃତଦେହ ଠାବ ହୋଇଥିଲା । ଆଉ ଦେବ ନାରାୟଣଙ୍କ ହତ୍ୟା କରାଯାଇଥିବା ନେଇ ତାଙ୍କ ପତ୍ନୀ ବନଜା ପଣ୍ଡା ଅଭିଯୋଗ ଆଣିଥିଲେ । ପ୍ରଥମେ ମାଲକାନାଗିରି କୋର୍ଟ ପରେ ହାଇକୋର୍ଟ ଏବଂ ତା ପରେ ସୁପ୍ରିମ କୋର୍ଟଙ୍କ ବନଜା ଦ୍ୱାରସ୍ଥ ହୋଇଥିଲେ । ଏହାପରେ ମାଲକାନାଗିରି ଏସଡ଼ିଜେଏମ କୋର୍ଟରେ ଶୁଣାଣି ପାଇଁ ମନୀଷ ଅଗ୍ରୱାଲ ଓ ତାଙ୍କ ୩ ଜଣ ସହଯୋଗୀ ଅବସରପ୍ରାପ୍ତ ଓଆରଏସ ଅଧିକାରୀ ଭଗବାନ ପାଣିଗ୍ରାହୀ, ଡାଟା ଏଣ୍ଟ୍ରି ଅପରେଟର ଭି ବେଣୁ ଓ ଷ୍ଟେନୋ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କୁ ଏସଡିଜେଏମ କୋର୍ଟ ବାରବାଂର ସମନ କରିଥିଲେ ସୁଦ୍ଧା ସେମାନେ ସମୟ ଗଡ଼ାଇ ଚାଲିଥିଲେ । ସୋମବାର ସେମାନଙ୍କ ବିରୁଦ୍ଧରେ ଜାମିନବିହୀନ ପରୱାନା ବା ଏନବିଡବ୍ଲୁ ମାଲକାନାଗିରି ଏସଡିଜେଏମ କୋର୍ଟ ଜାରି କରିଥିଲେ ।

### ଜାତୀୟ କୃମିନାଶକ ଦିବସ ଓ ଫାଲେରିଆ ନିରାକରଣ

## ୧୦ରୁ ସାମୂହିକ ଔଷଧ ସେବନ ଅଭିଯାନ



କଟକ(ନିପ୍ର): ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ପ୍ରସ୍ତୁତି ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଶୁକ୍ରବାର ଅପରାହ୍ନରେ ଜିଲ୍ଲା ସ୍ୱାସ୍ଥ୍ୟ ଭବନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ ହୋତା ଜଣାଇଥିଲେ ଯେ, ଚଳିତବର୍ଷ କଟକ ଜିଲ୍ଲାରେ ୭,୩୧, ୮୮୨ (୧-୧୯)ବର୍ଷ ପିଲାଙ୍କୁ ଓ ମୋଟ ୧,୨୯,୮୭୨ ମହିଳାଙ୍କୁ (୨୦-୨୪ ବର୍ଷର ଯେଉଁମାନେ ଗର୍ଭବତୀ ଓ ସ୍ତନ୍ୟପାନ କରାଉନଥିବେ) କୃମି ବଟିକା ଦିଆଯିବାକୁ ଧାର୍ଯ୍ୟ କରାଯାଇଛି । ଜିଲ୍ଲାର ସମସ୍ତ ୨୨୩୪ ସରକାରୀ ଓ ୫୨୨ବେସରକାରୀ ବିଦ୍ୟାଳୟ ସହିତ ୩୩୪୩ ଅଙ୍ଗନୱାଡ଼ି ସେଣ୍ଟରରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା କୃମି ବଟିକା ଦିଆଯିବ । ଯେଉଁ ପିଲାମାନେ ୧୦ ଫେବୃଆରୀରେ ଔଷଧ ଖାଇନଥିବେ ସେମାନଙ୍କ ୧୭ ଫେବୃଆରୀରେ ଔଷଧ ଖୁଆଯିବ । ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ତ୍ୱରାନ୍ୱିତ କରିବା ପାଇଁ ୫୨୨ ସ୍ୱାସ୍ଥ୍ୟକର୍ମୀ, ୨୨୧୫ ଆଶାକର୍ମୀ, ୩୩୪୩ ଅଙ୍ଗନୱାଡ଼ି କର୍ମୀ ଓ ୨୬୦ ସୁପରଭାଇଜର ନିୟୋଜିତ ହୋଇଛନ୍ତି । ସେହିପରି ଫ୍ୟାଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ ୧୦ ଫେବୃଆରୀରୁ ୧୯ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ । ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସାଲେପୁର, ଆଠଗଡ଼, ତିଗିରିଆ, ବଡ଼ମ୍ବା, ସୁବର୍ଣ୍ଣପୁର, (ବାଙ୍କୀ) ବ୍ଲକରେ ଅନୁଷ୍ଠିତ ହେବ । ଏହାଦ୍ୱାରା ସର୍ବମୋଟ ୭,୩୯,୮୭୧ ହିତାଧିକାରୀ ଉପକୃତ ହେବେ । ଏହି କାର୍ଯ୍ୟକ୍ରମରେ ୨୯୫୭ ଔଷଧ ସେବନ କର୍ମୀ ଘରକୁ ଘର, ସମସ୍ତ ସ୍କୁଲ, କଲେଜ ଓ କାର୍ଯ୍ୟାଳୟକୁ ଯାଇ ସମସ୍ତଙ୍କୁ ବୟସ ଅନୁପାତରେ (ଡିଇସିଓ ଆଲବେଣ୍ଡାଜୋଲ)ବଟିକା ଖୁଆଇବେ । ଏଥିରେ ୨୯୬ଜଣ ପର୍ଯ୍ୟବେକ୍ଷକ ନିୟୋଜିତ ହୋଇଛନ୍ତି । ଏହି ଔଷଧ ଗର୍ଭବତୀ ମା, ୨ବର୍ଷରୁ କମ ଶିଶୁ ଓ ଗୁରୁତର ଅସୁସ୍ଥ ଲୋକ ଖାଇବେ ନାହିଁ । ଏହି ସାମ୍ବାଦିକ ସମ୍ମିଳନୀରେ ଡାକ୍ତର ଲୋକନାଥ ପାତ୍ର, ଡାକ୍ତର ଚିନ୍ତାମଣି ମିଶ୍ର, ଡାକ୍ତର ରଂଜନ ସିଂହ, ଡା ଦୀପା ପଟ୍ଟନାୟକ, ତୃପ୍ତି ରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଗିରଫ ହେଲେ କୋଟିପତି ସରକାରୀ ବାବୁ

ମାଲକାନଗିରି: ମାଲକାନଗିରି ଜିଲା ଜଳଛାୟା ପ୍ରକଳ୍ପ ଉପନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର ଗିରଫ ହୋଇଛନ୍ତି । ଶାନ୍ତନୁଙ୍କ ସହ ୫ ଜଣଙ୍କୁ ଗିରଫ କରାଯାଇଛି । ଆୟବହିର୍ଭୂତ ସମ୍ପତ୍ତି, ଗୋଟିଏ ବହୁମହଲା କୋଠା, ୪ଟି ଉଚ୍ଚ ମୂଲ୍ୟର ପ୍ଲଟ, ପ୍ରାୟ ୪୨୨ ଗ୍ରାମ ସୁନା, ୯୧ ଲକ୍ଷ ଟଙ୍କାରୁ ଅଧିକ ଜମା, ୨ କୋଟି ନଗଦ ଟଙ୍କା ସନ୍ତୋଷଜନକ ଭାବରେ ଶାନ୍ତନୁ ବ୍ୟାଖ୍ୟା କରିପାରି ନ ଥିଲେ । ଏ ନେଇ ମହାପାତ୍ରଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି । ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ପାଇଁ ତାଙ୍କୁ କୋର୍ଟକୁ ପଠାଯିବ । ଏହା ବ୍ୟତୀତ ମହାପାତ୍ରଙ୍କ ୪ ଜଣ ସହଯୋଗୀ ମୋହନ ମଣ୍ଡଳ ସହାୟକ କୃଷି ଇଞ୍ଜିନିୟର, ବିଶ୍ୱଜିତ ମଣ୍ଡଳ ଡିଇଓ, ଅମୀୟକାନ୍ତ ସାହୁ, ଠିକା କର୍ମଚାରୀ ଅଲେଖ ପ୍ରଧାନଙ୍କୁ ମଧ୍ୟ ମହାପାତ୍ରଙ୍କ ସହିତ ସରକାରୀ ଅର୍ଥ ଆତ୍ମସାତ ପାଇଁ ଗିରଫ କରାଯାଇଛି । ଏହି ସମ୍ପର୍କରେ, ମାଲକାନଗିରିର ଜଳବିଭାଜିକାର ଉପନିର୍ଦ୍ଦେଶକ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ସାନ୍ତନୁ ମହାପାତ୍ରଙ୍କ ବିରୋଧରେ କୋରାପୁଟ ଭିଜିଲାନ୍ସ ମାମଲା ରୁଜୁ କରାଯାଇଛି ।

## ଅର୍ବାନ ହାଟ ନିଲାମକୁ ବିରୋଧ




କଟକ(ନିପ୍ର): ସ୍ଥାନୀୟ ଛତ୍ରବଜାର ପରିବା ମାର୍କେଟ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ ସମୟରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଅନ୍ନଛତ୍ର ଖୋଲି ଭୋକିଲା ଲୋକମାନଙ୍କୁ ଅନ୍ନଛତ୍ର ପ୍ରଦାନ କରିଥିଲେ । ସେହି ସମୟରୁ ଏହାର ନାମକରଣ ଛତ୍ରବଜାର ନାମରେ ନାମିତ ହୋଇଆସୁଛି । ଏଠାରେ ଆଖପାଖ ଅଂଚଳରୁ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକମାନେ ଓ ଅଭିଭକ୍ତ କଟକ ଜିଲ୍ଲାର ବିଭିନ୍ନ ଅଂଚଳରୁ କ୍ଷୁଦ୍ରଚାଷୀମାନେ ଆସି ବ୍ୟବସାୟକୁ ଆଦରି ପରିବାର ପ୍ରତିପୋଷଣ କରିଆସୁଛନ୍ତି । ହେଲେ ବିଡ଼ମ୍ବନାର ବିଷୟ ଯେ, କଟକ ମହାନଗର ନିଗମ ତରଫରୁ ଅର୍ଗାନ ହାଟ ନିଲାମ କରାଯିବ । ଏହି ନିଲାମ ପ୍ରକ୍ରିୟା ହେଲେ ନିଲାମଧାରୀଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ପରିସ୍ଥିତି ସୃଷ୍ଟି ହେବ । ଯାହା ଫଳରେ କ୍ଷୁଦ୍ର ଚାଷୀ ଓ ଗରିବ ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଏ ନେଇ ଛତ୍ରବଜାର ଦୁର୍ଗାପୂଜା କମିଟି, ଛତ୍ରବଜାର କାର୍ତ୍ତିକେଶ୍ୱର ପୂଜା କମିଟି ଓ ମାଲଗୋଦାମ ମହାଦବେ ପୂଜା କମିଟି ଦୃଢ଼ ହସ୍ତରେ ଏହି ନିଲାମ ପ୍ରକ୍ରିୟାକୁ ବିରୋଧ କରିବା ସହ ନିଲାମ ପ୍ରକିୟାକୁ ବାତିଲ କରାଯିବା ଏବଂ ୩ଟି ପୂଜା କମିଟିକୁ ଏହାର ପରିଚାଳନା ଭାର ହସ୍ତାନ୍ତର କରିବା ପାଇଁ ସରକାରଙ୍କୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଅନୁରୋଧ କରାଯାଇଛି । ଯଦି ସରକାର ଏଥିପ୍ରତି ଦୃଷ୍ଟି ଆକର୍ଷଣ ନ କରିନ୍ତି ତେବେ ଆଗାମୀ ଦିନରେ ଅନଶନ କରିବେ ବୋଲି ସମୂହ ୩ଟି ପୂଜା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି ।

### ଏମକେସିଜି ଓପିଡି ଟିକେଟ କାଉଣ୍ଟରରେ ଛଟେଇ

## ଡାଟାଏଣ୍ଟ୍ରି ଅପରେଟର କଲେ ପୁନଃ ନିଯୁକ୍ତି ଦାବି




ବ୍ରହ୍ମପୁର(ନିପ୍ର): ବ୍ରହ୍ମପୁର ବଡ ମେଡ଼ିକାଲ ଟିକେଟ କାଉଣ୍ଟର ଓ ଓପିଡିର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଡାଟାଏଣ୍ଟ୍ରି ଅପରେଟର ଦୀର୍ଘ ଦିନ ହେବ ମଲ୍ଟିସଫ୍ଟ ପ୍ରାଇଭେଟ ଲିମିଟେଡ଼, କଟକ ଅଧୀନରେ କାର୍ଯ୍ୟକରି ଆସୁଥିବା ବେଳେ ମିଳିଥିବା ସୂଚନା ପ୍ରକାରେ ବର୍ତ୍ତମାନ ଓପିଡି ଟିକେଟ କାଉଣ୍ଟର ପାଇଁ ସିଡ଼ାକ ନାମକ ନୂତନ ସଂସ୍ଥା ଅନୁବନ୍ଧିତ ହୋଇଛି । ଫଳରେ ମୋଟ ୩୩ ଜଣ କର୍ମଚାରୀ ମଧ୍ୟରୁ ୧୩ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ମିଳିନି । ଫଳରେ ଶୁକ୍ରବାର ସକାଳୁ କର୍ମଚାରୀ ମାନେ ଡ୍ୟୁଟିକୁ ଆସି ଅପେକ୍ଷା କରିଥିଲେ କିନ୍ତୁ ପୁରୁଣା ସଂସ୍ଥା ଓ ମେଡିକାଲ ପ୍ରଶାସନ ତରଫରୁ ତୁମ ଚାକିରି ନାହିଁ କହି ଘଉଡ଼ାଇ ଦିଆଯାଇଥିଲା । ଏହାକୁ ନେଇ ସମସ୍ତ କର୍ମଚାରୀ ଓପିଡି କାଉଣ୍ଟର ଆଗରେ ଅପେକ୍ଷା କରିବା ସହିତ ଛଟେଇର ପ୍ରତିବାଦ କରିଥିଲେ । ସେଇ ସମୟରେ ମେଡିକାଲର ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା ଆସି ଆଲୋଚନା ନ କରି ମହିଳା କର୍ମଚାରୀଙ୍କୁ ରୁକ୍ଷ ବ୍ୟବହାର କରିବା ସହିତ ସମସ୍ତ କର୍ମଚାରୀଙ୍କୁ ବାହାରକୁ ଘଉଡ଼ାଇ ଥିଲେ । ଯାହାକୁ ନେଇ କର୍ମଚାରୀ ସଂଘ ପକ୍ଷରୁ ଏହାକୁ ଦୃଢଭାବେ ନିନ୍ଦା କରାଯାଇଛି । ନୂତନ ସଂସ୍ଥା ଦ୍ୱାରା ଅଧା କର୍ମଚାରୀରେ ମାତ୍ରାଧିକ ଗହଳିରେ ଟିକେଟ କାଉଣ୍ଟର ଚାଲିଥିବା ବେଳେ ସବୁ ବର୍ହି ବିଭାଗର ସ୍କାନିଙ୍ଗ କାମ ପ୍ରାୟତଃ ବନ୍ଦ ରହିଥିଲା । ଏପରିକି କାଜୁଆଲିଟିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପୁରୁଣା ସଂସ୍ଥା ଦ୍ୱାରା ଟିକେଟ ଦେବା ବନ୍ଦ ହୋଇଥିଲା । ଏହା କିଛି ସମୟ ପରେ ସ୍ୱାଭାବିକ ହୋଇଥିଲା । ମଧ୍ୟାହ୍ନରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ସୁଚିତ୍ରା ଦାସ ଓ ନୋଡାଲ ଅଫିସର ମନୋଜ ପାତ୍ରଙ୍କ ସହ ଆଲୋଚନା ପରେ ଆସନ୍ତା ସୋମବାର ଭିତରେ ପୁନଃ ନିଯୁକ୍ତି କଥା ବିଚାର କରାଯିବାକୁ ପ୍ରତିଶ୍ରୁତି ମିଳିବା ପରେ କର୍ମଚାରୀ ମାନେ ଆସନ୍ତାକାଲି ଡ୍ୟୁଟି ରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ବିନା ନୋଟିସରେ ଏପରି ଅମାନବୀୟ ଭାବେ ଛଟେଇ କରିବା ଓ ମେଡିକାଲ କର୍ତ୍ତୃପକ୍ଷ ବିନା ଆଲୋଚନାରେ ରୁକ୍ଷ ବ୍ୟବହାରରେ ଘଉଡ଼ାଇବାକୁ ସାଧାରଣରେ ନିନ୍ଦା କରାଯାଉଥିବା ବେଳେ ମେଡିକାଲ ଟିକେଟ କାଉଣ୍ଟରରେ ମାତ୍ରାଧିକ ଗହଳିକୁ ସମ୍ଭାଳିବାକୁ କର୍ମଚାରୀ ସଂଖ୍ୟା ବଢାଇବା ବଦଳରେ କର୍ମଚାରୀ କମାଇ ସେବା କିଭଳି ସରଳୀକରଣ ହେବ ତାହାଲେ ମଧ୍ୟ ପ୍ରଶ୍ନବାଚୀ ? ବେଆଇନ ଭାବେ ଏଜେନ୍ସିମାନଙ୍କ ଦ୍ୱାରା ସିକ୍ୟୁରିଟି ଡିପୋଜିଟ ନାମରେ ହଜାର ହଜାର ଟଙ୍କା କାରବାର କରି ନୂତନ କର୍ମଚାରୀଙ୍କ ନିଯୁକ୍ତି କରିଥିଲେ ମଧ୍ୟ ଏଭଳି ଅଭିଜ୍ଞ କର୍ମଚାରୀମାନଙ୍କୁ ଛଟେଇ ନ କରାଯାଇ ଅଭିଜ୍ଞତା ଭିତ୍ତିରେ ନିଯୁକ୍ତି ନ ଦିଆଗଲେ ଆଗାମୀ ଦିନରେ ପୁନଶ୍ଚ ଆନ୍ଦୋଳନ କରିବାକୁ ସଂଘ ତରଫରୁ ଓଡିଶା ମେଡିକାଲ ଆଉଟସୋର୍ସିଙ୍ଗ କର୍ମଚାରୀ ସଂଘ ରାଜ୍ୟ ଆବାହକ ପ୍ରତାପ ପ୍ରଧାନ ସୂଚନା ଦେଇଛନ୍ତି ।

### ଭାରତ-ଇଂଲଣ୍ଡ ଏକ ଦିବସୀୟ ମ୍ୟାଚ

## ଟିକେଟ କଳାବଜାରୀ କରି ବନ୍ଧା ହେଲେ ୭ ଅଭିଯୁକ୍ତ

କଟକ(ନିପ୍ର): ଆଗାମୀ ୯ ତାରିଖରେ ଐତିହାସିକ ବାରବାଟୀ ଷ୍ଟାଡ଼ିୟମରେ ଭାରତ-ଇଂଲଣ୍ଡ ମଧ୍ୟରେ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ ଲାଗି ଟିକେଟ କଳାବଜାରୀର ଖବର ସାମନାକୁ ଆସିଛି । ଏହି ମାମଲାରେ କମିଶନରେଟ ପୋଲିସ ୭ ଜଣକୁ ଗିରଫ କରିଥିବାର ସୂଚନା ମିଳିଛି । ଏହା ସହ କଳାବଜାରୀଙ୍କ ଠାରୁ ୨୫ଟି ଟିକେଟ, ୩୦ହଜାର ଟଙ୍କା, ମୋବାଇଲ ଓ ବାଇକ ପୋଲିସ ଜବତ କରିଛି । ଟିକେଟ କଳାବଜାରୀ ନେଇ ଦରଘା ବଜାର ଥାନାରେ ଗୋଟିଏ ଏତଲା ହୋଇଥିବାବେଳେ ପୋଲିସ ଏ ମାମଲାରେ ୩ଜଣକୁ ଗିରଫ କରିବା ସହ ୮ଟି ଟିକେଟ ଓ ୩୦ହଜାର ଟଙ୍କା ଜବତ କରିଛି । ସେହିପରି କ୍ୟାଣ୍ଟିନମେଣ୍ଟ ଥାନାରେ ୩ଟି ମାମଲା ହୋଇଥିବାବେଳେ ପୋଲିସ ୪ ଜଣକୁ ଗିରଫ କରିଛି । ଏ ନେଇ ପୋଲିସ ଅଧିକ ତଦନ୍ତ କରୁଛି । ଯେ କେହିବି କ୍ରିକେଟ ମ୍ୟାଚ ଲାଗି ଟିକେଟ କଳାବଜାରୀ କରୁଥିବାର ସୂଚନା ମିଳିବ, ସେମାନଙ୍କ ବିରୁଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ସୁନା ଚୋରି ଅଭିଯୋଗରେ ମହିଳା ଗିରଫ



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଏନଏସି ୱାର୍ଡ ନଂ.୯ରେ ସୁନା ଅଳଙ୍କାର ଚୋରି ଅଭିଯୋଗରେ କୁଚିଣ୍ଡା ପୋଲିସ ଜଣଙ୍କୁ ଗିରଫ କରିଛି । ଗିରଫ ମହିଳା ହେଲେ କୁଚିଣ୍ଡା ଏନଏସି ୱାର୍ଡ ନଂ.୭ର ମୀନାକ୍ଷୀ ମହାନନ୍ଦ । ମମତା ପଟେଲଙ୍କ ଅଭିଯୋଗ କ୍ରମେ କୁଚିଣ୍ଡା ପୋଲିସ ଥାନାରେ ମାମଲା ରୁଜୁକରି ଶୁକ୍ରବାର ଅଭିଯୁକ୍ତ ମହିଳାଙ୍କୁ ଗିରଫ କରି କୁଚିଣ୍ଡା ଏସଡିଜେଏମ କୋର୍ଟକୁ ଚାଲାଣ କରିଛି । ପୋଲିସ ଚୋରି ହୋଇଥିବା ୩୦ ଗ୍ରାମର ସୁନା ଅଳଙ୍କାରକୁ ମହିଳାଙ୍କଠାରୁ ଜବତ କରିଥିବା କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ, କୁଚିଣ୍ଡା ଏନଏସି ୱାର୍ଡ ନଂ.୯ର ମମତା ପଟେଲଙ୍କ ଘରେ ମୀନାକ୍ଷୀ ମହାନନ୍ଦ ଦୀର୍ଘ ବର୍ଷ ଧରି କାମ କରିଆସୁଥିଲେ । ଗୁରୁବାର ମମତା ଓ ତାଙ୍କ ସ୍ୱାମୀ ଘରେ ନଥିବା ସମୟରେ ମୀନାକ୍ଷୀ ଆଲମାରୀ ଭାଙ୍ଗି ୩୦ଗ୍ରାମର ସୁନା ଅଳଙ୍କାର ଚୋରି କରିଥିଲେ । ମମତା ଘରକୁ ଫେରି ଆଲମାରୀ ଭାଙ୍ଗି ସୁନା ଅଳଙ୍କାର ଚୋରି ହୋଇଥିବା ନେଇ କୁଚିଣ୍ଡା ଥାନାରେ ରିପୋର୍ଟ କରିଥିଲେ ।

### ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

## ଶିକ୍ଷା ମଣିଷକୁ ସଠିକ୍ ମାର୍ଗ ଦେଖାଇଥାଏ: ରାଜ୍ୟପାଳ




ପାରାଦୀପ(ନିପ୍ର): ଶିକ୍ଷା ମଣିଷକୁ ସଠିକ୍ ମାର୍ଗ ଦେଖାଇଥାଏ । ଜଣେ ବ୍ୟକ୍ତି ଶିକ୍ଷା ଲାଭ କରିବା ପରେ ତାର ବ୍ୟକ୍ତିତ୍ୱରେ ବିକାଶ ହୋଇଥାଏ ବୋଲି ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି ଓଡିଶାର ରାଜ୍ୟପାଳ କେ. ହରିବାବୁ କମ୍ଭମପତି । ଶିକ୍ଷା ହେଉଛି ସେହି ମୂଳଦୁଆ ଯାହା ଉପରେ ଏକ ବିକଶିତ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ରର ନିର୍ମାଣ ହୋଇଥାଏ । ଯୁବସମାଜ ସଠିକ ଶିକ୍ଷା କୌଶଳ ଏବଂ ବୈଷୟିକ ଶିକ୍ଷା ସହିତ ସଜ୍ଜିତ ହେଲେ ବିକଶିତ ଓଡିଶା ଏବଂ ବିକଶିତ ଭାରତର ପରିକଳ୍ପନା ସାକାର ହେବ ବୋଲି ରାଜ୍ୟପାଳ ବକ୍ତବ୍ୟରେ କହିଥିଲେ । ଶୁକ୍ରବାର ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ମହାବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିଲା । ଏହି ଉଦ୍‌ଘାଟନୀ ସମାରୋହରେ ନିମନ୍ତ୍ରିତ ଅତିଥି ଭାବେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୂପ୍ରସାଦ ତରାଇ, ବାସୁଦେବପୁରର ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲାପାଳ ଜେ.ସୋନାଲ, ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ଯୋଗ ଦେଇଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ପାରାଦୀପ ମହାବିଦ୍ୟାଳୟ ଅଧକ୍ଷ ଡ.ସସ୍ମିତା ଶତପଥୀ । ଏହି ଅବସରରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସୁର୍ଯ୍ୟବଂଶୀ ସୂରଜ ମହାବିଦ୍ୟାଳୟ ପରିସରରେ ନୂତନ ଗୃହ ନିର୍ମାଣର ଶିଳାନ୍ୟାସ କରିଥିଲେ । ଉଦ୍‌ଘାଟନୀ ସମାରୋହ ପରେ ଇଣ୍ଡିଆନ୍ ଆଇଡଲ୍‌ର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ପବନଦୀପ ଓ ଅରୁଣୀତା ଲାଇଭ୍ ବ୍ୟାଣ୍ଡ ପରିବେଷଣ କରିଥିଲେ । ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ, ଅଧାପକଙ୍କ ସମେତ ପୁରାତନ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଶନିବାର ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ, ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୂପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ, ଡ. ରମାକାନ୍ତ ଭୋଇ, ଜିଲ୍ଲାପାଳ ଜେ. ସୋନାଲ, ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ଯୋଗ ଦେବାକୁ ଥିବାବେଳେ ଓଲିଉଡ୍ କଣ୍ଠଶିଳ୍ପୀ ସତ୍ୟଜିତ୍ ଏବଂ ସଂଜୁ ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ରବିବାର ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ରଂଜିତ କୁମାର ପ୍ରଧାନଙ୍କ ସମେତ ପାରାଦୀପର ବିଭିନ୍ନ ଶିକ୍ଷସଂସ୍ଥାର ମୁଖ୍ୟମାନେ ଯୋଗ ଦେବା ସହିତ ଓଲିଉଡ୍ କଣ୍ଠଶିଳ୍ପୀ ଦିପ୍ତିରେଖା ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି ।

# ଭୁବନେଶ୍ୱରରେ ପହଞ୍ଚିଲେ ଟିମ୍ ଇଣ୍ଡିଆ ଓ ଇଂଲଣ୍ଡର ଖେଳାଳି: ଭିଡ଼ ଜମାଇଲେ ପ୍ରଶଂସକ

ଭୁବନେଶ୍ୱର, ୦୭/୨: ବାରବାଟୀରେ ରବିବାର ଖେଳାଯିବାକୁ ଥିବା ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ଭୁବନେଶ୍ୱରରେ ଆସି ପହଞ୍ଚିଛନ୍ତି ଇଣ୍ଡିଆ ଓ ଇଂଲଣ୍ଡ ଖେଳାଳି। ଏକ ସ୍ୱତନ୍ତ୍ର ବିମାନ ଯୋଗେ ଉଭୟ ଦେଶର ଖେଳାଳି ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ଆସି ପହଞ୍ଚିଛନ୍ତି। ସେଠାରୁ ସେମାନଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୁବନେଶ୍ୱରର ମେ' ଫେୟାର ହୋଟେଲକୁ ନିଆଯାଇଛି। ତେବେ ଭାରତୀୟ ଖେଳାଳିଙ୍କ ଟିକିଏ ଝଲକ ପାଇବା ପାଇଁ ବିମାନବନ୍ଦରରେ ପ୍ରଶଂସକଙ୍କ ଖଚାଖଚ୍ ଭିଡ଼ ଜମିଥିଲା। କେବଳ ବିମାନବନ୍ଦର ନୁହେଁ ପଞ୍ଚତାରକା ହୋଟେଲ ବାହାରେ ମଧ୍ୟ ବହୁ କ୍ରିକେଟ୍ ଫ୍ୟାନ୍ ଖେଳାଳିଙ୍କୁ ଦେଖିବା ପାଇଁ ଅପେକ୍ଷା କରି ରହିଥିଲେ। ତେବେ ଏଥିପାଇଁ ପୂର୍ବରୁ ପ୍ରସ୍ତୁତ ରହିଥିବା କମିଶନରେଟ ପୋଲିସ ଭିଡକୁ ନିୟନ୍ତ୍ରଣରେ ରଖିଥିଲା। ବିମାନବନ୍ଦରରେ ପହଞ୍ଚିବା ପରେ ପ୍ରଥମ ବସ୍ ରେ ଟିମ୍ ଇଣ୍ଡିଆ ଯାଉଥିବା ବେଳେ ପଛ ବସ୍ ରେ ଇଂଲଣ୍ଡ ଖେଳାଳିମାନେ



ଆସିଥିଲେ। ଏହା ପୂର୍ବରୁ କମିଶନରେଟ୍ ପୋଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାର କଡ଼। ଯାଞ୍ଚ କରାଯାଇଥିଲା। ବିଶେଷକରି ଖେଳାଳିଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଖେଳାଳିମାନେ ଭୁବନେଶ୍ୱରରୁ କଟକ ଯିବାବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହିକାମରେ ମୋଟ ୫୦ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହୋଇଛନ୍ତି ବୋଲି ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

## ସାମ୍ନାକୁ ଆସିଲା ମୋ ବସ୍ ସହିତ ଲୁନା ଦୁର୍ଘଟଣାର ସିସିଟିଭି ଫୁଟେଜ

ଭୁବନେଶ୍ୱର, ୭/୨(ନିପ୍ର): କଟକ ଖାନନଗରରେ ମୋ ବସ୍ ସହିତ ଏକ ଲୁନାର ଦୁର୍ଘଟଣାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି । ସିସିଟିଭି ଫୁଟେଜରେ ପରିବା ବୋଝେଇ ଲୁନା ଦ୍ରୁତ ଗତିରେ ଆସି ନିଜର ଭାରସାମ୍ୟ ହରାଇ ନିଜେ ମୋ ବସ୍ ସହିତ ମାଡ଼ ହୋଇ ଦୁର୍ଘଟଣାର ଶିକାର ହୋଇଛି । କୁଟ ପକ୍ଷରୁ ଦୁର୍ଘଟଣା ବେଳର ଭିଡିଓ ସେୟାର କରାଯାଇଛି । ଭିଡିଓରେ ଲୁନାଟି ଭାରସାମ୍ୟ ହରାଇ ମୋ ବସରେ ମାଡ ହୋଇଥିବାର ଦେଖିବାକୁ ମିଳିଛି ।

# ବାରବାଟୀରେ କିଙ୍ଗ୍ କୋହଲିଙ୍କ ଖେଳିବାକୁ ନେଇ ଆଶଙ୍କାରେ କ୍ରିକେଟ୍ ପ୍ରେମୀ

କଟକ,୭/୨ : ଗୁରୁବାର ଭାରତ-ଇଂଲଣ୍ଡ ଦିନିକିଆ ସିରିଜରେ ନାଗପୁରରେ ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା । ଭେଟେରାନ ବିରାଟ କୋହଲି ଆହତ ହେବା ଯୋଗୁ ଏହି ମ୍ୟାଚ୍ ଖେଳିନାହାନ୍ତି । ଏହାକୁ ନେଇ ଆଶଙ୍କାରେ ପଡ଼ିଛନ୍ତି ଓଡ଼ିଶାରେ ଥିବା ବିରାଟ ପ୍ରେମୀ । ଆଉ ଦିନକ ପରେ ଦ୍ୱିତୀୟ ଦିନିକିଆ ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ । ଏଥିରେ କୋହଲି ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇନି । ଯଦି ନଖେଳନ୍ତି ତେବେ ପ୍ରାୟ ୪ବର୍ଷ ପରେ କିଙ୍ଗ୍ କୋହଲିଙ୍କ ଖେଳ ଲାଇଭ୍ ଦେଖିବାକୁ ସୁଯୋଗ ହାତଛଡ଼ା କରିବେ ପ୍ରଶଂସକ । ଅନ୍ୟପକ୍ଷରେ ନୂଆ



ତାରକାଙ୍କ ଉପରେ ବାରବାଟୀ ଦର୍ଶକଙ୍କ ନଜର ରହିବ । ଶୁଭମନ୍ ଗିଲ, ଯଶସ୍ୱୀ ଜୈସ୍ୱାଲ, ହର୍ଷିତ ରାଣାଙ୍କ ଭଳି ଖେଳାଳି ପ୍ରଥମଥର ବାରବାଟୀ ପିଚ୍‌କୁ ଓହ୍ଲାଇବାକୁ ଯାଉଛନ୍ତି । ବାରବାଟୀରେ ଶେଷଥର ୨୦୧୯ ଡିସେମ୍ବର ୨୨ ତାରିଖରେ କୋହଲିଙ୍କୁ ଦେଖିବାକୁ ମିଳିଥିଲା । ଏହି ମ୍ୟାଚରେ ସେ ଦଳର ଅଧିନାୟକ ଥିଲେ । ୱେଷ୍ଟଇଣ୍ଡିଜ୍ ବିପକ୍ଷ ଏହି ମ୍ୟାଚରେ କୋହଲି ଦଳ ପାଇଁ ସର୍ବାଧିକ ୮୫ରନ୍‌ର ପାଳି ଖେଳିଥିଲେ । ଭାରତ ୪ୱିକେଟରେ ମ୍ୟାଚ ଜିତିଥିଲା । ପରେ ୨୦୨୨ରେ ଜୁନ୍ ୧୨ରେ ଦକ୍ଷିଣଆଫ୍ରିକା ବିପକ୍ଷ ଟି-ଟ୍ୱେଣ୍ଟିରେ କୋହଲି ଦଳରେ ନଥିଲେ । ଏବେ ପ୍ରାୟ ୪ ବର୍ଷ ପରେ ପୁଣିଥରେ କୋହଲିଙ୍କୁ ଦେଖିବାକୁ ସୁଯୋଗ ରହିଛି । ଚାମ୍ପିଅନ୍ସ ଟ୍ରଫି ପରେ କୋହଲି ଦିନିକିଆରୁ ଅବସର ନେବାର ଆଶଙ୍କା ରହିଛି।

# କିମ୍ସରେ ବିଂଶତମ ଜାତୀୟ ଫୋନୋ ସର୍ଜନ ସମ୍ମିଳନୀ

ଭୁବନେଶ୍ୱର, ୭ ।୨(ନିପ୍ର): ଆସୋସିଏସନ୍ ଅଫ୍ ଫୋନୋ ସର୍ଜନ୍ସ ଅଫ୍ ଇଣ୍ଡିଆ (ଏପିଏସ୍ଆଇ)ର ୨୦ତମ ଜାତୀୟ ଫୋନୋ ସର୍ଜନ ସମ୍ମିଳନୀ 'ଫୋନୋକନ୍-୨୦୨୫' ଶୁକ୍ରବାର କିମ୍ସରେ ଉଦ୍‌ଘାଟିତ ହୋଇଯାଇଛି । ୩ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ୪ଶହରୁ ଊର୍ଦ୍ଧ୍ୱ ସ୍ୱର ବିଶେଷଜ୍ଞ, ସର୍ଜନ, ସ୍ପିଚ୍ ଥେରାପିଷ୍ଟ ଯୋଗ ଦେଇଛନ୍ତି । ଏ ନେଇ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ଏପିଏସ୍ଆଇର ସଭାପତି ତଥା କିମ୍ସ କର୍ଣ୍ଣ, ନାସା ଓ ଗଳା ବିଭାଗ ମୁଖ୍ୟ ପ୍ରଫେସର ଡା. କବିକାନ୍ତ ସାମନ୍ତରାୟ କହିଲେ ତୃତୀୟ ଥର ପାଇଁ ଏହି ସମ୍ମିଳନୀ ଓଡ଼ିଶାରେ ଅନୁଷ୍ଠିତ ହେଉଛି । ଏହି ସମ୍ମିଳନୀରେ ସ୍ୱରଯନ୍ତ୍ର ଜନିତ ସମସ୍ୟା ଓ ତାହାର ନିରାକରଣ ବିଷୟରେ ତିନିଧରି ଆଲୋଚନା, କର୍ମଶାଳା ଅନୁଷ୍ଠିତ




ହେବା ସହ କର୍ଣ୍ଣ, ନାସା ଓ ଗଳା ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଲାଇଭ୍ ସର୍ଜରୀ କରାଯିବ । ଅତ୍ୟଧିକ କଥା କହିବା ଆମ ଶରୀରର ସ୍ୱରଯନ୍ତ୍ର ଉପରେ ପ୍ରଭାବ ପକାଇଥାଏ ବୋଲି ସେ କହିଥିଲେ । ଫଳରେ ଆମ ସ୍ୱରରେ ପରିବର୍ତ୍ତନ ଘଟିଥାଏ । ତେଣୁ ଆବଶ୍ୟକତା ଠାରୁ ଅଧିକ ସମୟ କଥା ନ କହିବା ଓ ସୁସ୍ଥ ଗଳା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଦିନରେ ଓ ରାତିରେ ଦୁଇଥର ଦାନ୍ତ ଘଷିବା ସହ ଉଷୁମ ପାଣିରେ ଗର୍ଗଲିଂ କରିବା ପାଇଁ ପ୍ରଫେସର ସାମନ୍ତରାୟ ପରାମର୍ଶ ଦେଇଥିଲେ । ସମ୍ମିଳନୀ ଆୟୋଜନ କମିଟିର ସମ୍ପାଦକ ଡା. ଖଗେଶ୍ୱର ରାଉତ କହିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତ୍ୟେକ ମଣିଷର ସ୍ୱର ଜନ୍ମଗତ ବୋଲି ସାଧାରଣରେ ଏକ ଧାରଣା ରହିଛି । କିନ୍ତୁ ଶରୀରରେ ଥିବା ସ୍ୱର ଯନ୍ତ୍ରର ଅସ୍ତ୍ରୋପଚାର କରାଯାଇ ସ୍ୱରକୁ ଠିକ୍ କରାଯାଇପାରିବ ବୋଲି ସେ କହିଥିଲେ । ପାନ, ଗୁଟଖା ଆଦି ତମାଖୁ ଖାଇବା ଓ ଧୂମପାନ ଆମର ସ୍ୱର ଯନ୍ତ୍ର ଓ ଗଳା ଉପରେ ପ୍ରଭାବ ପକାଇଥାଏ । ଏଥିଯୋଗୁଁ ଆମର ସ୍ୱର ଖରାପ ହେବା ସହ ନିଶ୍ୱାସ ନେବା ଓ ଢୋକିବାରେ ସମସ୍ୟା ସୃଷ୍ଟି ହୋଇଥାଏ । ସ୍ୱରରେ ପରିବର୍ତ୍ତନ କିମ୍ବା ଗଳା ଖରାପ ହେଲେ ଏହାକୁ ଆଦୌ ଅବହେଳା ନ କରିବାକୁ ସେ ପରାମର୍ଶ ଦେଇଥିଲେ । ପାନ, ଗୁଟଖା ଓ ଧୂମପାନ ସେବନଠାରୁ ଦୂରେଇ ରହିବା ପାଇଁ ବ୍ୟାପକ ସଚେତନା ସୃଷ୍ଟି ଉପରେ ଡା ରାଉତ ଗୁରୁତ୍ୱାରୋପ କରିଥିଲେ । ଏସବୁର ସଚେତନତା ପାଇଁ ସେ ଗଣମାଧ୍ୟମର ସହଯୋଗ କାମନା କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ଏପିଏସ୍ଆଇର ପ୍ରତିଷ୍ଠାତା ସଭାପତି ଡା. ଭି ଫଣୀନ୍ଦ୍ରକୁମାର ଓ ସମ୍ପାଦକ ଡା ଆଲୋକ କାରୋଲକର ପ୍ରମୁଖ ଉପସ୍ଥିତ ଥିଲେ ।

## ୫ ବର୍ଷ ପରେ କମିଲା ରେପୋରେଟ

### ୬.୫୦ପ୍ରତିଶତରୁ ହେଲା ୬.୨୫ପ୍ରତିଶତ

ନୂଆଦିଲ୍ଲୀ,୭।୨: ଦେଶରେ ମଧ୍ୟବିତ୍ତ ବର୍ଗଙ୍କୁ ଏଥରର ବଜେଟରେ ଆୟକର ଛାଡ ବାର୍ଷିକ ୧୨ ଲକ୍ଷ ଟଙ୍କା ଉପରେ ଘୋଷିତ ହୋଇଥିଲା । ଏହି ଆଶ୍ୱସ୍ତି ପରେ ଏବେ ଋଣ ଶସ୍ତା ହେବା ନେଇ ଭେଟି ମିଳିଛି । ଭାରତୀୟ ରିଜର୍ଭ ବ୍ୟାଙ୍କର ନୂଆ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ଶୁକ୍ରବାର ଘୋଷଣା କରିଛନ୍ତି ଯେ ୨୫ପ୍ରତିଶତ ରେପୋ ରେଟ୍ ହ୍ରାସ ପାଇଛି। ୫ ବର୍ଷ ପରେ ଏହି ରେପୋ ରେଟ୍ ୬.୫୦ପ୍ରତିଶତରୁ କମି ୬.୨୫ପ୍ରତିଶତ କରାଯାଇଛି ।ଶ୍ରୀ ମଲହୋତ୍ରା ମନିଟାରୀ ପିଲିସି କମିଟି(ଏମପିସି)ରେ ଏହି ଘୋଷଣା କରିଛନ୍ତି । ଏମପିସିର ସମସ୍ତ ସଦସ୍ୟ ରେପୋ ରେଟ୍ କମାଇବା ପକ୍ଷରେ ରହିଥିଲେ । ରେପୋ ରେଟରେ ଏହି ପରିବର୍ତ୍ତନ ହେତୁ ସାଧାରଣ ଲୋକଙ୍କୁ ହୋମ୍ ଲୋନ୍, ଯାନବାହାନ, ପର୍ସନାଲ ଲୋନର ଇଏମଆଇରେ ଆଶ୍ୱସ୍ତି ମିଳିବ । ଲୋନ୍ ଶସ୍ତା ହେବା ଫଳରେ ଇଏମଆଇ ବୋଝ କମିବ । ଜଣେ ୮.୫ ପ୍ରତିଶତ ସୁଧରେ ୨୦ ବର୍ଷ ପାଇଁ ୫୦ ଲକ୍ଷ ଟଙ୍କା ଋଣ କ୍ଷେତ୍ରରେ ତାଙ୍କର ଇଏମ୍ଆଇ କମିବ । ୮.୫ ପ୍ରତିଶତ ସୁଧରେ ତାଙ୍କୁ ୪୩, ୩୯୧ ଟଙ୍କା ଦେବାକୁ ପଡିଥାନ୍ତା ମାତ୍ର ରେପୋ ରେଟ୍ କମିବା ପରେ ତାଙ୍କୁ ୮.୨୫ ପ୍ରତିଶତରେ ୪୨, ୬୦୩ ଟଙ୍କା ଦେବାକୁ ପଡିବ । ଫଳରେ ମାସକୁ ୭୮୮ ଟଙ୍କା ଓ ବର୍ଷକୁ ୯,୪୫୬ ଟଙ୍କା ସଂଚୟ କରିପାରିବେ ।

## ଓସିଏସ ପ୍ରିଲିମ୍: ୪୭୯୯ ପ୍ରାର୍ଥୀ କୃତକାର୍ଯ୍ୟ




କଟକ,୭।୨: ଓଡ଼ିଶା ଲୋକସେବା ଆୟୋଗ (ଓପିଏସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପ୍ରିଲିମ ପରୀକ୍ଷା-୨୦୨୩ ର ଫଳ ଶୁକ୍ରବାର ପ୍ରକାଶିତ ହୋଇଛି । ପ୍ରିଲିମ ପରୀକ୍ଷାରେ ମୋଟ ୪ହଜାର ୭୯୯ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଏଥିରେ ମୋଟ ୧୫୭୩ ଜଣ ମହିଳା ଅଛନ୍ତି ।। ତେବେ କେଉଁମାନେ ପ୍ରିଲିମି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ଓପିଏସିର ୱେବସାଇଟ ଏଚଟିଟିପି// ଓପିଏସି.ଗଭ.ଇନ କୁ ଯାଇ ରୋଲ ନମ୍ବର ଦେଲେ ଫଳାଫଳ ଜାଣିପାରିବେ ବୋଲି ଓପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି ।

## ମେ ୪ ରେ ନିଟ୍ ୟୁଜି ପରୀକ୍ଷା

ଭୁବନେଶ୍ୱର, ୭/୨: ମେ ୪ ରେ ନିଟ୍ ୟୁଜି ପରୀକ୍ଷା ହେବ। ମେ ୧ ସୁଦ୍ଧା ଆଡମିଟ୍ କାର୍ଡ ମିଳିବ। ୧୩ ଟି ଭାଷାରେ ଏହି ପରୀକ୍ଷା ହେବ ବୋଲି ଏନଟିଏ ସୂତ୍ରରୁ ପ୍ରକାଶ

## ବଢ଼ିପାରେ ଧାନର ସହାୟକ ମୂଲ୍ୟ

ଭୁବନେଶ୍ୱର,୭।୨: ପୁଣି ବଢ଼ିପାରେ ଧାନର ସହାୟକ ମୂଲ୍ୟ। ଧାନ ସହ ଡାଲି ଓ ତୈଳ ଜାତୀୟ ଦ୍ରବ୍ୟର ବି ସହାୟକ ମୂଲ୍ୟ ବୃଦ୍ଧି କରିପାରନ୍ତି କେନ୍ଦ୍ର ସରକାର। ଶୁକ୍ରବାର ଏ ପ୍ରସଙ୍ଗରେ ପୂର୍ବ ଭାରତ ରାଜ୍ୟ ସମୂହ ବୈଠକରେ କେନ୍ଦ୍ର ପାଖରେ ପ୍ରସ୍ତାବ ରଖିଛନ୍ତି ବିଭିନ୍ନ ରାଜ୍ୟର ପ୍ରତିନିଧି ମଣ୍ଡଳ।ଏହି କ୍ରମରେ ରାଜ୍ୟ ଅତିଥି ଭବନରେ ବସିଥିବା ଏକ ବୈଠକରେ କମିଶନ ଫର ଏଗ୍ରିକଲଚର କଷ୍ଟସ ଆଣ୍ଡ ପ୍ରାଇସେସ୍‌ର ଅଧ୍ୟକ୍ଷ ପ୍ରଫେସର ବିଜୟ ପଲ ଶର୍ମା ଯୋଗଦେଇଥିବା ବେଳେ ଓଡ଼ିଶା, ଛତିଶଗଡ଼, ବିହାର, ପଶ୍ଚିମ ବଙ୍ଗ ଓ ଝାଡ଼ଖଣ୍ଡର ପ୍ରତିନିଧି ମଣ୍ଡଳ ଯୋଗ ଦେଇଥିଲେ। ଧାନ, ଗହମ, ଡାଲି ଓ ତୈଳ ଜାତୀୟ ଶସ୍ୟ କେଉଁ ରାଜ୍ୟରେ ଉତ୍ପାଦନ ଦର କେତେ ରହୁଛି ଏନେଇ ଏକ ତଥ୍ୟ କେନ୍ଦ୍ର ଆଗରେ ଉପସ୍ଥାପନ କରିଥିଲେ।ଏହି ଅନୁପାତରେ ଏମଏସପିର ମୂଲ୍ୟ କେତେ ବୃଦ୍ଧି କରାଗଲେ ଚାଷୀ ଉପକୃତ ହେବେ ସେନେଇ ଆଲୋଚନା ହୋଇଥିଲା।

## ମାର୍ଚ୍ଚରେ ମିଳିପାରେ ଆୟୁଷ୍ମାନ କାର୍ଡ

ଭୁବନେଶ୍ୱର,୭।୨: ଓଡ଼ିଶାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ ପାଇଁ ଗତ ମାସ ୧୩ ତାରିଖରେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। ଏହି ଯୋଜନା ଲାଗୁ ହେଲେ ରାଜ୍ୟର ୧.୩ କୋଟି ପରିବାରର ସାଢ଼େ ୩ କୋଟି ଲୋକ ତଥା ୨୩ ଲକ୍ଷରୁ ଅଧିକ ୭୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ଚିକିତ୍ସା କ୍ଷେତ୍ରରେ ଉପକୃତ ହେବେ । ତେବେ କେବେଠୁ ରାଜ୍ୟରେ ଲୋକଙ୍କୁ କାର୍ଡ ମିଳିବ ସେନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ବର୍ତ୍ତମାନ କାର୍ଡ ପ୍ରିଣ୍ଟ ସହ ଆଇଟି ସଂଯୋଗୀକରଣ ଚାଲିଛି, ମାର୍ଚ୍ଚ ଶେଷ ବେଳକୁ ଆୟୁଷ୍ମାନ କାର୍ଡ ମିଳିପାରେ।

## ନୂଆ ଆୟକର ବିଲ୍‌କୁ କ୍ୟାବିନେଟ ମଞ୍ଜୁରି

### ରାୟଗଡ଼ା ରେଳ ଡିଭିଜନକୁ ପାଇଲା ଅନୁମୋଦନ

ନୂଆଦିଲ୍ଲୀ,୭।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର କେନ୍ଦ୍ର କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅନେକ ପ୍ରମୁଖ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ନୂଆ ଆୟକର ବିଲ୍ ପ୍ରସ୍ତାବକୁ ମୋଦି କ୍ୟାବିନେଟ୍ ଅନୁମୋଦନ କରିଛି। ଏହା କାର୍ଯ୍ୟକାରୀ ହେଲେ ଦେଶର ଟିକସ ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି। ଗତ ୧ତାରିଖରେ ଆଗତ ହୋଇଥିବା କେନ୍ଦ୍ର ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୂଆ ଆୟକର ଆଇନ ସଂପର୍କରେ ଘୋଷଣା କରିଥିଲେ ।ଏଥିସହ ସ୍କିଲ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ନେଇ ମଧ୍ୟ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ନୂଆ ରେଳ ଡିଭିଜନ ଗଠନ ପ୍ରସ୍ତାବକୁ ମଧ୍ୟ ମୋଦି କ୍ୟାବିନେଟ ଅନୁମୋଦନ କରିଛି । ଏହି ନିଷ୍ପତ୍ତି ଅନୁସାରେ ୱାଲଟିୟର ଡିଭିଜନର ନୂଆ ନାମ ବିଶାଖାପାଟଣା ଡିଭିଜନ ହେବ ଓ ଏହା ଦକ୍ଷିଣ ତଟ ରେଳପଥ ଅଧୀନରେ ରହିବ । ସେହିପରି ଏକ ନୂଆ ରେଳ ଡିଭିଜନ - ରାୟଗଡ଼ା ଡିଭିଜନ ସ୍ଥାପନ କରାଯିବ ଓ ଏହାର ମୁଖ୍ୟାଳୟ ରାୟଗଡ଼ାଠାରେ ରହିବ । ଏହି ଡିଭିଜନ ଅଧିନରେ କୋଟ୍ଟାଭାଲାସା - ବାଚେଲି, କୁନେରୁ - ଥେରୁବାଲି ଜେ.ଏନ୍., ସିଙ୍ଗାପୁର ରୋଡ୍ - କୋରାପୁଟ ଜନ୍ ଏବଂ ପାରଳାଖେମୁଣ୍ଡି - ଗୁଣପୁର ମଧ୍ୟରେ ଥିବା ସମସ୍ତ ଷ୍ଟେସନ ରହିବ । ନୂଆ ରେଳ ଡିଭିଜନ ଗଠନ ପ୍ରସ୍ତାବକୁ ମଧ୍ୟ ମୋଦୀ କ୍ୟାବିନେଟ ଅନୁମୋଦନ କରିଛି ।

## ଜେଲ ଭିତ୍ତିଭୂମି ବିକାଶ ପାଇଁ ଏନଟିପିସି ବୋଙ୍ଗାଇଗାଓଁ ସିଏସଆର ପଦକ୍ଷେପକୁ ସୁଦୃଢ଼ କଲା

**ଭୁବନେଶ୍ୱର, ୭ ।୨(ନିପ୍ର):** କୋକ୍ରାଝାର ଜିଲ୍ଲା ଜେଲରେ ଏକ ରୋଷେଇ ଘର ଏବଂ ବହୁମୁଖୀ ହଲ୍ ବିକାଶ ପାଇଁ କୋକ୍ରାଝାର ଜିଲ୍ଲା ପ୍ରଶାସନ ଏବଂ ପିଡବ୍ଲୁଡି, କୋକ୍ରାଝାର ଏବଂ ଚିରଙ୍ଗ ଜିଲ୍ଲା କ୍ଷେତ୍ରୀୟ ଡିଭିଜନ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରି ଏନଟିପିସି ବୋଙ୍ଗାଇଗାଓଁ। ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପଦକ୍ଷେପକୁ ସୁଦୃଢ଼ କରିଛି । ଏହି ପଦକ୍ଷେପ ଜେଲ ପରିସରରେ ଭିତ୍ତିଭୂମିକୁ ଉନ୍ନତ କରିବ, କଏଦୀମାନଙ୍କ ପାଇଁ ଉନ୍ନତ ସୁବିଧା ସୁନିଶ୍ଚିତ କରିବ ଏବଂ ସେମାନଙ୍କ ପୁନର୍ବାସକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ଅଧୀନରେ, ଏନଟିପିସି ବୋଙ୍ଗାଇଗାଓଁ କୋକ୍ରାଝାର ଜିଲ୍ଲା ଜେଲରେ ଭିତ୍ତିଭୂମି ବିକାଶ ପାଇଁ ୩୨.୮୨ ଲକ୍ଷ + ଜିଏସଟି ପ୍ରତିବଦ୍ଧ କରିଛି। ଏହି ପ୍ରକଳ୍ପରେ ଏକ ଆଧୁନିକ ରୋଷେଇ ଘର ନିର୍ମାଣ, ସ୍ୱଚ୍ଛ ଖାଦ୍ୟ ପ୍ରସ୍ତୁତି ଏବଂ ଖାଦ୍ୟ ବଣ୍ଟନ ସୁନିଶ୍ଚିତ କରିବା ଏବଂ ଏକ ବହୁମୁଖୀ ହଲ୍ ଅନ୍ତର୍ଭୁକ୍ତ, ଯାହା ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ବୃତ୍ତିଗତ ତାଲିମ ଏବଂ ପୁନର୍ବାସ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ହେବ। କଏଦୀଙ୍କ ଜୀବନର ଗୁଣବତ୍ତା ଉନ୍ନତ କରିବା ଏବଂ ସମାଜରେ ସେମାନଙ୍କର ପୁନଃମିଳନକୁ ସମର୍ଥନ କରିବା ଲକ୍ଷ୍ୟରେ ଏହି ପ୍ରକଳ୍ପ ୧୬ ମାସ ମଧ୍ୟରେ ସମାପ୍ତ ହେବାର ଆଶା କରାଯାଉଛି, ଯାହାର କାର୍ଯ୍ୟାନ୍ୱୟନ ଏବଂ ତଦାରଖ ଜିଲ୍ଲା ପ୍ରଶାସନ, କୋକ୍ରାଝାର ଏବଂ ପିଡବ୍ଲୁଡି, କୋକ୍ରାଝାର ଏବଂ ଚିରାଙ୍ଗ ଜିଲ୍ଲା କ୍ଷେତ୍ରୀୟ ଡିଭିଜନ ଦ୍ୱାରା କରାଯିବ।

# ରାଜ୍ୟରେ ଆରମ୍ଭ ହେଲା ସୁଗମ୍ୟ ଯାତ୍ରା

ଭୁବନେଶ୍ୱର, ୭।୨(ନିପ୍ର): ମେଡିକାଲ ସହ ସରକାରୀ କାର୍ଯ୍ୟାଳୟରେ କିଭଳି ସୁରୁଖୁରୁରେ ପହଞ୍ଚିବେ ଦିବ୍ୟାଙ୍ଗ ଏଥିପାଇଁ ରାଜ୍ୟରେ ଆରମ୍ଭ ହୋଇଛି ସୁଗମ୍ୟ ଯାତ୍ରା କାର୍ଯ୍ୟକ୍ରମ । ରାଜ୍ୟ ତୋଷାଳୀ ଭବନରେ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଛନ୍ତି ଭିନ୍ନକ୍ଷମ ଓ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଭୁବନେଶ୍ୱରରେ ତିନୋଟି ଜୋନ ପାଇଁ ତିନୋଟି ଟିମ୍ ଗଠନ କରାଯାଇଛି । ଏହି ଟିମ ଗୁଡିକ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବୁଲି ଭିନ୍ନକ୍ଷମଙ୍କ ପାଇଁ କେଉଁଠି କଣ ବ୍ୟବସ୍ଥା ରହିଛି ତାହା ଅନୁଧ୍ୟାନ କରିବ । ଟିମ୍ ରିପୋର୍ଟ ଦେବା ପରେ ଆବଶ୍ୟକ ସ୍ଥଳେ ଭିନ୍ନକ୍ଷମଙ୍କ ପାଇଁ ସରକାରୀ କାର୍ଯ୍ୟାଳୟରେ ଉଚିତ ବ୍ୟବସ୍ଥା କରାଯିବ । ଜିଲ୍ଲାଗୁଡିକରେ ଜିଲ୍ଲାପାଳମାନେ ଏହି କାର୍ଯ୍ୟକ୍ରମ ତଦାରଖ କରିବେ ବୋଲି କହିଛନ୍ତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।

# ୧୦ରେ ଫ୍ରାନ୍ସ, ୧୨ରେ ମୋଦିଙ୍କ ଆମେରିକା ଗସ୍ତ

ନୂଆଦିଲ୍ଲୀ,୭।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଫେବୃଆରୀ ୧୦ରୁ ୧୨ ଯାଏଁ ତିନିଦିନିଆ ଫ୍ରାନ୍ସ ଗସ୍ତ କରିବେ । ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନଙ୍କ ସହ ଏଆଇ କ୍ରିୟାନୁଷ୍ଠାନ ଶିଖର ସମ୍ମେଳନକୁ ମିଳିତ ଭାବେ ସେ ଅଧ୍ୟକ୍ଷତା କରିବେ । ଏନେଇ ଶୁକ୍ରବାର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବ ବିକ୍ରମ ମିସ୍ରୀ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଫେବୃଆରୀ ୧୦ ସଂଧ୍ୟାରେ ପ୍ୟାରିସରେ ପହଞ୍ଚିବେ । ପରେ



ରାଷ୍ଟ୍ରପତି ମାକ୍ରୋନଙ୍କ ଦ୍ୱାରା ଆୟୋଜିତ ରାତ୍ରିଭୋଜନରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ମୋଦି ଫେବୃଆରୀ ୧୨ରେ ଆମେରିକା ଗସ୍ତ କରିବେ ବୋଲି ଜଣାପଡ଼ିଛି । ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଲାଗି ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ନେଇଥିବା ବେଳେ ତାଙ୍କୁ ଭେଟିବେ ପ୍ରଧାନମନ୍ତ୍ରୀ । ଫେବୃଆରୀ ୧୨ ଏବଂ ୧୩ ଦୁଇ ଦିନ ପ୍ରଧାନମନ୍ତ୍ରୀ ଆମେରିକାରେ ରହିବାର କାର୍ଯ୍ୟକ୍ରମ ରହିଛି । ଏନେଇ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି । ବିଦେଶ ସଚିବ ବିକ୍ରମ ମିସ୍ରୀ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦି ଆସନ୍ତା ଫେବୃଆରୀ ୧୨-୧୩ ଆମେରିକା ଗସ୍ତରେ ଯିବେ । ଏକ ସୂତ୍ରରୁ ପ୍ରକାଶ ପିଏମ୍ ମୋଦିଙ୍କ ଏହି ଗସ୍ତରେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଦୁଇଟି ବଡ଼ ପ୍ରତିରକ୍ଷା ବୁଝାମଣା ଉପରେ ହସ୍ତାକ୍ଷର ହୋଇପାରେ । ଏହି ଚୁକ୍ତିର ଆନୁମାନିକ ମୂଲ୍ୟ ୧୦ ବିଲିୟନ ଡଲାରରୁ ଅଧିକ ହୋଇପାରେ ।




DADLS-96

ଓଡ଼ିଶା ସରକାର

ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

୮ ଫେବୃଆରୀ, ୨୦୨୫

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର
ମନ୍ତ୍ରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ, ଓଡ଼ିଶା

ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା

ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ରୁଦ୍ର ନାରାୟଣ ପାଣି, ସାଂସଦ, ଢେଙ୍କାନାଳ

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଅଶୋକ ମହାନ୍ତି, ବିଧାୟକ, ପାଲଲହଡ଼ା
ଶ୍ରୀଯୁକ୍ତ ବିଭୂତି ଭୂଷଣ ପ୍ରଧାନ, ବିଧାୟକ, ପର୍ଜଙ୍ଗ
ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ, ଅନୁଗୋଳ
ଶ୍ରୀଯୁକ୍ତ ଅଗସ୍ତି ବେହେରା, ବିଧାୟକ, ଛେଣ୍ଡିପଦା
ଶ୍ରୀଯୁକ୍ତ ଶତ୍ରୁଘ୍ନ ଜେନା, ବିଧାୟକ, କାମାକ୍ଷାନଗର
ଶ୍ରୀମତୀ ସୀମାରାଣୀ ନାୟକ, ବିଧାୟିକା, ହିନ୍ଦୋଳ

ସମ୍ମାନନୀୟ ବକ୍ତା
ଡ. ଧରଣୀଧର ନାଥ
ପ୍ରାକ୍ତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0421/2425


# ଏପ୍ରିଲରୁ ଜାରି ହେବ ବେରୋଜଗାରୀଙ୍କ ସଂଖ୍ୟା

ନୂଆଦିଲ୍ଲୀ,୭।୨: ଦେଶର ନୀତି ନିର୍ଦ୍ଧାରଣ ପାଇଁ ନିୟମିତ ତଥ୍ୟର ଆବଶ୍ୟକତା ପଡୁଥିବାରୁ ବଡ଼ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର। ଏବେ ପ୍ରତି ମାସ ଦେଶର ବେରୋଜଗାରୀଙ୍କ ସଂଖ୍ୟା ବିଷୟରେ ତଥ୍ୟ ଜାରି କରାଯିବ। ଭାରତ ସରକାର ଏପ୍ରିଲରୁ ମାସିକ ବେକାରଙ୍କ ସଂଖ୍ୟା ପ୍ରକାଶ କରିବା ଆରମ୍ଭ କରିବେ ବୋଲି ଶୁକ୍ରବାର ଜଣେ ବରିଷ୍ଠ ଅଧିକାରୀ ସଚନା ଦେଇଛନ୍ତି। ଏପର୍ଯ୍ୟନ୍ତ, ସରକାର କେବଳ ସହରାଞ୍ଚଳ ପାଇଁ ତ୍ରୈମାସିକ ବେକାରଙ୍କ ସଂଖ୍ୟା ଏବଂ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ପାଇଁ ବାର୍ଷିକ ତଥ୍ୟ ପ୍ରକାଶ କରୁଥିଲେ। ହେଲେ ମୁମ୍ବାଇ ସ୍ଥିତ ଏକ ଘରୋଇ ଥିଙ୍କ୍ ଟ୍ୟାଙ୍କ, ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି, ଦେଶ ପାଇଁ ମାସିକ ଆକଳନ



ପ୍ରକାଶ କରୁଥିଲା। ଏନେଇ ତଥ୍ୟ ସଂଗ୍ରହର ତଦାରଖ କରୁଥିବା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ସଚିବ ସୌରଭ ଗର୍ଗ ସୂଚନା ଦେଇଛନ୍ତି। ସେ ଏକ କାର୍ଯ୍ୟକ୍ରମରେ କହିଛନ୍ତି 'ଆମେ ଜାନୁଆରୀରୁ ବେକାରି ତଥ୍ୟ ସଂଗ୍ରହ କରୁଛୁ, କିନ୍ତୁ ଆମେ ଏପ୍ରିଲରୁ ସେଗୁଡ଼ିକୁ ପ୍ରକାଶ କରିବୁ।' ଜିଲ୍ଲା-ସ୍ତରୀୟ ଆକଳନ ସଂଗ୍ରହ କରିବା ପାଇଁ ଜାନୁଆରୀ ମାସରୁ ନମୁନା ଡିଜାଇନଗୁଡ଼ିକୁ ପରିବର୍ତ୍ତନ କରାଯାଇଛି। ବିସ୍ତୃତ ନିଯୁକ୍ତି ତଥ୍ୟ ସ୍ଥାନୀୟ ସ୍ତରରେ ମଧ୍ୟ ନୀତିକୁ ପ୍ରଭାବିତ କରିବାରେ ସାହାଯ୍ୟ କରିବ ବୋଲି ଶ୍ରୀ ଗର୍ଗ କହିଛନ୍ତି। ଜାତୀୟ ନମୁନା ସର୍ଭେ (ଏନଏସଏସ)ର ମହାନିର୍ଦ୍ଦେଶକ ଗୀତା ସିଂହ ରାଠୋର କହିଛନ୍ତି ଯେ ସରକାର ଦେଶବ୍ୟାପୀ ବେକାରୀ, ଶ୍ରମଶକ୍ତି(ୱାର୍କଫୋର୍ସ) ଏବଂ ନିଯୁକ୍ତି ଉପରେ ମାସିକ ଆକଳନ ଜାରି କରିବେ। ଏହା ସହିତ, ତ୍ରୈମାସିକ ସାମୟିକ ଶ୍ରମଶକ୍ତି ସର୍ଭେ ଏବେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ପାଇଁ ପୃଥକ ଆକଳନ ତଥ୍ୟ ପ୍ରଦାନ କରିବ ବୋଲି ଗୀତା କହିଛନ୍ତି। ରାଠୋର ଏହା ମଧ୍ୟ କହିଛନ୍ତି ଯେ ଚାକିରି ସର୍ଭେ ପାଇଁ ନମୁନା ଆକାରକୁ ୧୬ ହଜାରରୁ ପ୍ରାୟ ୨୨ ହଜାରକୁ ବୃଦ୍ଧି କରାଯାଇଛି ଏଥିରେ ସର୍ଭେରେ ଦେଖାଯାଉଥିବା ତ୍ରୁଟି କମ୍ କରିବ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ